READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୮ | ସଂଖ୍ୟା-୨୦ | ୨୭ ମଇ - ୨ ଜୁନ୍, ୨୦୨୪ | ଭୁବନେଶ୍ୱର | Monday Weekly | VOL-8 | ISSUE-20 | 27th MAY - 2nd JUNE, 2024 | BHUBANESWAR | ₹ 5/- (8 Pages)




# ନବୀନ ସରକାର ଆଦିବାସୀ, ଜନଜାତି ବିରୋଧୀ : ଜୁଏଲ



**ଭୁବନେଶ୍ୱର :** ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀ ଜନଜାତିଙ୍କ ବିକାଶ ପାଇଁ ତଥା ଆଦିବାସୀଙ୍କ କଳା, ସଂସ୍କୃତିକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ "ଜନଜାତି ମନ୍ତ୍ରଣାଳୟ" ଗଠନ କରିଥିଲେ। ଅଟଳ ବିହାରୀ ବାଜପେୟୀ ଜନଜାତିଙ୍କ ବିକାଶ କଥା ଚିନ୍ତା କରି ଓଡ଼ିଶାର ଜଣେ ଆଦିବାସୀ ନେତା ଜୁଏଲ ଓରାମଙ୍କୁ ପ୍ରଥମରୁ ଜନଜାତି ବିକାଶ ମନ୍ତ୍ରଣାଳୟର ଦାୟିତ୍ୱ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ମୋଦିଙ୍କ ସରକାରରେ ମଧ୍ୟ ଜୁଏଲ ଓରାମ ଏହି ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ସମସ୍ତ ଆଦିବାସୀ ସମାଜ ପାଇଁ ଗର୍ବ ଓ ଗୌରବର ବିଷୟ। ଯଶସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଓଡିଶାର ଜଣେ ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁଙ୍କୁ ସମ୍ବିଧାନର ସର୍ବୋଚ୍ଚ ସ୍ଥାନରେ ଦେଇ ରାଷ୍ଟ୍ରପତି କରାଇଛନ୍ତି। ସେତିକି ନୁହେଁ ବିର୍ସା ମୁଣ୍ଡାଙ୍କ ଜନ୍ମଦିବସ ୧୫ ନଭେମ୍ବରକୁ ଜନଜାତୀୟ ଗୌରବ ଦିବସ ରୂପେ ୨୦୨୧ମସିହାଠାରୁ ପାଳନ କରାଯାଉଛି। କିନ୍ତୁ ବିଜେଡି ସରକାର ଦୀର୍ଘ ୨୫ବର୍ଷ ଶାସନରେ ରହିବି ଜନଜାତି ଓ ଆଦିବାସୀମାନଙ୍କ ପାଇଁ କିଛି କରିନାହାନ୍ତି ବୋଲି ସାଂସଦ ଜୁଏଲ ଓରାମ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସାଂସଦ ଶ୍ରୀ ଓରାମ କହିଛନ୍ତି ଯେ, ବିଜେଡି ସରକାରର ଆଦିବାସୀ ବିରୋଧୀ ମାନସିକତା ସେତେବେଳେ ସ୍ପଷ୍ଟ ହେଲା ଯେତେବେଳେ ଜନଜାତି ଉପଦେଷ୍ଟା ପରିଷଦ (ଟିଏସି)ର ଦ୍ୱାହି ଦେଇ ଆଦିବାସୀଙ୍କ ଜମିକୁ ଶିଳ୍ପପତି ଓ ପୁଞ୍ଜୀପତିଙ୍କୁ ଟେକି ଦେବା ପାଇଁ କ୍ୟାବିନେଟ୍ ନିଷ୍ପତି ନେବାର ଘୋଷଣା କଲେ। ୨୫ବର୍ଷର ବିଜେଡି ସରକାର ଥରେ ମଧ୍ୟ ଆଦିବାସୀଙ୍କ ପ୍ରତି ଆଦୌ ସମ୍ବେଦନା ପ୍ରକାଶ ➤ ପୃ-୬

## ରିମୋଟ୍‌ରେ ଚାଲୁଛି ଓଡ଼ିଶା ସରକାର : ସ୍ମୃତି ଇରାନୀ



**ଭୁବନେଶ୍ୱର :** ନିର୍ବାଚନୀ ପ୍ରଚାର ପାଇଁ ଦିନିକିଆ ଓଡିଶା ଗସ୍ତରେ ଆସିଥିଲେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ। ଶ୍ରୀମତି ଇରାନୀ ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀର କୁଜଙ୍ଗ, ଆଳି ଓ ରେମୁଣାଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିଥିଲେ। ଶ୍ରୀମତୀ ଇରାନୀ କହିଛନ୍ତି ଯେ, 'ମୋଦି ଗ୍ୟାରେଣ୍ଟି'କୁ ଓଡ଼ିଶାର ଲୋକେ ଚାହୁଁଛନ୍ତି। ବିଜେପି 'ଆମେଠିରୁ ରାହୁଲଙ୍କୁ ହଟାଇଛି, ଓଡ଼ିଶାରୁ ବିଜେଡି'କୁ ହଟାଇବ। ଓଡିଶାରେ ରିମୋଟ୍ କଣ୍ଟ୍ରୋଲରେ ସରକାର ଚାଲିଛି। ରିମୋଟ୍ ଧରି ତାମିଲବାବୁ ଓଡ଼ିଶାକୁ ଲୁଟୁଛନ୍ତି। ଓଡ଼ିଶାକୁ କବଜା କରି ରଖିଛନ୍ତି ତାମିଲବାବୁ। ୨୫ବର୍ଷରେ ବିଜେଡି ଓଡ଼ିଶାକୁ ଜମି, କୋଇଲା, ବାଲି ଓ ଖଣି ମାଫିଆଙ୍କ ଦେଇଛି। ତାମିଲ ବାବୁ କାହିଁକି ରତ୍ନଭଣ୍ଡାର ତଦନ୍ତ ରିପୋର୍ଟକୁ ସାର୍ବଜନୀନ ନକରି ଚାପି ଦେଲେ? ଓଡ଼ିଶାରେ ବିଜେପି ସରକାର ଆସିଲେ, ରତ୍ନଭଣ୍ଡାର ଚାବି ହଜିବା ରିପୋର୍ଟର ଯାଞ୍ଚ କରାଯିବ। ଯାଞ୍ଚ ପରେ ଦୋଷୀ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ କହିବାର ସ୍ୱାଧୀନତା ନାହିଁ କି କାହାକୁ ଭେଟିବାର ସ୍ୱାଧୀନତା ନାହିଁ। ➤ ପୃ-୬

## ୨୯ରେ ବାରିପଦା ଆସିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର :** ବାରିପଦା ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆସନ୍ତା ୨୯ ତାରିଖ ବୁଧବାର ବାରିପଦା ଗସ୍ତରେ ଆସୁଛନ୍ତି ଭାରତର ପ୍ରଧାନମନ୍ତ୍ରୀ ମୋଦି। ୨୯ ତାରିଖ ଦିବା ୧୧ ଘଟିକା ସମୟରେ ବାରିପଦା ସହରର ବହୁ ପ୍ରତିଷ୍ଠିତ ଓ ଐତିହାସିକ ଛଉପଡ଼ିଆ ଠାରେ ପଦାର୍ପଣ କରି ଦଳୀୟ ପ୍ରଚାର କାର୍ଯ୍ୟକ୍ରମ ରେ ଯୋଗ ଦେବେ ମୋଦି। ତେଣୁ ମୋଦିଙ୍କ ଗସ୍ତକୁ ନେଇ ବାରିପଦା ସହର ➤ ପୃ-୬

## 'ନିର୍ବାଚନ ଫଳାଫଳ ବିଜେପି ସପକ୍ଷରେ ଯିବ'

**ଭୁବନେଶ୍ୱର :** ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି। ଓଡ଼ିଶାର ସାଧାରଣ ନାଗରିକ ସରକାର ପରିବର୍ତ୍ତନ କରିବା ପାଇଁ ନିଷ୍ପତି ନେଇଥିବା ଜନମତରୁ ସ୍ପଷ୍ଟ ଜଣାପଡୁଛି। ଜୁନ୍ ୧୦ରେ ବିଜେପି ସରକାର ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓଡ଼ିଆ ପୁଅ କିମ୍ବା ଝିଅ ହେବ, ଏଥିରେ କୌଣସି ଦ୍ୱିମତ ନାହିଁ। ନୂତନ ଭୋଟର, ଯୁବପିଢ଼ି ତଥା ମାତୃଶକ୍ତି ଉତ୍ସାହର ସହ ମତଦାନ ସାବ୍ୟସ୍ତ କରିଛନ୍ତି। ଏହା ସ୍ପଷ୍ଟ ହେଉଛି ତୃତୀୟ ପର୍ଯ୍ୟାୟ ୬ଟି ଲୋକସଭା ସମ୍ପୂର୍ଣ୍ଣ ରୂପେ ବିଜେପି ଜିତୁଛି। ଲୋକଙ୍କ ଉତ୍ସାହରୁ ସ୍ପଷ୍ଟ ହେଉଛି ବିଜେପି ସରକାର ସୁନିଶ୍ଚିତ। ଏଥିଲାଗି ସାରା ଓଡ଼ିଶାବାସୀଙ୍କୁ ବିଶେଷ କରି ୬ଟି ଲୋକସଭା ଏବଂ ବିଧାନସଭାର ➤ ପୃ-୬

## ପ୍ରଜାତନ୍ତ୍ରରେ ଭୋଟ୍ ସବୁଠାରୁ ପ୍ରଭାବଶାଳୀ : ଧର୍ମେନ୍ଦ୍ର



**ଭୁବନେଶ୍ୱର/ସମ୍ବଲପୁର :** ଓଡ଼ିଶାର ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ସମ୍ବଲପୁର ଲୋକସଭା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ମୃଦୁଳା ଟି ପ୍ରଧାନ ୨୦୨୪ ଲୋକସଭା ଓ ବିଧାନସଭା ଆସନ ପାଇଁ ନିଜର ମତଦାନ ସାବ୍ୟସ୍ତ କରିଛନ୍ତି। ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲ କ୍ୟାମ୍ପସ-୨ରେ ବୁଥ୍ ନଂ ୫୯ରେ ଭୋଟ୍ ଦେଇଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ ହୋଇ ମୁଁ ବେଶ୍ ଆନନ୍ଦିତ। ଭାରତର ଗଣତନ୍ତ୍ର ଦୁନିଆର ପ୍ରଭାବଶାଳୀ ଓ ପାରଦର୍ଶୀ ମଧ୍ୟ। ଲୋକତନ୍ତ୍ରରେ ପ୍ରତ୍ୟେକ ଭୋଟ୍ ଗୁରୁତ୍ୱପୂର୍ଣ୍ଣ। ପ୍ରଜାତନ୍ତ୍ରରେ ଭୋଟ୍ ଠାରୁ ପ୍ରଭାବଶାଳୀ ଆଉ କିଛି ନୁହେଁ। ସମ୍ବଲପୁର ଓ ଭୁବନେଶ୍ୱର ସମେତ ସାରା ରାଜ୍ୟରେ ନିଜ ମତାଧିକାର ➤ ପୃ-୬

## ଭୋଟରଙ୍କୁ ସାଧୁବାଦ : ମୁଖ୍ୟ ନିର୍ବାଚନ ଅଧିକାରୀ



**ଭୁବନେଶ୍ୱର :** ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ର ଷଷ୍ଠ ପର୍ଯ୍ୟାୟରେ ତଥା ଓଡ଼ିଶାରେ ତୃତୀୟ ପର୍ଯ୍ୟାୟରେ କଟକ, ସମ୍ବଲପୁର, କେଉଁଝର, ଢେଙ୍କାନାଳ, ପୁରୀ, ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଏବଂ ଉକ୍ତ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୪୨ଟି ବିଧାନସଭା କ୍ଷେତ୍ର ପାଇଁ ମତଦାନ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଉପରୋକ୍ତ ୬ ସଂସଦୀୟ କ୍ଷେତ୍ର ଓ ଏହା ଅନ୍ତର୍ଗତ ୪୨ ବିଧାନସଭା କ୍ଷେତ୍ରରେ ଭୋଟରମାନେ ଅପୂର୍ବ ଆନନ୍ଦ ଓ ଉତ୍ସାହର ସହ ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇ ମତଦାନ କରି ଜାତୀୟ କର୍ତ୍ତବ୍ୟ ନିଭାଇଛନ୍ତି। ମତଦାନରେ ସମସ୍ତ ବର୍ଗର ଭୋଟର ଯଥା- ନୂଆ ଭୋଟର, ଯୁବ ଭୋଟର, ମହିଳା ଭୋଟର, ଭିନ୍ନକ୍ଷମ ଭୋଟର, ତୃତୀୟ ଲିଙ୍ଗୀ ଭୋଟର, ଆଦିମ ଜନଜାତି ଭୋଟର ସାମିଲ ହୋଇ ନିଜ ଅଧିକାର ସାବ୍ୟସ୍ତ କରି ଗଣତାନ୍ତ୍ରିକ ପରମ୍ପରାକୁ ସୁଦୃଢ଼ କରିଥିବାରୁ ସମସ୍ତ ଭୋଟରଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସାଧୁବାଦ ଜଣାଇଛନ୍ତି। ଏତଦ୍‌ବ୍ୟତୀତ ଶାନ୍ତିଶୃଙ୍ଖଳାର ସହ ମତଦାନ ପରିଚାଳନା କାର୍ଯ୍ୟ କରିଥିବାରୁ ସମସ୍ତ ପୋଲିଂ କର୍ମଚାରୀ, ସୁରକ୍ଷା ବଳଙ୍କୁ ମଧ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ସାଧୁବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ସକାଳୁ ମକପୋଲ୍ ସମୟରେ ଅଳ୍ପକିଛି ସ୍ଥାନରେ ଇଭିଏମ୍ ➤ ପୃ-୬

## ବକ୍ରବାଣୀ



କିଏ କହୁଅଛି ଚାରିଶ ପାର
କିଏ କହୁଅଛି ଗାଦି ଆମର
ହାତୀ ନେଏ ଆଉ ଘୋଡ଼ା ବି ନେଏ
ମୋ ପେଏଁକାଳୀ କି ବଜେଇ ଦେଏ
ଚାକିରୀ ନାହିଁ କି ବାକିରୀ ନାହିଁ
ରୋଜଗାର ଡମ ଲୋଡ଼ା ବି ନାହିଁ
ଦରଦାମ ସବୁ ଆକାଶେ ଅଛି
ମାଗଣା ଚାଉଳ ପୁଅ ପାଉଛି
ତଥାପି ଧାଉଁଛି ଭୋଓଟ ଦେଇ
ମିଛ ପ୍ରତିଶୃତି ଗୁଡ଼ିଏ ପାଇ।

—— ଟୁଟୁ

### ଘନ ଘନ ବିଜୁଳି କାଟରେ ହନ୍ତସନ୍ତ ଜନତା

## ମାଗଣା ବିଜୁଳି ଯୋଜନା ନିର୍ବାଚନ ଭେଳିକି

**ଭୁବନେଶ୍ୱର :** ଦିନ ହେଉକି ରାତି, ହାତପଙ୍ଖାକୁ ଆଉ ବିଶ୍ରାମ ନାହିଁ। ଝିଝି ଝିଝି ହାତ ଦରଜ ହୋଇଯାଉଛି। ତଥାପି ଝାଳ ଶୁଖୁନି। ଘରେ ପ୍ରତି ରୁମରେ ଫ୍ୟାନ୍ ଥିଲେ କ'ଣ ହେବ, ବିଜୁଳିର ଦେଖା ନାହିଁ। ଗରମରେ ଖାଇବା, ସୂର୍ଯ୍ୟ ଆଲୁଅରେ ପଢିବା, ଅନ୍ଧାରରେ ରହିବା, ଯେମିତି ଅଭ୍ୟାସ ପାଲଟିଗଲାଣି। ଅଧିକ ଗରମ ହେଲେ ଗଛ ତଳ ଭରସା। ସକାଳ, ଦିପହର, ରାତି, ବିଜୁଳି କଟିବାର କିଛି ସମୟ ନାହିଁ। ଥରେ ଯାଉଛି ଯେ, କେତେବେଳେ ଆସିବ କାହାକୁ ଜଣାନାହିଁ। ଘନ ଘନ ଅଘୋଷିତ ବିଜୁଳି କାଟ୍ ପାଇଁ ଅତିଷ୍ଠ ହୋଇ ଗଲେଣି ଲୋକମାନେ। ଉପାନ୍ତ ଅଞ୍ଚଳରେତ ବିଜୁଳି କଥା ନକହିଲେ ଭଲ। ଦିନକୁ ୭ରୁ ୮ ଘଣ୍ଟା ବିଦ୍ୟୁତ୍ କାଟ୍ ହେଉଛି। ବିଜୁଳି ଉତ୍ପାଦନ ହେଉଥିବା କୋରାପୁଟରରେ ଦିନ ବେଳା ଘଣ୍ଟା ଘଣ୍ଟା ଧରି ବିଜୁଳି କାଟ୍ ହେଉଛି। ଖାଇବା ବେଳେ ମୋବାଇଲ ଟର୍ଚ୍ଚ ଭରସା। ପିଲାଛୁଆଙ୍କୁ ଧରି ହନ୍ତସନ୍ତ ହେଉଛନ୍ତି ଲୋକେ। ଢେଙ୍କାନାଳ ସହରରେବି କଳବଳ କରୁଛି ବିଜୁଳି କାଟ୍। ଭୀଷଣ ଗରମ ବେଳେ ବିନା କାରଣରେ ବିନା ଘୋଷଣାରେ ହଠାତ୍ କଟିଯାଉଛି ଲାଇନ୍। ୨୪ ଘଣ୍ଟିଆ ବିଜୁଳି ସେବା ଯେମିତି ସାତସପନ ପାଲଟିଗଲାଣି। ଦୀର୍ଘ ୨୪ ବର୍ଷର ଲମ୍ବା ଶାସନ କାଳ ପରେ ନିର୍ବାଚନୀ ଇସ୍ତାହାରରେ ପ୍ରଥମ ଥର ପାଇଁ ମାଗଣା ବିଜୁଳିର ଲୋଭନୀୟ ପ୍ରତିଶ୍ରୁତି ଦେଇଛି ବିଜୁ ଜନତା ଦଳ। ଗଣମାଧ୍ୟମରେ ଘନ ଘନ ବିଜ୍ଞାପନ ସହ ନିର୍ବାଚନୀ ସଭାରେ ସମାନ କଥା କହି ବୁଲୁଛନ୍ତି ବିଜେଡି ସୁପ୍ରିମୋ। ଦଳ ଘୋଷଣା କରିଛି, ପୁଣି ବିଜେଡି ସରକାର ଆସିଲେ ମାସିକ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଖର୍ଚ୍ଚ କରୁଥିବା ଗ୍ରାହକ ଆଦୌ ବିଜୁଳି ବିଲ୍ ଦେବେନାହିଁ। ୧୦୦ରୁ ୧୫୦ ୟୁନିଟ ପର୍ଯ୍ୟନ୍ତ ଖର୍ଚ୍ଚ କଲେ ଗ୍ରାହକଙ୍କ ପାଇଁ ଛାଡ଼ ହେବ ୫୦ ୟୁନିଟ୍। ତେବେ ବିରୋଧୀ କହିଛନ୍ତି, ଏହା କେବଳ ବିଜେଡିର ନିର୍ବାଚନ ଭେଳିକି। ପ୍ରଥମେ ରାଜ୍ୟବାସୀଙ୍କୁ ୨୪ ଘଣ୍ଟିଆ ବିଜୁଳି ଯୋଗାଇ ଦିଅନ୍ତୁ, ତାପରେ ମାଗଣା କଥା କହିବେ। ବିଦ୍ୟୁତ୍ ଉପଭୋକ୍ତା ମହାସଂଘ କହିଛି, ଲାଇନ୍ ଓ ସବଷ୍ଟେସନର ଲାଇଫ୍ ବୋଲି କିଛିନାହିଁ। ବେଶୀ ଲୋଡ୍ ପଡ଼ିଲେ ଅଟୋମେଟିକାଲି ପୋଡ଼ିଯିବ। ସେଥିପାଇଁ ବିଦ୍ୟୁତ୍ କ୍ଷେତ୍ରରେ ଆଗ ଭିତ୍ତିଭୂମି ମଜବୁତ୍ କରିବାକୁ ପଡ଼ିବ।

### ବିଜେଡି ଜାରି କରିଥିଲା ୪୦ ଜଣିଆ ଷ୍ଟାର ପ୍ରଚାରକ

## ମଇଦାନରେ ଏକା ପାଣ୍ଡିଆନ



**ଭୁବନେଶ୍ୱର :** ନାଁକୁ ମାତ୍ର ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଜାରି କରିଥିଲା କି ବିଜେଡି? ଯଦି ନାଁ ତାହାଲେ କେବଳ ପାଣ୍ଡିଆନ କେବଳ କାହିଁକି ବୁଲିବୁଲି କରୁଛନ୍ତି ପ୍ରଚାର? କାଁ ଭାଁ ନବୀନ ବାବୁ ମଇଦାନକୁ ଓହ୍ଲାଉଛନ୍ତି ସତ ହେଲେ ଅଧିକାଂଶ ସ୍ଥାନରେ ବିଜେଡିର ନମ୍ବର-୨ ନେତା ପାଣ୍ଡିଆନ ପ୍ରଚାର କରୁଛନ୍ତି। ସାଙ୍ଗରେ ନା ଦେଖିବାକୁ ମିଳୁଛି ଅନ୍ୟ ନେତାଙ୍କୁ ନା ପ୍ରାର୍ଥୀଙ୍କୁ? ବିଜେଡି କହିଲେ କେବଳ ପାଣ୍ଡିଆନ ନିଜକୁ ଭାବୁଛନ୍ତି କି? କିଛି ଏମିତି ପ୍ରଶ୍ନ ଏବେ ସାଧାରଣରେ ଉଙ୍କି ମାରୁଛି। ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ଖର୍ଚ୍ଚ କରି ୩୧୪ ବ୍ଲକକୁ ବୁଲି ଆସିଲେ। କହିଲେ, ଆମେ ଅଭିଯୋଗ ସଂଗ୍ରହ କରୁଛୁ। ପ୍ରଶ୍ନ, ୨୫ ବର୍ଷର ସ୍ଥିର ସରକାର, ଜନ୍ମଠୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା। ଏହା ପରେ ବି ବିକାଶର ବାଟ ମୋଡ଼ିଥିଲା କିଏ? ନା କେବଳ ପ୍ରହସନ ପାଇଁ ବ୍ଲକଠୁ ବ୍ଲକ ବୁଲିବୁଲି ନିଜକୁ ନେତା କରିବାକୁ ଚକ୍ରାନ୍ତ କରୁଥିଲେ। ଏବେ ଏମିତି ପ୍ରଶ୍ନ ପ୍ରତିଟି ଓଡ଼ିଆଙ୍କ ମନରେ ଉଙ୍କି ମାରୁଛି। ➤ ପୃ-୬

## ସନ୍ଦେହ ଘେରରେ ଶ୍ରୀମନ୍ଦିର ରତ୍ନଭଣ୍ଡାର



**ଭୁବନେଶ୍ୱର :** ଦୀର୍ଘ ୪୫ ବର୍ଷ ଧରି ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଖୋଲାଯାଇନାହିଁ। ୨୦୧୮ ମସିହାରୁ ରାଜ୍ୟ ସରକାର ବିଭିନ୍ନ ସମୟରେ ବିଭିନ୍ନ ଭେଳିକି ଦେଖାଇ ରତ୍ନ ଭଣ୍ଡାର ଖୋଲିନାହାନ୍ତି, ଯାହା ଅଗଣିତ ଜଗନ୍ନାଥ ଭକ୍ତଙ୍କ ଭାବାବେଗକୁ କୁଠାରଘାତ କରିଛି। ଜଗନ୍ନାଥ ଭକ୍ତ ଓ ସାଧାରଣ ଲୋକଙ୍କ ସନ୍ଦେହ ଦୂର କରିବା ପାଇଁ ରତ୍ନଭଣ୍ଡାର ଖୋଲିବା ନେଇ ସର୍ବଦା ଦାବି ରଖିଆସିଛି ରାଜ୍ୟ ବିଜେପି। ରତ୍ନ ଭଣ୍ଡାର ଖୋଲିବାର ସମ୍ପୂର୍ଣ୍ଣ ଦାୟିତ୍ୱ ରାଜ୍ୟ ସରକାରଙ୍କର। ୪ ଅଗଷ୍ଟ ୨୦୨୩ ମସିହାରୁ ଶ୍ରୀମନ୍ଦିର ପରିଚାଳନା କମିଟି ସୁପାରିଶ କରିବା ସତ୍ତ୍ୱେ ରାଜ୍ୟ ସରକାର ରତ୍ନ ଭଣ୍ଡାର ଖୋଲିବା ପାଇଁ ଏତେ ମାତ୍ରାରେ ଭୟ କରୁଛନ୍ତି କାହିଁକି? ଉଚ୍ଚ ନ୍ୟାୟାଳୟ ଓ ଶ୍ରୀମନ୍ଦିର ପରିଚାଳନା କମିଟି ଉଭୟଙ୍କ ସୁପାରିସକୁ ଅବମାନନା କରିବାର କାରଣ କଣ? ରତ୍ନଭଣ୍ଡାର ଖାଲି ହୋଇଯାଇଛି କି? ରାଜ୍ୟ ସରକାରଙ୍କର ଏଭଳି ଦାୟିତ୍ୱହୀନତା ଓ ଅନିଚ୍ଛା ମନୋଭାବ ଅଗଣିତ ଜଗନ୍ନାଥପ୍ରେମୀଙ୍କ ମନରେ ବାରମ୍ବାର ସନ୍ଦେହ ସୃଷ୍ଟି କରୁଛି। ହାଇକୋର୍ଟ ➤ ପୃ-୬

## ବନ୍ଧୁଗାଁ ବ୍ଲକ୍‌ରେ ପିଡିଏସ୍ ଚାଉଳ ଦୁର୍ନୀତି



**ଲକ୍ଷ୍ମୀପୁର:** କୋରାପୁଟ ଜିଲ୍ଲା ଦୁର୍ଗମ ଅଞ୍ଚଳ ରୂପେ ପରିଚିତ ବନ୍ଧୁଗାଁ ବ୍ଲକରେ ବହୁତ୍ ବଡ ଚାଉଳ ଦୁର୍ନୀତି ପଦାରେ ପଡ଼ି ହାତରେ ଗଦୁଛି। ତଥାପି କାର୍ଯ୍ୟାନୁଷ୍ଠାନ ବଦଳରେ ଜିଲ୍ଲା ପ୍ରଶାସନ ଆଖି ବୁଜି ଦେଇଥିବା ଲୋକେ କହୁଛନ୍ତି। ସ୍ଥାନୀୟ ବ୍ଲକ୍‌ର କାବ୍ରିବାଡି ପଞ୍ଚାୟତରେ ଚାରିମାସର ଚାଉଳ ସାଙ୍ଗକୁ ହଜାର ଟଙ୍କା ସହ ଝୋଟ ବ୍ୟାଗ ବଣ୍ଟନରେ ହୋଇଥିବା ଦୁର୍ନୀତିକୁ ନେଇ ବ୍ଲକ୍ ପ୍ରଶାସନ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରୁଥିବା ବେଳେ ଏହି ପ୍ରସଙ୍ଗ ରେ ଏବେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ କୈଳାସ ଚନ୍ଦ୍ର କୁଲେସିକା ଓ କଂଗ୍ରେସ ବିଧାୟକ ପ୍ରାର୍ଥୀ ପବିତ୍ର ସାଉନ୍ତା ମୁହଁ ଖୋଲିଛନ୍ତି। ପ୍ରକାଶ ଥାଉକି ବନ୍ଧୁଗାଁ ବ୍ଲକ୍ କାବ୍ରିବାଡି ପଞ୍ଚାୟତରେ ଗତ ଚାରିମାସର ପିଡିଏସ ➤ ପୃ-୬

ଏକମାତ୍ର
EKAMATRA
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ:** କାର୍ଯ୍ୟକ୍ଷେତ୍ରରେ ସହଯୋଗୀ ମାନେ ଅନୁଗତ ହେବେ। ଅଦାଲତ ମାମଲାରେ କୃତ କାର୍ଯ୍ୟ ହେବେ। ଶତ୍ରୁ ପରାଜିତ ହେବେ। ଆର୍ଥିକ ସ୍ଥିତି ଭଲ ରହିବ। ପ୍ରେମୀମାନେ ଉଭୟେ ବିଶ୍ୱାସର ସହ ଆଗକୁ ବଢ଼ିବେ। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ:** ଆତ୍ମବିଶ୍ୱାସରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ଆପଣଙ୍କୁ ସୁଫଳ ମିଳିବ। ଛାତ୍ରମାନେ ଦେଇଥିବା ପରୀକ୍ଷାରେ ଉନ୍ନତି ହେବେ। ଦୂରଯାତ୍ରା କରିପାରନ୍ତି। ଦମ୍ପତିମାନେ ଉଭୟଙ୍କୁ ବୁଝିବାକୁ ଚେଷ୍ଟା କରନ୍ତୁ। ସମ୍ପର୍କ ସୁଦୃଢ଼ ରହିବ।

**ମିଥୁନ:** ରକ୍ତଚାପ ବଢ଼ିପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। କୌଣସି କାର୍ଯ୍ୟ କରିବା ପୂର୍ବରୁ ବିଚାର ବିମର୍ଷ କରନ୍ତୁ। ନିଜର ବାଣୀରେ ଲଗାମ ଦିଅନ୍ତୁ। ଛାତ୍ରଙ୍କ ମନ ଚଞ୍ଚଳ ରହିବ। ଜୀବନସାଥୀଙ୍କ କଥାକୁ ଗୁରୁତ୍ୱ ଦିଅନ୍ତୁ।

**କର୍କଟ:** ସ୍ୱାସ୍ଥ୍ୟ ଭଲ ରହିବ। ଜମା ରାଶିରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଶୁଭ ଖବର ପାଇବେ। ଛାତ୍ରମାନେ ଶିକ୍ଷକଙ୍କ ସହଯୋଗ ପାଇଷବ। ପ୍ରେମୀମାନେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି।

**ସିଂହ:** ପେଟ ସମ୍ବନ୍ଧୀୟ କଷ୍ଟ ପାଇପାରନ୍ତି। ଆୟ ତୁଳନାରେ ବ୍ୟୟ ବଢ଼ିବ। ଛୋଟ କଥା ବା ଭୁଲ ପାଇଁ ଅପମାନିତ ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ବ୍ୟବହାରରେ ଦୁଃଖିତ ହେବେ।

**କନ୍ୟା:** ମାନସିକ ଅଶାନ୍ତି ବଢ଼ିପାରେ। ଚାକିରି କ୍ଷେତ୍ରରେ ଅଧିକ ଦାୟିତ୍ୱ ମିଳିବ। ଯାଗା ବାଡି କାର୍ଯ୍ୟର ଅଗ୍ରଗତି ରୋକାଯାଇପାରିବ। ପ୍ରେମୀଙ୍କ ମଧ୍ୟରେ ବୁଝାମଣା ବଢ଼ିପାରେ। ସମ୍ପର୍କ ନିବିଡ ସହ ଚୀରସ୍ଥାୟୀ ହେବ।

**ତୁଳା:** ସ୍ୱାସ୍ଥ୍ୟ ବିଗିଡିପାରେ। ଯତ୍ନବାନ ହୁଅନ୍ତୁ। ଆୟ ତୁଳନାରେ ବ୍ୟୟ ବଢ଼ିବ। ନିଜ ଲକ୍ଷ୍ୟରେ ସ୍ଥିର ରୁହନ୍ତୁ। ଅନ୍ୟକୁ ସମାଲୋଚନା କରନ୍ତୁନାହିଁ। ଯାନବାହନ କ୍ରୟ କରିପାରନ୍ତି। ପ୍ରେମୀଙ୍କ ମଧ୍ୟରେ ତୃତୀୟ ବ୍ୟକ୍ତି ପ୍ରବେଶ କରିପାରନ୍ତି।

**ବିଛା:** ସାମାଜିକ ପ୍ରତିଷ୍ଠା ବଢ଼ିବ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ପରିବାରରେ ସୁଖ ପରିବେଷ ରହିବ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାତ୍ମକ ପରୀକ୍ଷାରେ ଉନ୍ନୀତ ହେବେ। ଜୀବନସାଥୀଙ୍କ ସହ ତାଲମେଳ ବଢ଼ିବ।

**ଧନୁ:** ଗଣ୍ଠି ସମ୍ବନ୍ଧୀୟ ପୀଡା ହୋଇପାରେ। ଅନେକ ଦିନରୁ ଭାବିଥିବା ବ୍ୟବସାୟ କରିପାରନ୍ତି। ପ୍ରିୟ ବସ୍ତୁରେ ପଇସା ଖର୍ଚ୍ଚ ବଢ଼ିବ। ମନସ୍କାମନା ପୂର୍ଣ୍ଣ ପାଇଁ ତୀର୍ଥଯାତ୍ରା କରିପାରନ୍ତି। ଦମ୍ପତିମାନଙ୍କ ପାଇଁ ସମୟ ଅନୁକୂଳ।

**ମକର:** ବାହାନ ଚଳାଇବା ସମୟରେ ସାବଧାନ ରହନ୍ତୁ। ଆକସ୍ମିକ ଧନ ପ୍ରାପ୍ତି ଯୋଗ ଅଛି। କୌଣସି ମହିଳାଙ୍କ ସହଯୋଗରେ ସବୁ କାମର ସମାଧାନ ହୋଇପାରେ। ପ୍ରେମରେ ବିଶ୍ୱାସ ବଢ଼ିବ।

**କୁମ୍ଭ:** ପୂର୍ବରୁ କରିଥିବା ପରିଶ୍ରମର ଫଳ ମିଳିପାରେ। ପରିବାରର ଶାନ୍ତି ପାଇଁ ଆଧାତ୍ମିକ କାର୍ଯ୍ୟରେ ମନ ଦେଇ ପାରନ୍ତି। ଛାତ୍ରମାନେ ନିଜ ଇଚ୍ଛା ମୁତାବକ ସ୍ଥାନରେ ନାମ ଲେଖାଇ ପାରନ୍ତି। ନୂଆ ଦ୍ରବ୍ୟ କିଣିପାରନ୍ତି। ପ୍ରେମରେ ଭୁଲ ବୁଝାମଣା ଯୋଗୁ ଅସୁବିଧା ହୋଇପାରେ।

**ମୀନ:** ଶାରୀରିକ ଓ ମାନସିକ କଷ୍ଟ ଯୋଗ ଅଛି। ଗୁପ୍ତ ଶତ୍ରୁମାନେ ଜାଗ୍ରତ ହୋଇପାରନ୍ତି। ବ୍ୟବସାୟରେ ଉତ୍ଥାନ ଓ ପତନ ଲାଗି ରହିବ। କ୍ଷତିର ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ସୁଖ ପାଇଁ ନିଜ ବ୍ୟବହାରରେ ପରିବର୍ତ୍ତନ ଆଣନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ୨୦୧୦ରୁ ଜାରି ସବୁ ଓବିସି ପ୍ରମାଣପତ୍ର ରଦ୍ଦ କଲେ ହାଇକୋର୍ଟ

**କୋଲକାତା :** ଗୋଟିଏ ବଡ଼ ରାୟ ଦେଇଛନ୍ତି କଲିକତା ହାଇକୋର୍ଟ। ପଶ୍ଚିମବଙ୍ଗରେ ୨୦୧୦ ମସିହା ଠାରୁ ଜାରି ହୋଇଥିବା ସମସ୍ତ ଅନ୍ୟ ପଛୁଆ ବର୍ଗ(ଓବିସି) ପ୍ରମାଣପତ୍ରକୁ ହାଇକୋର୍ଟ ରଦ୍ଦ କରି ଦେଇଛନ୍ତି। ଏହାର ଅର୍ଥ ଉକ୍ତ ପ୍ରମାଣପତ୍ର ଦେଖାଇ ଆଉ ଚାକିରି ମିଳିବ ନାହିଁ। କିନ୍ତୁ ଚାକିରି କରି ସାରିଥିବା ଲୋକଙ୍କ ଉପରେ ଏହାର ପ୍ରଭାବ ପଡ଼ିବ ନାହିଁ। ଜଷ୍ଟିସ ତପବ୍ରତ ଚକ୍ରବର୍ତ୍ତୀ ଓ ଜଷ୍ଟିସ ରାଜଶେଖର ମନଥାଙ୍କ ଡିଭିଜନ ବେଞ୍ଚ ଏପରି ରାୟ ଦେଇଛନ୍ତି। ଓବିସି ପ୍ରମାଣପତ୍ର ଜାରି କରିବା ପାଇଁ ଆପଣା ଯାଇଥିବା ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଗୋଟିଏ ପିଆଇଏଲ ଦାଖଲ କରାଯାଇଥିଲା। ଏହାର ଶୁଣାଣି କରି ଖଣ୍ଡପୀଠ ରାୟ ପ୍ରକାଶ କରିଛନ୍ତି। ୧୯୯୩ ମସିହା ପଶ୍ଚିମବଙ୍ଗ ପଛୁଆ ବର୍ଗ କମିଶନ ଆକ୍ଟ ଅନୁସାରେ ନୂଆ ଓବିସି ତାଲିକା ପ୍ରସ୍ତୁତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପଶ୍ଚିମବଙ୍ଗ ପଛୁଆ ବର୍ଗ କମିଶନ ଆଇନ ଅନୁସାରେ ତାଲିକା ପ୍ରସ୍ତୁତ କରିବେ। ୨୦୧୦ ଠାରୁ ପ୍ରସ୍ତୁତ ହୋଇଥିବା ଓବିସି ତାଲିକା ବେଆଇନ ବୋଲି କୋର୍ଟ ରୁଲିଂ ଦେଇଛନ୍ତି। ପଶ୍ଚିମବଙ୍ଗ ପଛୁଆ ବର୍ଗ ଆଇନ ୨୦୧୨ର ସେକସନ



୨ଏଚ, ୫,୬ ଓ ସେକସନ ୧୬ ଏବଂ ଅନୁଚ୍ଛେଦ ୧ ଓ ୩କୁ ହାଇକୋର୍ଟ ଅସାମ୍ବିଧାନିକ କହି ରଦ୍ଦ କରି ଦେଇଛନ୍ତି। ୨୦୧୧ରେ ଦାଖଲ ହୋଇଥିବା ପିଆଇଏଲରେ ଦାବି କରାଯାଇଥିଲା ଯେ ୧୯୯୩ ମସିହା ପଶ୍ଚିମବଙ୍ଗ ପଛୁଆ ବର୍ଗ କମିଶନ ଆଇନକୁ ବାଇପାସ କରି ୨୦୧୦ ପରଠାରୁ ଓବିସି ପ୍ରମାଣପତ୍ର ଜାରି କରାଯାଇଥିଲା। ଯେଉଁମାନେ ପ୍ରକୃତରେ ପଛୁଆ ବର୍ଗର ସେମାନଙ୍କୁ ପ୍ରମାଣପତ୍ର ମିଳି ନଥିଲା। ଡିଭିଜନ ବେଞ୍ଚଙ୍କ ରାୟ ପରେ ୨୦୧୦ ପରଠାରୁ ଜାରି ହୋଇଥିବା ସମସ୍ତ ଓବିସି ପ୍ରମାଣପତ୍ର ଅସିଦ୍ଧ ହୋଇଯାଇଛି। ୨୦୧୦ ପୂର୍ବରୁ ଜାରି ହୋଇଥିବା ଓବିସି ପ୍ରମାଣପତ୍ର ଉପରେ ହାଇକୋର୍ଟଙ୍କ ରାୟର କୌଣସି ପ୍ରଭାବ ପଡ଼ିବ ନାହିଁ। କୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ଯେ ଅଲଗା ବର୍ଗର ନାଗରିକଙ୍କ ସେବା ଉପରେ ଏହାର ପ୍ରଭାବ ପଡ଼ିବ ନାହିଁ। ସେହିପରି ଯେଉଁମାନେ ଏବେ ସେବାର ଅଛନ୍ତି କିମ୍ବା ସଂରକ୍ଷଣ ଦ୍ୱାରା ଲାଭବାନ ହୋଇଛନ୍ତି କିମ୍ବା ରାଜ୍ୟର କୌଣସି ଚୟନ ପ୍ରକ୍ରିୟାରେ ସଫଳତା ପାଇଛନ୍ତି, ସେମାନଙ୍କୁ ମଧ୍ୟ ଆଜିର ରାୟ ପ୍ରଭାବିତ କରିପାରିବ ନାହିଁ। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହାଇକୋର୍ଟଙ୍କ ରାୟକୁ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି କହିଛନ୍ତି। ସେ କହିଛନ୍ତି, ଆମେ ବିଜେପିର ନିର୍ଦ୍ଦେଶକୁ ପାଳନ କରିପାରିବୁ ନାହିଁ। ଓବିସି ସଂରକ୍ଷଣ ଜାରି ରହିବ। ସେମାନଙ୍କ ଅତ୍ୟାଚାର ଓ ଦୁଃସାହାସକୁ ଥରେ ଭାବନ୍ତୁ। ଏହା ଦେଶର କଳଙ୍କିତ ଅଧ୍ୟାୟ।

# ଆଇଆଇଟି ପିଲାଙ୍କୁ ବି ମିଳୁନି ଚାକିରି

**ନୂଆଦିଲ୍ଲୀ :** ଦେଶରେ ବେକାରୀ ସଂଖ୍ୟା ହୁ ହୁ ବଢ଼ିବାରେ ଲାଗିଛି। ଦେଶରୁ ସବୁଠାରୁ ଶ୍ରେଷ୍ଠ ତଥା ମର୍ଯ୍ୟାଦା ସମ୍ପୂର୍ଣ୍ଣ ଶିକ୍ଷାନୁଷ୍ଠାନରୁ ପାଠ୍ୟକ୍ରମ ଶେଷ କରିବା ପରେ ଯେ ସହଜରେ ଚାକିରି ମିଳିଯିବ ଏହାର କୌଣସି ଗ୍ୟାରେଣ୍ଟି ନାହିଁ। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଚଳିତବର୍ଷ ଦେଶର ମୋଟ ୩୮ପ୍ରତିଶତ ଆଇଆଇଟି ଛାତ୍ରଛାତ୍ରୀ କ୍ୟାମ୍ପସ ପ୍ଲେସମେଣ୍ଟ ପାଇ ନାହାନ୍ତି। ୨୦୨୪ ମସିହାରେ ପ୍ରାୟ ୮ହଜାର ଆଇଆଇଟି ଛାତ୍ରଛାତ୍ରୀଙ୍କୁ ଚାକିରି ମିଳିପାରି ନାହିଁ। ଆଇଆଇଟି ଅନୁଷ୍ଠାନଗୁଡ଼ିକର ପ୍ଲେସ୍‌ମେଣ୍ଟ ସମ୍ପର୍କିତ ଏହି ରିପୋର୍ଟ ଦେଶର ମେଧାବୀ ଛାତ୍ରଛାତ୍ରଙ୍କ ଚିନ୍ତା ବଢ଼ାଇ ଦେଇଛି। ଭାରତରେ ଆଇଆଇଟି ଶିକ୍ଷାନୁଷ୍ଠାନଗୁଡ଼ିକ ଇଞ୍ଜିନିୟରିଂ ପାଠ୍ୟକ୍ରମର ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ। ଏଠାରେ ପାଠ ପଢ଼ିବାକୁ ଅନେକ ଛାତ୍ରଛାତ୍ରୀ ସ୍ୱପ୍ନ ଦେଖିଥା'ନ୍ତି। ଆଇଆଇଟିରେ ସିଟ୍ ଖଣ୍ଡେ ମିଳିବା ମାତ୍ରେ ପରିବାର ଲୋକେ ପିଲାର ଭବିଷ୍ୟତ ସମ୍ପର୍କରେ ଆଉ ଚିନ୍ତା କରନ୍ତି ନାହିଁ। କାରଣ ଏଠାରୁ ବାହାରିବା ପୂର୍ବରୁ ଛାତ୍ରଛାତ୍ରୀଙ୍କ ହାତରେ ୨ରୁ ୩ଟି ଚାକିରି ରହିଥାଏ। ହେଲେ ଭାରତର ଏହି ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଏବେ ପ୍ଲେସମେଣ୍ଟ ସମସ୍ୟା ମଧ୍ୟ ଦେଇ ଗତି କରୁଛି। ଚଳିତବର୍ଷ କେତେଜଣ ଆଇଆଇଟିଆନଙ୍କୁ କ୍ୟାମ୍ପସ ପ୍ଲେସମେଣ୍ଟ ମିଳିଛି, ସେନେଇ କାନପୁର ଆଇଆଇଟିର ପୂରାତନ ଛାତ୍ର ଧିରଜ ସିଂ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ଏହି ତଥ୍ୟ ସାର୍ବଜନୀନ ହେବା ପରେ ସାରା ଦେଶରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ଭାଳେଣି ପଡ଼ିଯାଇଛି। ରିପୋର୍ଟ ଅନୁସାରେ, ୨୦୨୪ ମସିହାରେ ୨୧୫୦୦ ଛାତ୍ରଛାତ୍ରୀ ପ୍ଲେସମେଣ୍ଟ ପାଇଁ ନିଜ ନାମ ପଞ୍ଜିକରଣ କରିଥିଲେ। ହେଲେ ମାତ୍ର ୧୩୪୧୦ ପିଲାଙ୍କୁ ପ୍ଲେସମେଣ୍ଟ ମିଳିଛି। ଦେଶରେ ଥିବା ମୋଟ ୨୩ ଆଇଆଇଟିର ୩୮ ପ୍ରତିଶତ ପିଲା କ୍ୟାମ୍ପସ ପ୍ଲେସମେଣ୍ଟ ନ ପାଇ ଏବେ ଚାକିରି ଖୋଜୁଛନ୍ତି। ଦୁଇ ବର୍ଷ ମଧ୍ୟରେ ଏହା ଚାକିରି ନ ପାଇବା ପିଲାଙ୍କ ହାର ୧୯ ପ୍ରତିଶତ ଥିଲା ବେଳେ ଏବେ ୨ଗୁଣା ବୃଦ୍ଧି ପାଇଛି। ପୁରୁଣା ୯ଟି ଆଇଆଇଟିର ୧୬୪୦୦ ଛାତ୍ରଛାତ୍ରୀ ପ୍ଲେସମେଣ୍ଟ ପାଇଁ ନିଜ ନାମ ପଞ୍ଜିକରଣ କରିଥିଲେ। ଏଥିରୁ ୬୦୫୦ ଛାତ୍ରଛାତ୍ରୀ ଚାକରି ପାଇ ନ ଥିଲେ, ଯାହା ମୋଟ ସଂଖ୍ୟାର ୩୭ପ୍ରତିଶତ। ସେହିପରି ନୂତନ ୧୪ଆଇଆଇଟିର ୪୦ ପ୍ରତିଶତ ପିଲା ଚାକିରି ପାଇ ନାହାନ୍ତି। ସେହିପରି ବିଗତ ୫ବର୍ଷ ମଧ୍ୟରେ ଦିଲ୍ଲୀ ଆଇଆଇଟିର ୨୨ପ୍ରତିଶତ ଛାତ୍ରଛାତ୍ରୀ ଏପର୍ଯ୍ୟନ୍ତ ଚାକିରି ପାଇ ନାହାନ୍ତି। ଚଳିତ ବର୍ଷ ସର୍ବାଧିକ ୪୦ପ୍ରତିଶତ ଛାତ୍ରଛାତ୍ରୀ ଚାକିରି ପାଇ ନାହାନ୍ତି। ଧିରଜ କହିଛନ୍ତି, ଗତବର୍ଷର ଆଇଆଇଟି ଖଡ଼ଗପୁରର ୩୩ ପ୍ରତିଶତ ପିଲା ଏପର୍ଯ୍ୟନ୍ତ ଚାକିରି ଖୋଜୁଛନ୍ତି। ଯାହାଦ୍ୱାରା ସେମାନେ ଚାପ, ଚିନ୍ତା ଏବଂ ନିରାଶା ଭଳି ସମସ୍ୟା ଦେଇ ଗତି କରୁଛନ୍ତି। ଆଇଆଇଟି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଢୁଥିବା ଆତ୍ମହତ୍ୟା ଘଟଣା ପଛରେ ଚାକିରି ନ ମିଳିବା ଏକ ପ୍ରମୁଖ କାରଣ ବୋଲି ଅନେକ ସମୟରେ ଦର୍ଶାଯାଉଛି। ଚଳିତବର୍ଷ ୬ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଆଇଆଇଟିରେ ଚାକିରି ନ ମିଳିବାରୁ ଛାତ୍ରଛାତ୍ରୀମାନେ ଭୟଙ୍କର ଚାପ ଏବଂ ଚିନ୍ତାରେ ରହୁଛନ୍ତି। ଚାକିରିକୁ ନେଇ ଆଇଆଇଟିଗୁଡ଼ିକର ଲାଗାତାର ଖସୁଥିବା ର୍ୟାଙ୍କିଙ୍ଗ୍ ମଧ୍ୟ ଚିନ୍ତାଜନକ। ଏହାକୁ ତୁରନ୍ତ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ସରକାରଙ୍କୁ ରେକର୍ଡ ୨.୧୧ ଲକ୍ଷ କୋଟି ଟଙ୍କା ଦେବ ଆରବିଆଇ

**ନୂଆଦିଲ୍ଲୀ :** କେନ୍ଦ୍ର ସରକାରଙ୍କୁ ୨୦୨୩-୨୪ ଆର୍ଥିକ ବର୍ଷରେ ରେକର୍ଡ ୨.୧୧ ଲକ୍ଷ ଟଙ୍କାର ଡିଭିଡେଣ୍ଡ ଦେବ ଆରବିଆଇ। ଏହା ଗତବର୍ଷ ତୁଳନାରେ ୧୪୦% ଅଧିକ। ୨୦୨୨-୨୩ ଆର୍ଥିକ ବର୍ଷରେ ଆରବିଆଇ ତା'ର ଲାଭାଂଶରୁ କେନ୍ଦ୍ର ସରକାରଙ୍କୁ ୮୭,୪୧୬ କୋଟି ଟଙ୍କା ଡିଭିଡେଣ୍ଡ ଆକାରରେ ଦେଇଥିଲା। କୁହାଯାଉଥିଲା ଯେ ଆରବିଆଇ ୨୦୨୩-୨୪ରେ ୧ ଲକ୍ଷ କୋଟି ଟଙ୍କାରୁ ସାମାନ୍ୟ ଅଧିକ ଦେବ। କିନ୍ତୁ ଆରବିଆଇ ରେକର୍ଡ ପରିମାଣର ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛି। ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆରବିଆଇର କେନ୍ଦ୍ରୀୟ ନିର୍ଦ୍ଦେଶକ ବୋର୍ଡର ୬୦୮ତମ ବୈଠକରେ ଲାଭାଂଶ ଅର୍ଥ କେନ୍ଦ୍ର ସରକାରଙ୍କୁ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଆରବିଆଇ ଗୋଟିଏ ବିବୃତିରେ କହିଛି ଯେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାରଙ୍କୁ ଅତିରିକ୍ତ ଭାବରେ ୨,୧୦,୮୭୪ ଟଙ୍କା ହସ୍ତାନ୍ତର କରିବାକୁ ବୋର୍ଡ ଅନୁମୋଦନ କରିଛି। ୨୦୨୨-୨୩ ଆର୍ଥିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି କଣ୍ଟିଜେଣ୍ଟ୍ ରିସ୍କ ବଫର୍ (ସିଆରବି)କୁ ୬% ବୃଦ୍ଧି କରାଯାଇଛି। ସେହିପରି ଅର୍ଥନୀତିକ କ୍ଷେତ୍ରରେ ନିରନ୍ତର ଅଦଳବଦଳକୁ ଦେଖି ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ସିଆରବିକୁ ୬.୫୦%କୁ ବୃଦ୍ଧି କରିବାକୁ ନିର୍ଦ୍ଦେଶକ ବୋର୍ଡ ନିଷ୍ପତ୍ତି ନେଇଛି। ଆରବିଆଇର ଏପରି ପଦକ୍ଷେପ କେନ୍ଦ୍ର ସରକାରଙ୍କ ବଜେଟକୁ ସଜାଡ଼ିବାରେ ସହାୟକ ହେବ। ବୀତ୍ତିୟ ନିଅଣ୍ଟରେ ସୁଧାର ଆସି ପାରିବ।

## ଭାରତରେ ଡ୍ରୋନ୍ ଉତ୍ପାଦନ କରିବ ଗୁଗଲ



**ନୂଆଦିଲ୍ଲୀ :** ଭାରତରେ ଡ୍ରୋନ୍ ଉତ୍ପାଦନ କରିବ ଗୁଗଲ। ଗୁଗଲର ପ୍ୟାରେଣ୍ଟ୍ କମ୍ପାନୀ ଆଲଫାବେଟ ତାମିଲନାଡୁର ଏହାର ସହାୟକ କମ୍ପାନୀ ୱିଙ୍ଗ୍ ଏଲଏଲସି ମାଧ୍ୟମରେ ଡ୍ରୋନ୍ ଉତ୍ପାଦନ ଆରମ୍ଭ କରିବାକୁ ଯାଉଛି। ଭାରତରେ ଏହାର ଫ୍ଲାଗସିପ୍ ପିକ୍ସେଲ ୮ ସ୍ମାର୍ଟଫୋନ୍ ଉତ୍ପାଦନ ପାଇଁ ଘରୋଇ ଇଲେକ୍ଟ୍ରୋନିକ୍ସ ଉତ୍ପାଦନକାରୀ ଡିକ୍ସନ୍ ଟେକ୍ନୋଲୋଜି ସହ ଗୁଗୁଲର ସହଭାଗୀତା ମଧ୍ୟରେ ଡ୍ରୋନ୍ ଉତ୍ପାଦନ ନେଇ ଘୋଷଣା କରିଛି କମ୍ପାନୀ। ରିପୋର୍ଟ ଅନୁସାରେ, ଟେକ୍ ଜାଏଣ୍ଟ ବର୍ତ୍ତମାନ ଆମେରିକା, ୟୁରୋପ ଏବଂ ଅଷ୍ଟ୍ରେଲିଆରେ ଥିବା ବ୍ୟବସାୟୀମାନଙ୍କୁ ଡ୍ରୋନ୍ ବିତରଣ ସେବା ପ୍ରଦାନ କରୁଛି, ଯେଉଁଥିରେ ହାଲୁକା, ସ୍ୱୟଂଶାସିତ(ଅଟୋନୋମସ) ଡେଲିଭରି ଡ୍ରୋନ୍ ବ୍ୟବହାର କରାଯାଇଥାଏ।

## ଯଦି ମୁଁ ଜେଲରୁ ନିର୍ବାଚନ ଲଢେ ୭୦ ରୁ ୭୦ ଆସନ ଜିତିବୁ : କେଜ୍ରିୱାଲ



**ନୂଆଦିଲ୍ଲୀ :** ଲୋକସଭା ନିର୍ବାଚନ ନେଇ ଚାଲିଥିବା ମାହୋଲ ମଧ୍ୟରେ ବିଧାନସଭା ନିର୍ବାଚନକୁ ନେଇ ଦମ୍ଭୋକ୍ତି ବାଢିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ସେ କହିଛନ୍ତି, ଯଦି ମୁଁ ଆଗାମୀ ବିଧାନସଭା ନିର୍ବାଚନ ଯାଏ ଜେଲରେ ରୁହେ, ତଥାପି ଆମ୍ ଆଦମି ପାର୍ଟି (ଆପ୍) ଦିଲ୍ଲୀରେ ୭୦ରୁ ୭୦ ଆସନରେ ବିଜୟୀ ହେବ। ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେବା ସମୟରେ ଏପରି ଦମ୍ଭୋକ୍ତି ବାଢିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ। ତାଙ୍କ ପତ୍ନୀ ସୁନୀତା କେଜ୍ରିୱାଲ ନିର୍ବାଚନ ଲଢିବେ କି ପ୍ରଶ୍ନରେ ଅରବିନ୍ଦ କେଜ୍ରିୱାଲ କହିଛନ୍ତି ସୁନୀନା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ। ଯଦି ସେମାନେ ମୋତେ ଜେଲରେ ରଖନ୍ତି, ମୁଁ ସେଠାରୁ ନିର୍ବାଚନ ଲଢିବି ଏବଂ ମୋର ବିଶ୍ୱାସ ଅଛି ଯେ ଆମେ ମୋଟ ୭୦ଟି ଆସନରୁ ୭୦ ଜିତିବୁ। ଦିଲ୍ଲୀ ଜନତା ଜବାବ ଦେବେ। ସେ ଆହୁରି କହିଛନ୍ତି, ଆମର ସମସ୍ତ ବିଧାୟକଙ୍କୁ ଜେଲରେ ରଖନ୍ତୁ ଏବଂ ଦିଲ୍ଲୀରେ ଭୋଟିଂ କରାନ୍ତୁ। ଦେଖିବେ ଆପ୍ ବିଜୟୀ ହେବ। ସେମାନେ ଭାବୁଛନ୍ତି କି ଲୋକମାନେ ମୂର୍ଖ? ଜନତା ସବୁକିଛି ଦେଖୁଛନ୍ତି।

# ଜୁନ୍ ୧ରୁ ଡିଏଲ୍ ପ୍ରକ୍ରିୟା ହେବ ସରଳ



**ନୂଆଦିଲ୍ଲୀ :** ଗାଡ଼ି ଚାଳନା ଅନୁମତି ପତ୍ର(ଡ୍ରାଇଭିଂ ଲାଇସେନ୍ସ ବା ଡିଏଲ୍) ପ୍ରଦାନ ପ୍ରକ୍ରିୟାରେ କେତେକ ସମସ୍ୟା ଦୂର ପାଇଁ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ବଡ଼ ପରିବର୍ତ୍ତନ କରିବାକୁ ଯାଉଛି। ଏହି ନୂତନ ନିୟମ ଜୁନ୍ ୧ରୁ ଲାଗୁ ହେବ। ନୂତନ ନିୟମ ଅନୁଯାୟୀ, ଆବେଦକଙ୍କ ନିକଟରେ ନିଜ ପସନ୍ଦର ନିକଟତମ କେନ୍ଦ୍ରରେ ଗାଡ଼ି ଚାଳନା ପରୀକ୍ଷା ଦେବାର ବିକଳ୍ପ ରହିବ। ଭାରତରେ ଡ୍ରାଇଭିଂ ଲାଇସେନ୍ସ ପାଇବା ଏକ କଷ୍ଟଦାୟକ ପ୍ରକ୍ରିୟା। ଜଣେ ଆବେଦନକାରୀ ବିଭିନ୍ନ ଫର୍ମ ପୂରଣ କରିବେ ଏବଂ ଏକାଧିକ କର୍ତ୍ତୃପକ୍ଷଙ୍କ ନିକଟକୁ ଯିବେ। ଡ୍ରାଇଭିଂ ଲାଇସେନ୍ସ ପ୍ରକ୍ରିୟାର ଅମଲାତାନ୍ତ୍ରିକ ଜଟିଳତା ମଧ୍ୟ ଦୁର୍ନୀତି ବଢ଼ାଇଥାଏ, ଯାହା ଶେଷରେ ସଡ଼କ ସୁରକ୍ଷା ଉପରେ ପ୍ରଭାବ ପକାଇଥାଏ। ଏପରି ତ୍ରୁଟି ହଟାଇବା ପାଇଁ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ନିୟମରେ ପ୍ରମୁଖ ପରିବର୍ତ୍ତନ ଆଣିଛି, ଯାହା ଡ୍ରାଇଭିଂ ଲାଇସେନ୍ସ ପ୍ରକ୍ରିୟାକୁ ସରଳ କରିବ। ନୂଆ ନିୟମାନୁଯାୟୀ, ଆବେଦନକାରୀଙ୍କ ନିକଟରେ ବିକଳ୍ପ ରହିବ ଯେ ସେମାନେ ପାରମ୍ପରିକ ଭାବେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଯାଇ ପରୀକ୍ଷା ଦେବା ପରିବର୍ତ୍ତେ ସେମାନଙ୍କ ନିକଟରେ ଥିବା ନିଜ ପସନ୍ଦର କେନ୍ଦ୍ରରେ ଗାଡ଼ି ଚାଳନା ପରୀକ୍ଷା ଦେଇପାଇବେ। ଗାଡ଼ି ଚାଳନା ପରୀକ୍ଷା କରିବାକୁ ଅନୁମତି ପାଇଥିବା ବେସରକାରୀ ସଂସ୍ଥାଙ୍କୁ ସରକାର ପ୍ରମାଣପତ୍ର ପ୍ରଦାନ କରିବେ। ଏଥିସହ ବୈଧ ଅନୁମତି ପ୍ରମାଣପତ୍ର ବିନା ଗାଡ଼ି ଚଳାଇବା ପାଇଁ ଦଣ୍ଡ କଠୋର କରାଯାଇଛି। ଏଣିକି ୧,୦୦୦ରୁ ୨,୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡ଼ିବ। ସେହିପରି ଯଦି ଜଣେ ନାବାଳକ ଗାଡ଼ି ଚଳାଉଥିବା ଦେଖାଯାଏ, ତେବେ ତାଙ୍କ ପିତାମାତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ୨୫,୦୦୦ ଟଙ୍କା ଜୋରିମାନା ଲାଗୁ କରାଯିବ। ଏଥିସହ ଗାଡ଼ିର ପଞ୍ଜୀକରଣ ମଧ୍ୟ ବାତିଲ କରାଯିବ। ଡ୍ରାଇଭିଂ ଲାଇସେନ୍ସ ପାଇବା ପାଇଁ ଆବଶ୍ୟକ କାଗଜପତ୍ରକୁ ନିର୍ଦ୍ଦିଷ୍ଟ ଆବଶ୍ୟକତା ସହିତ ସୁବ୍ୟବସ୍ଥିତ କରାଯାଇଛି। ଏହାର ଅର୍ଥ ମନ୍ତ୍ରଣାଳୟ ଆବେଦନକାରୀଙ୍କୁ ସେମାନେ ପାଇବାକୁ ଚାହୁଁଥିବା ଲାଇସେନ୍ସ ପ୍ରକାର ପାଇଁ ଆବଶ୍ୟକ ନିର୍ଦ୍ଦିଷ୍ଟ କାଗଜପତ୍ର ବିଷୟରେ ପୂର୍ବରୁ ଜଣାଇବେ। ତେବେ ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରିବାର ପ୍ରକ୍ରିୟା ପୂର୍ବଭଳି ସମାନ ରହିଛି। ଆବେଦନକାରୀ ଉଭୟ ଅନ୍‌ଲାଇନ୍ ଓ ଆରଟିଓରେ ଆବେଦନ କରିପାରିବେ। ଏଥିସହ ପ୍ରଦୂଷଣ କମାଇବା ପାଇଁ ମନ୍ତ୍ରଣାଳୟ ୯,୦୦୦ ପୁରୁଣା ସରକାରୀ ଗାଡ଼ିକୁ ପର୍ଯ୍ୟାୟକ୍ରମେ ହଟାଇବାକୁ ଯୋଜନା କରୁଛି।

## ଦେଶରେ ବେରୋଜଗାରୀ ବଡ଼ ଆହ୍ୱାନ : ନିଯୁକ୍ତି ସନ୍ଧାନରେ ଯୁବପିଢ଼ି



**ନୂଆଦିଲ୍ଲୀ :** ସମ୍ପ୍ରତି ଦେଶରେ ବେକାରି ସମସ୍ୟା ଉକ୍ରଟ ରୂପ ନେବାରେ ଲାଗିଛି। ନିଯୁକ୍ତି ସନ୍ଧାନରେ ଅଧିକାଂଶ ଯୁବ ପୀଢ଼ି। ଯାହା ଫଳରେ ଦେଶରେ ବର୍ତ୍ତମାନ ବେରୋଜଗାରି ବଡ଼ ଆହ୍ୱାନ ଭାବେ ମୁଣ୍ଡ ଟେକିଛି। ୨୦୩୦ ସୁଦ୍ଧା ଭାରତକୁ ୧୧.୫ କୋଟି ନୂତନ ନିଯୁକ୍ତି ସୃଷ୍ଟି କରିବାକୁ ପଡିବ। କାରଣ ବର୍ତ୍ତମାନ ସମୟରେ ଅଧିକ ଲୋକ ନିଯୁକ୍ତି ସନ୍ଧାନରେ ରହିଛନ୍ତି। ଏକ ଅଧ୍ୟୟନ ଅନୁଯାୟୀ, ଅର୍ଥନୀତିକୁ ଅଭିବୃଦ୍ଧି କରିବା ପାଇଁ ଭାରତକୁ ସେବା କ୍ଷେତ୍ର ଏବଂ ଉତ୍ପାଦନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବାକୁ ପଡିବ। ଏହି ଅଧ୍ୟୟନରେ ଆହୁରି ମଧ୍ୟ କୁହାଯାଇଛି ଯେ ଗତ ଦଶନ୍ଧିରେ ପ୍ରତିବର୍ଷ ୧.୨୪ କୋଟି ନିଯୁକ୍ତି ସୃଷ୍ଟି ହୋଇଥିବାବେଳେ ବର୍ତ୍ତମାନ ପ୍ରତିବର୍ଷ ୧.୬୫ କୋଟି ନିଯୁକ୍ତି ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଏହି ରିପୋର୍ଟ ନାଟିକ୍ସିସ ଏସ୍‌ଏର ଜଣେ ବରିଷ୍ଠ ଅର୍ଥନୀତିଜ୍ଞ ଟ୍ରିନ୍ ନଗୁଏନ୍ ପ୍ରସ୍ତୁତ କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ଏଥିମଧ୍ୟରୁ ୧.୦୪ କୋଟି ଚାକିରୀ ଆନୁଷ୍ଠାନିକ କ୍ଷେତ୍ରରେ (ସରକାରୀ ଏବଂ ବୃହତ ବେସରକାରୀ କ୍ଷେତ୍ର)ରେ ସୃଷ୍ଟି ହେବା ଉଚିତ। ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଉତ୍ପାଦନ ହେଉ କିମ୍ବା ସେବା କ୍ଷେତ୍ର ହେଉ ସେଥିରେ ଅଗ୍ରଗତି ଆଶା କରାଯାଉଛି। ତଥାପି ନିଯୁକ୍ତି ସୃଷ୍ଟିର ଏହି ଗତି ଦେଶର ୧.୪ ବିଲିୟନ ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୃଷ୍ଟି କରିବାକୁ ଯଥେଷ୍ଟ ଦ୍ରୁତ ନୁହେଁ। ସମ୍ପ୍ରତି ଦେଶରେ ଚାଲିଥିବା ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ରମାଗତ ଭାବେ ତୃତୀୟ ଥର ଜିତିବାକୁ ଆଶା ରଖିଛନ୍ତି, କିନ୍ତୁ ଯୁବକବର୍ଗଙ୍କ ମଧ୍ୟରେ ବେକାରି ହାର ତାଙ୍କ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ସେବା କ୍ଷେତ୍ରର ରିପୋର୍ଟ ଅନୁଯାୟୀ, ଭାରତର ଅଧାରୁ ଅଧିକ ଅଂଶ ନିଯୁକ୍ତି କ୍ଷେତ୍ରରେ ସୀମିତ। ଏଠାରେ ଉପଲବ୍ଧ ଚାକିରିରେ ମଧ୍ୟ କୌଶଳର ଅଭାବ ରହିଛି। ଭାରତ ଉତ୍ପାଦନ କ୍ଷେତ୍ରରୁ ଲାଭ ଉଠାଇପାରିବ। ଦେଶ ସେହି କମ୍ପାନୀ ଏବଂ ଦେଶଗୁଡ଼ିକୁ ଆକର୍ଷିତ କରିପାରିବ ଯେଉଁମାନେ ଚୀନ୍ ଉପରେ ସେମାନଙ୍କର ନିର୍ଭରଶୀଳତା ହ୍ରାସ କରିବାକୁ ଚାହୁଁଛନ୍ତି।

### ଅର୍ଥନୀତିକୁ ଲାଗିବ ବଡ଼ ଝଟ୍‌କା

# ବର୍ଷକର ସର୍ବନିମ୍ନ ସ୍ତରକୁ ଖସିବ ଜିଡିପି

**ନୂଆଦିଲ୍ଲୀ :** ଭଲ ନାହିଁ ଦେଶର ଅର୍ଥନୀତିର ସ୍ଥିତି। ଦରଦାମ୍ ବୃଦ୍ଧି ବା ମୁଦ୍ରାସ୍ଫୀତି ଓ ବେକାରି ଭଳି ସମସ୍ୟା ସହ ଯୁଝୁଛି ଭାରତ। ଠିକ୍ ଏହି ସମୟରେ ଦେଶର ଅର୍ଥନୀତିକୁ ଲାଗିବାକୁ ଯାଉଛି ବଡ଼ ଝଟ୍‌କା। କାରଣ ତଳମୁହାଁ ହେଉଛି ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି। ଚତୁର୍ଥ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୬.୭ ପ୍ରତିଶତ ରହିପାରେ। ପୂର୍ବରୁ ୨୦୨୩-୨୪ ଆର୍ଥିକବର୍ଷରେ ଜିଡିପି ଅଭିବୃଦ୍ଧି ୭.୮ ପ୍ରତିଶତ ରହିବା ନେଇ ଆକଳନ କରାଯାଇଥିଲା। ତେବେ ଚତୁର୍ଥ ତ୍ରୈମାସିକରେ ଯଦି ଅଭିବୃଦ୍ଧିରେ ଏଭଳି ବୃହତ୍ ହ୍ରାସ ଘଟେ ତେବେ ଦେଶର ଜିଡିପି ଏକ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଆସିବ ବୋଲି ରେଟିଂ ଏଜେନ୍ସି ଇକ୍ରା ପକ୍ଷରୁ ଆକଳନ କରାଯାଇଛି। ଦେଶର ମୋଟ ଘରୋଇ ଉତ୍ପାଦକୁ ନେଇ ସରକାରୀ ଆକଳନ ପ୍ରକାଶ ପାଇବାକୁ ଆଉ ମାତ୍ର କିଛିଦିନ ବାକି ରହିଛି। ଅନ୍ତର୍ଜାତୀୟ ରେଟିଂ ଏଜେନ୍ସିଗୁଡିକ ଭାରତର ଚତୁର୍ଥ ତ୍ରୈମାସିକ ଜିଡିପି ଆକଳନ କରିବା ଆରମ୍ଭ କରି ଦେଇଛନ୍ତି। ଇଣ୍ଡିଆ ରେଟିଂସ ପରେ, ବର୍ତ୍ତମାନ ଇକ୍ରା ପକ୍ଷରୁ ଆକଳନ ରିପୋର୍ଟ ଜାରି କରାଯାଇଛି। ଇକ୍ରା କହିଛି ଯେ ଭାରତର ଚତୁର୍ଥ ତ୍ରୈମାସିକ ଜିଡିପି ତଥ୍ୟ ଏକ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଆସିପାରେ। ଯାହା ଦେଶର ଅର୍ଥନୀତି ପାଇଁ ଏକ ଶକ୍ତ ଧକ୍କା। ଏହାପୂର୍ବରୁ କ୍ରମାଗତ ତିନୋଟି ତ୍ରୈମାସିକ ଧରି ଭାରତର ଜିଡିପି ହାର ୮ ପ୍ରତିଶତରୁ ଅଧିକ




ରହିଥିଲା। ବର୍ତ୍ତମାନ ଇକ୍ରା ଦ୍ୱାରା ପ୍ରସ୍ତୁତ ଚତୁର୍ଥ ତ୍ରୈମାସିକ ଆକଳନ ୭ ପ୍ରତିଶତରୁ କମ୍ ରହିଛି। ଇକ୍ରା କରିଥିବା ଆକଳନ ଅନୁଯାୟୀ, ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୨୦୨୩-୨୪ ଆର୍ଥିକବର୍ଷର ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ୬.୭ ପ୍ରତିଶତକୁ ହ୍ରାସ ଘଟିବ। ୨୦୩-୨୪ ସମଗ୍ର ଆର୍ଥିକବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ହାର ୭.୮ ପ୍ରତିଶତ ରହିବ। ଇକ୍ରାର ମୁଖ୍ୟ ଅର୍ଥନୀତିଜ୍ଞ (ହେଡ-ରିସର୍ଚ୍ଚ ଆଣ୍ଡ ଆଉଟରିଚ୍) ଆଦିତ୍ୟ ନାୟାର କହିଛନ୍ତି ଯେ ଜିଡିପି ଅଭିବୃଦ୍ଧି ଆର୍ଥିକବର୍ଷର ଚତୁର୍ଥ ତ୍ରୈମାସିକରେ (ଜାନୁଆରୀ-ମାର୍ଚ୍ଚ) ହ୍ରାସ ଘଟିବ। ୨୦୨୨-୨୩ ଆର୍ଥିକବର୍ଷର ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ଭାରତର ଜିଡିପି ୬.୧ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୨-୨୩ ସମଗ୍ର ଆର୍ଥିକ ବର୍ଷ ପାଇଁ ଏହି ଅଭିବୃଦ୍ଧି ୭ ପ୍ରତିଶତ ରହିଥିଲା। ଅନ୍ୟପକ୍ଷରେ, ଚତୁର୍ଥ ତ୍ରୈମାସିକ ପାଇଁ ଇଣ୍ଡିଆ ରେଟିଂସ ମଧ୍ୟ ସମାନ ଆକଳନ କରିଛି। ଇଣ୍ଡିଆ ରେଟିଂ ଆଣ୍ଡ୍ ରିସର୍ଚ୍ଚର ତଥ୍ୟ ଅନୁଯାୟୀ ମାର୍ଚ୍ଚ ତ୍ରୈମାସିକ ମାସରେ ଦେଶର ଜିଡିପି ଅଭିବୃଦ୍ଧି ୬.୭ ପ୍ରତିଶତ ରହିପାରେ। ଯଦି ଆମେ ସମଗ୍ର ଆର୍ଥିକବର୍ଷ ବିଷୟରେ ଆଲୋଚନା କରିବା, ତେବେ ଜିଡିପି ଅଭିବୃଦ୍ଧି ୬.୯ ପ୍ରତିଶତରୁ ୭ ପ୍ରତିଶତରେ ପହଞ୍ଚିପାରେ। ଇଣ୍ଡିଆ ରେଟିଂସ ଅନୁଯାୟୀ, ଗତ ତ୍ରୈମାସିକରେ ଜିଏସ୍‌ଟି ସଂଗ୍ରହରୁ ସରକାର ଅନେକ ଲାଭ ପାଇଥିଲେ, କିନ୍ତୁ ଗତ ତ୍ରୈମାସିକରେ ଜିଏସ୍‌ଟି ସଂଗ୍ରହରେ ସେଭଳି ଅଭିବୃଦ୍ଧି ଦେଖିବାକୁ ମିଳିଲା ନାହିଁ। ଅନ୍ୟପକ୍ଷରେ ମୁଦ୍ରା ନୀତି ବୈଠକରେ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଭାରତର ଅର୍ଥନୀତିର ଅଭିବୃଦ୍ଧିକୁ ନେଇ ଯେଉଁ ପୂର୍ବାନୁମାନ କରିଛି ତାହା ମଧ୍ୟ ବିଶେଷ କିଛି ନୁହେଁ। ସମଗ୍ର ଆର୍ଥିକବର୍ଷ ପାଇଁ ଦେଶର ଅଭିବୃଦ୍ଧି ୭ ପ୍ରତିଶତ ରହିବ ବୋଲି ଆରବିଆଇ ଆକଳନ କରିଛି।

# ଘିଙ୍ଗିରାସାହି ଗାଁରେ ବିକାଶ ଘର ଠପ୍



**ବୌଦ୍ଧ :** ରହିବା ପାଇଁ ଘରଖଣ୍ଡେ ନାହିଁ, ଦୁଇବେଳା ଖାଇବାକୁ ବି ମିଳୁନାହିଁ। ସେମାନଙ୍କୁ ଦେଖିଲେ ଲାଗୁଛି ଯେମିତି ସରକାରଙ୍କ ବିକାଶର ଦୃଷ୍ଟି ଆଢୁଆଳରେ ରହିଯାଇଛନ୍ତି। ଭାଗ୍ୟକୁ ଆଦରି ଜରି ପାଲ ଟଣା ଭଙ୍ଗା ଦଦରା ଘରେ ରହିବାକୁ ବାଧ ହେଉଛନ୍ତି। ସରକାରୀ ଯୋଜନା ସେମାନଙ୍କଠାରୁ ପହଞ୍ଚି ପାରୁନଥିବାରୁ ଏହାର ପ୍ରତିବାଦରେ କିଛି ଲୋକ ଭିଟାମାଟି ଛାଡି ଚାଲିଯାଉଛନ୍ତି। ଅପରପକ୍ଷରେ କିଛି ଗ୍ରାମବାସୀ ସେମାନଙ୍କ ମୌଳିକ ସୁବିଧା ପୂରଣ ନହେଲେ ଚଳିତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସାଲୁଙ୍କୀ ନଦୀ ଓ ମହାନଦୀର ସଙ୍ଗମ ସ୍ଥଳରେ ତଥା ଠିକ ମୁହାଣ ନିକଟରେ ରହିଛି ବୌଦ୍ଧ ଜିଲା ସଦର ବ୍ଲକର ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଘିଙ୍ଗିରାସାହି ଗାଁ। କୌଣସି ଉପାନ୍ତ କିମ୍ବା ଦୁର୍ଗମ ଅଞ୍ଚଳରେ ନୁହେଁ, ବରଂ ଜିଲା ସଦରମହକୁମାଠାରୁ ମାତ୍ର ୭ କିଲୋମିଟର ଦୂରରେ ଅବସ୍ଥିତ ଘିଙ୍ଗିରାସାହି ଗାଁ। ସଦର ମହକୁମାଠାରୁ ସିନା ଗାଁଟି ପାଖରେ ଅଛି ହେଲେ ଗାଁର ଅବସ୍ଥା କହିଲେ ନସରେ। ଦୀପତଳ ଅନ୍ଧାର ଉକ୍ତି ଭଳି ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ରହିଛନ୍ତି ଏହି ଗ୍ରାମବାସୀ। ଘିଙ୍ଗିରାସାହି ଗାଁରେ ଘିଙ୍ଗିରା ସଂପ୍ରଦାୟର ଲୋକେ ଶହ ଶହ ବର୍ଷ ଧରି ବସବାସ କରିବା ସହିତ ସେମାନଙ୍କ ପାରମ୍ପରିକ ବୃତ୍ତି ନଦୀରୁ ମାଛ ଧରିବା ସହ ସାରୁ ଚାଷ କରି ଜୀବିକା ନିର୍ବାହ କରିଆସୁଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ଜିଲା ସଦରମହକୁମାଠାରୁ ଅଳ୍ପ ଦୂରରେ ଥିବା ଏହି ଗାଁଟି ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଥିବା ଅଭିଯୋଗ ହୋଇଛି। ଗାଁକୁ ସଂଯୋଗ କରୁଥିବା ରାସ୍ତାଟି ସାଲୁଙ୍କୀ ନଦୀ କୂଳରେ ଅତ୍ୟନ୍ତ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ବର୍ଷା ଦିନେ ଗାଁର ଚତୁଃର୍ପାଶ୍ୱକୁ ବନ୍ୟା ଜଳ ଘେରି ରହୁଛି। ଏଠାରେ ଅଧିକାଂଶ ପରିବାର ଆବାସ ଯୋଜନାରୁ ବଞ୍ଚିତ ଥିବା ବେଳେ ଅନେକ ପରିବାର ବିଦ୍ୟୁତ ସେବାରୁ ମଧ୍ୟ ବଞ୍ଚିତ ରହିଛନ୍ତି। ଦୁଇଟି ନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ ଏହି ଗାଆଁରେ ପାନୀୟଜଳର ଉତ୍କଟ ସମସ୍ୟା ଦେଖାଦେଉଛି। ତେଣୁ ଧିରେ ଧିରେ ଏହି ଗାଁଠାରୁ ଭିଟାମାଟି ଛାଡି ଅନେକ ପରିବାର ଅନ୍ୟତ୍ର ଚାଲିଗଲେଣି। ନିର୍ବାଚନ ଋତୁରେ ଏଠାକାର ଅଧିବାସୀଙ୍କୁ ପ୍ରତିଶ୍ରୁତିରେ ପୋତି ଦିଆଯାଇଥାଏ। କିନ୍ତୁ ଭୋଟ ସରିଲେ ସମସ୍ତେ ଯେପରି ଏହି ଗ୍ରାମବାସୀଙ୍କ ଦୁଃଖକୁ ଭୁଲି ଯାଇଥାନ୍ତି। ବର୍ତ୍ତମାନ ପୁଣିଥରେ ନିର୍ବାଚନ ସମୟ ପହଞ୍ଚି ଯାଇଥିବା ବେଳେ ଏଠାରେ କିନ୍ତୁ ମତଦାନ ପାଇଁ ସ୍ଥାନୀୟ ଭୋଟରଙ୍କ ମଧ୍ୟରେ କୌଣସି ଆଗ୍ରହ ନାହିଁ। ଓଲଟା ଚଳିତ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି।

# ଲୋକଙ୍କ ଶୋଷ ମେଣ୍ଟାଉଛି ଚୁଆପାଣି

**ସମ୍ବଲପୁର :** ୨୫ ବର୍ଷର ଅପାରଗତାର ନମୁନା। ରେଢ଼ାଖୋଲ ଗୋପାଳପୁର ଗାଁରେ ପଡ଼ିନି ବିକାଶର ପାଦଚିହ୍ନ। ପକ୍କା ଘର ଦିବା ସ୍ୱପ୍ନ, ନାହିଁ ସବୁଦିନିଆ ରାସ୍ତା। ଚୁଆ ପାଣିରେ ମେଣ୍ଟୁଛି ଲୋକଙ୍କ ଶୋଷ। ବିଜେଡି ସରକାର ଉପରେ ବଢୁଛି ଲୋକଙ୍କ ଆକ୍ରୋଶ। ରେଢ଼ାଖୋଲ ନିର୍ବାଚନମଣ୍ଡଳୀ ନାକଟିଦେଉଳ ବ୍ଲକର ଗୋପାଳପୁର ଗାଁ, ଯେଉଁ ଗାଁକୁ ଯିବାକୁ ପକ୍କା ରାସ୍ତାଟିଏ ନାହିଁ। ପାହାଡ ଜଙ୍ଗଲ ଘେରା ଗୋପାଳପୁର ଗାଁରେ ବାଟବଣା ବିକାଶ। ରାସ୍ତା କହିଲେ ଅଣଓସାରିଆ କଚ୍ଚା ମାଟି ରାସ୍ତା। ଖରାଦିନେ ତ ଚଳିଯାଉଛି କିନ୍ତୁ ବର୍ଷାଦିନେ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ। ଏବେ ବି ଆମ୍ବୁଲାନ୍ସ ଆସିଲେ ଅଧାବାଟ ଯାଏଁ ହିଁ ଆସିପାରେ। ବାକି ବାଟ ରୋଗୀଙ୍କୁ ସେଯାଏଁ ବୋହିକରି ନେବାକୁ ପଡିଥାଏ। ପକ୍କା ସଡକଟିଏ ଗାଁକୁ ଏବେଯାଏଁ ହୋଇପାରିନି। ନା ପକ୍କା ସଡକ ଅଛି ନା ପାନୀୟ ଜଳର ବ୍ୟବସ୍ଥା। ଚୁଆ ପାଣିରେ ଶୋଷ ମେଣ୍ଟାଉଛନ୍ତି ଗୋପାଳପୁର ଗାଁ ଲୋକେ। ଏଠାକାରା ଲୋକଙ୍କ ପାଇଁ ପକ୍କାଘର ସ୍ୱପ୍ନ। ମୁଣ୍ଡ ଗୁଞ୍ଜିବାକୁ ସାହାରା ଏହି ଝଟିମାଟି ଘର। ସେଥିପାଇଁ କେତେବେଳେ ଜଙ୍ଗଲୀ ଜନ୍ତୁ ଘରେ ପଶିଯିବାର ଭୟ ଆଉ କେତେବେଳେ ଜଙ୍ଗଲୀ ହାତୀ ଘର ଭାଙ୍ଗିଦେବାର ଭୟରେ ଲୋକଙ୍କ ଆଖିରେ ନିଦ ନାହିଁ। ସ୍ଥାନୀୟ ଜନପ୍ରତିନିଧି ଓ ରାଜ୍ୟର ବିଜେଡି ସରକାରଙ୍କ ଅପାରଗତାର ଭୟାବହ ପରିଣାମ ଭୋଗୁଛନ୍ତି ଗୋପାଳପୁରବାସୀ। ଗ୍ରାମବାସୀଙ୍କ ଅଭିଯୋଗ ବର୍ଷ ବର୍ଷ ଧରି ବିଜେଡିକୁ ଭୋଟ୍ ଦେଇଥିବାର ଫଳ ଭୋଗୁଛୁ। ଏଥର ରାସ୍ତା ଓ ପାଣି ନାହିଁ ତ ଭୋଟ୍ ନାହିଁ। ଭୋଟ୍ ପୂର୍ବରୁ ପ୍ରତିଶ୍ରୁତିର ବର୍ଷା। କିନ୍ତୁ ଭୋଟ୍ ପରେ ପଚାରେ କିଏ ? ମିଛୁଆ ବିଜେଡି ସରକାରଙ୍କ ଅସଲ ଚେହେରା ଦେଖିସାରିଲେଣି ରେଢାଖୋଲ ବାସିନ୍ଦା। ସମସ୍ତଙ୍କ ମୁହଁରେ ଏବେ ପରିବର୍ତ୍ତନର ସ୍ୱର। ୨୫ ବର୍ଷର ପ୍ରତାରଣା। ବିଜେଡି ଶାସନରେ ଇଏ କେମିତିକା ବିକାଶ ? କେବେ ସୁଧୁରିବ ଗୋପାଳପୁର ଗାଁର ସ୍ଥିତି ?

# ଦୁର୍ଗମରେ ସରୁନି ଦୁର୍ଦ୍ଦଶା

## ସରକାରୀ ସୁବିଧାରୁ ବଞ୍ଚିତ ଆଦିବାସୀ



**ହରିଚନ୍ଦନପୁର :** ପାହାଡିଆ ପଥୁରିଆ ବାଟଦେଇ ଟାଙ୍ଗିରିଆପାଳ ମୁଖ୍ୟ ରାସ୍ତା ଠାରୁ ପ୍ରାୟ ଆଠ କିଲୋମିଟର ଦୂର ଘଞ୍ଚ ଜଙ୍ଗଲ ମଧ୍ୟରେ ପଡେ 'ଅର୍ଜୁନଚୂଆ' ଗାଁ, ଯାହା ହରିଚନ୍ଦନପୁର ଗୌଣିଘଷା ପଞ୍ଚାୟତର ଅନ୍ୟତମ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ। ଏଠାରେ ରହିଛି ଅର୍ଜୁନଚୂଆ ସମେତ ଆଠ ଗୋଟି ସାହି, ପାଖାପାଖି ଦୁଇଶହ ପରିବାର ସାହି ଗୁଡିକରେ ବସବାସ କରୁଥିବା ବେଳେ ଏଠାରେ କାହାର ବି ପଡିନି ପାଦ ଚିହ୍ନ ନା ପହଞ୍ଚିଛି ବିକାଶ। ଦୀର୍ଘ ଦଶନ୍ଧି ଦଶନ୍ଧି ଧରି ଲୋକମାନେ ଏଠାକାର ସାହି ଗୁଡ଼ିକରେ ବସବାସ କରୁଥିଲେ ସୁଦ୍ଧା ସରକାରଙ୍କ ମୌଳିକ ସୁବିଧା ଏମାନଙ୍କ ପାଇଁ ପାଲଟିଛି ସ୍ୱପ୍ନ, ସାହି ଗୁଡ଼ିକରେ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ, ପାନୀୟ ଜଳ ଭଳି ସରକାରୀ ସୁବିଧା ଅପହଞ୍ଚ। ଏହି ଆଠଗୋଟି ସାହିରେ ଗୋଟେ ଅଧେ ନଳକୂପ ଥିଲେ ମଧ୍ୟ କେଉଁଠି ଗୋଟିଏ ବାଲ୍‌ଟିରୁ ଅଧିକ ପାଣି ପବାହାରୁନି ତ କେଉଁଠି ଲୁହାଗୁଣ୍ଡ ଗୋଳିଆପାଣି ଯାହା ଫଳରେ ପିଇବା ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏଠାକାର ବାସିନ୍ଦା। ଗମନାଗମନ କଥା ନକହିବା ଭଲ। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଅର୍ଜୁନଚୂଆ ପର୍ଯ୍ୟନ୍ତ ପ୍ରାୟ ଦଶ କିଲୋମିଟର ପକ୍କା ରାସ୍ତା ହୋଇଥିଲେ ମଧ୍ୟ ସାହି ଗୁଡିକୁ ସଂଯୋଗ କରାଯାଇ ନାହଁ କେଉଁଠି ତିନି କିଲୋମିଟର ତ କେଉଁଠି ପାଞ୍ଚ କିଲୋମିଟର ପାହାଡିଆ ମାଟି ପଥୁରିଆ ବାଟ ଥିବା ବେଳେ ଅନେକ ସମୟରେ ଲୋକମାନେ ଅସୁବିଧାର ସମ୍ମୁଖିନ ହୋଇଥାନ୍ତ। ଏବେ ପର୍ଯ୍ୟନ୍ତ କିଛି ସାହିକୁ ବିଦ୍ୟୁତ୍ ସଂଯୋଗ କରାଯାଇ ପାରିନାହିଁ ଫଳରେ ସଞ୍ଜ ନଇଁବା କ୍ଷଣି ଜଙ୍ଗଲ ମଧ୍ୟରେ ଡିବିରି ଆଲୁଅ ହିଁ ସାହା ଭରଷା। ବିଦ୍ୟୁତ ବିଭାଗ ତରଫରୁ କିଛି ସାହିରେ ବିଦ୍ୟୁତ ଖୁଣ୍ଟ ସହିତ ବିଦ୍ୟୁତୋପକରଣ ମଧ୍ୟ ଦିଆ ଯାଇଥିଲେ ସୁଧା ବିଦ୍ୟୁତ କରଣ କରାଯାଇ ପାରି ନାହିଁ।

# ମୁଖ୍ୟମନ୍ତ୍ରୀଙ୍କୁ ବନ୍ଧକ ରଖାଯାଇଛି : ବିଜେପି

**ଭୁବନେଶ୍ୱର :** ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବନ୍ଧନ କରି ରଖାଯାଇଛି। ବିଗତ କିଛି ଦିନ ହେଲା ଘଟୁଥିବା ଅନେକ ଘଟଣା ଓ ମୁଖ୍ୟମନ୍ତ୍ରୀଙ୍କ ନିଜ ଦଳ ବିଜେଡି ଦ୍ୱାରା ସାମାଜିକ ଗଣମାଧ୍ୟମରେ ଛଡ଼ାଯାଇଥିବା ଭିଡିଓ ଗୁଡ଼ିକୁ ଦେଖିବାପରେ ଏହା ସ୍ପଷ୍ଟ ହୋଇଛି ମୁଖ୍ୟମନ୍ତ୍ରୀଙ୍କୁ ଯେଉଁଭଳିଭାବେ ଲୋକଙ୍କ ପାଖରେ ଉପସ୍ଥାପିତ କରାଯାଉଛି। ସେ ଜଣେ ଅସାଧାରଣ ବ୍ୟକ୍ତି କହିଲେ ଅତୁକ୍ତି ହେବ ନାହିଁ। ମୁଖ୍ୟମନ୍ତ୍ରୀ ଭାବେ ଦୀର୍ଘଦିନ ଧରି ରାଜ୍ୟର ଦାୟିତ୍ୱରେ ରହିଛନ୍ତି। ଭିଡିଓ ଗୁଡିକୁ ଦେଖିବା ପରେ ରାଜ୍ୟବାସୀଙ୍କ ମନରେ ପ୍ରଶ୍ନ ସୃଷ୍ଟି ହେବା ସହିତ ସମ୍ବେଦନଶୀଳ ବିଷୟ ବୋଲି ଅନୁଭବ ହେଉଛି। ଯୋଡି ଶଙ୍ଖକୁ ଭୋଟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଲୁଙ୍ଗି ପିନ୍ଧି ଯେଉଁଭଳି ଯୋଡି ଶଙ୍ଖର ଚିହ୍ନ ଧରି ନିଜ ଦଳ ସପକ୍ଷରେ ପ୍ରଚାର କରୁଥିଲେ, ତାହାର ଭିଡିଓକୁ ଓଡ଼ିଶାବାସୀ ଦେଖିଛନ୍ତି। ତାଙ୍କ ପାଖରେ ତାମିଲବାବୁ ପେଣ୍ଟ ସାର୍ଟ ପିନ୍ଧିଛି ନବୀନ ବାବୁ ହିଞ୍ଜିଳି ଆସୁଛନ୍ତି ଏକଥା କହି ସେ ମଧ୍ୟ ବିଜେଡି ଦଳର ପ୍ରଚାର କଲେ। ମୁଖ୍ୟମନ୍ତ୍ରୀଙ୍କୁ ଯେଉଁଭଳିଭାବେ ଓଡ଼ିଆ ଲୋକଙ୍କ ପାଖରେ ଉପସ୍ଥାପନା କରାଯାଉଛି, ତାହା ରାଜ୍ୟବାସୀଙ୍କୁ ଦୁଃଖ ଦେଇଛି। ଅନ୍ୟ ଭିଡିଓରେ ତାମିଲିବାବୁ ପ୍ରଶ୍ନ କରୁଛନ୍ତି ମୁଖ୍ୟମନ୍ତ୍ରୀ ଉତର ଦେଉଛନ୍ତି। ନବୀନ ବାବୁଙ୍କ ଆଚାର ବ୍ୟବହାର ଓଡିଶାବାସୀ ଜାଣିଛନ୍ତି, କିନ୍ତୁ ନବୀନ ବାବୁ ବିରୋଧୀଙ୍କୁ ଚୋର ଓ ଚଣ୍ଡାଳ କେବେ କହିବେନି। ସବୁଠୁ ଆଶ୍ଚର୍ଯ୍ୟର ବିଷୟ ମୁଖ୍ୟମନ୍ତ୍ରୀଙ୍କ ଭିଡିଓରେ "ଫନ୍ ମ୍ୟୁଜିକ" ଦିଆଯାଇଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏଭଳି କାର୍ଯ୍ୟକଳାପରୁ ସ୍ପଷ୍ଟ ହେଉଛି ମୁଖ୍ୟମନ୍ତ୍ରୀଙ୍କୁ "ବନ୍ଧକ" ରଖାଯାଇଛି। ରାଜ୍ୟର ବୃହତର ସ୍ୱାର୍ଥ ଦୃଷ୍ଟିରୁ ଯଥାଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ବନ୍ଧନ ମୁକ୍ତ କରିବା ପାଇଁ ବିଜେପି ପକ୍ଷରୁ ଦାବି କରାଯାଉଛି ବୋଲି ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ବନ୍ଧକ ରଖାଯିବା ରାଜ୍ୟବାସୀଙ୍କ ପାଇଁ ଚିନ୍ତାର ବିଷୟ। ମୁଖ୍ୟମନ୍ତ୍ରୀଙ୍କ ପୂର୍ବତନ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ ତାଙ୍କୁ ସମ୍ପୂର୍ଣ୍ଣ ରୂପେ ବନ୍ଧକ ରଖିଥିବା ନେଇ ଯଥେଷ୍ଟ ପ୍ରମାଣ ଥିବା ସତ୍ତ୍ୱେ ରାଜ୍ୟ ପ୍ରଶାସନ ଏ ଦିଗରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସ୍ଥିତି ଏଭଳି ଉଦ୍‌ବେଗଜନକ ହୋଇଛି ଯେ, ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଓ କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂ ଏ ପ୍ରସଙ୍ଗରେ ନିଜର ଚିନ୍ତାବ୍ୟକ୍ତ କରିବାକୁ ବାଧ ହୋଇଛନ୍ତି। ବିଜେଡି ପକ୍ଷରୁ ସାମାଜିକ ଗଣାମାଧ୍ୟମରେ ପ୍ରଚାର କରାଯାଉଥିବା ମୁଖ୍ୟମନ୍ତ୍ରୀ ଓ ପାଣ୍ଡିଆନଙ୍କ ଭିଡିଓ ବାର୍ତାଗୁଡ଼ିକ ଏଆଇ ଭିଡିଓ ଭଳି ଜଣାପଡୁଛି। ଉକ୍ତ ଭିଡିଓ ଗୁଡ଼ିକରେ ମୁଖ୍ୟମନ୍ତ୍ରୀଙ୍କ କଥା "ପଞ୍ଜୁରୀ ଭିତରେ ଶୁଆ"କୁ କଥା କୁହାଇବା ଭଳି ଲାଗୁଛି। ଓଡିଶାର ସମସ୍ତ ଗଣାମାଧ୍ୟମ ପ୍ରତିନିଧିଙ୍କୁ ବିଜେପି ବିନମ୍ରତାର ସହ ନିବେଦନ କରୁଛି ଯେ, ସେମାନେ ମଧ୍ୟ ମିଳିତ ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ବନ୍ଧନ ମୁକ୍ତ କରିବା ପାଇଁ ପ୍ରଶାସନ ଉପରେ ଚାପ ପ୍ରୟୋଗ କରନ୍ତୁ। ଏଭଳି ଏକ ସମ୍ବେଦନଶୀଳ ବିଷୟକୁ ରାଜ୍ୟର ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକ ଗମ୍ଭୀରତାର ସହ ନେବେ ବୋଲି ଆମେ ଆଶା କରୁଛୁ।

# ପାଣି ପାଇଁ ହାହାକାର; ୫୦ପରିବାର ପାଇଁ ଗୋଟିଏ ନଳକୂପ



**ବାଙ୍ଗିରିପୋଷି :** ପାଣି ପାଇଁ ହାହାକରା। ୫୦ପରିବାର ପାଇଁ ଗୋଟିଏ ନଳକୂପ, ସେବି ଖରା ଦିନେ ଦେଉଛି ଧୋକା। ଫେଲ୍ ମାରିଛି ବସୁଧା ଯୋଜନା। ପାଣି ପାଇଁ ତହଳବିକଳ ହେଉଛନ୍ତି ଦୁର୍ଗମବାସୀ। ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଗୋଳାମୁଣ୍ଡାକଟା ପଞ୍ଚାୟତର ଅସନା ହୁଡ଼ିସାହିର। ଗାଁର ପାଣି ସମସ୍ୟା ଯୋଗୁଁ ଅତିଷ୍ଠ ଗ୍ରାମବାସୀ। ଗାଁରେ ପାନୀୟ ଜଳ ଯୋଗାଣ ପାଇଁ ସେଭଳି କିଛି ବ୍ୟବସ୍ଥା ନାହିଁ। ଫଳରେ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି ଅଞ୍ଚଳବସୀ। ଗାଁରେ ରହୁଥିବା ୫୦ ପରିବାର ପାଇଁ ଗୋଟିଏ ନଳକୂପ ଅଛି। ମାତ୍ର ଖରାଦିନ ଆସିଲା ମାତ୍ରେ ଏଥିରେ ପାଣି ସମସ୍ୟା ଦେଖାଦିଏ। ଘଣ୍ଟାଘଣ୍ଟା ଅପେକ୍ଷା କଲେ ମିଳେ ମୁନ୍ଦାଏ ଗୋଳିଆ ପାଣି। ମାତ୍ର ପାନୀୟ ଜଳ ଯୋଗାଣର ସୁବିଧା ନଥିବାରୁ ଏହି ପାଣିକୁ ବାଧ ହୋଇ ଲୋକେ ବ୍ୟବହାର କରନ୍ତି। ବିଧାୟକ ସୁଦାମ ମାରାଣ୍ଡିଙ୍କ ନିର୍ବାଚନ ମଣ୍ଡଳି ଅଧିନରେ ଆସେ ଏହି ଗାଁ। ମାତ୍ର ବିଧାୟକ ଗାଁର ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ କିଛି ବ୍ୟବସ୍ଥା କରିନାହାନ୍ତି। ବାରମ୍ବାର ପାଣି ଯୋଗାଇବା ପାଇଁ ଦାବି ହୋଇ ଆସୁଥିବା ବେଳେ ମିଳୁଛି ଖାଲି ମିଛ ପ୍ରତିଶ୍ରୁତି। ଶେଷରେ ନିରାସ ଗ୍ରାମବାସୀ ସରକାରଙ୍କ ଉପରୁ ଆସ୍ଥା ହରାଇ ନିର୍ବାଚନ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ବିକାଶ ପ୍ରକ୍ରିୟା ନାଁରେ ବିନାଶ ହେଉଛି ପ୍ରକୃତି



**ନୟାଗଡ :** ବିକାଶ ପ୍ରକ୍ରିୟା ନାଁରେ ବିନାଶ ହେଉଛି ପ୍ରକୃତି। ୪୫ ଡିଗ୍ରୀ ଅସହ୍ୟ ତାତିରେ ଏବେ ଜଳୁଛି ଜନ ଜୀବନ। ହେଲେ ଅମୃତରୂପୀ ଅମ୍ଳଜାନ ଯୋଗାଉଥିବା ନିର୍ଜୀବ ଗଛ ମାନଙ୍କୁ ନିଷ୍ଠୁର ଭଳି କାଟି ପକାଉଛି ଏଇ ସ୍ୱାର୍ଥପର ମଣିଷ। ରାସ୍ତା ପ୍ରଶସ୍ତିକରଣ ନାଁରେ ନୟାଗଡ଼ ଠାରୁ ରଣପୁରକୁ ସଂଯୋଗ କରୁଥିବା ରାସ୍ତାରୁ ଏବେ ଦୈନିକ କଟାଯାଉଛି ଶହ ଶହ ଗଛ। ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ଏହାକୁ ତୀବ୍ର ବିରୋଧ କରିବା ସହ ଏହି ଗଛ ସବୁକୁ ନିର୍ମମ ଭାବେ ନ କାଟି ସ୍ଥାନାନ୍ତରିତ କରିବାକୁ ସରକାରଙ୍କୁ ନିବେଦନ କରିଛନ୍ତି। ପୁରୀ-ନୟାଗଡ଼ ବାଇପାସ୍ ରାସ୍ତା ସଂଯୋଗ ପାଇଁ ନୟାଗଡ଼ରୁ ରଣପୁର ସଂଯୋଗ କରୁଥିବା ଏହି ରାସ୍ତାରେ ଏବେ ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ବିଶାଳକାୟ ଗଛ ବଳିପଡିଲାଣି। ତେବେ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟପାଇଁ ଆଗକୁ ଆହୁରି ଅନେକ ଗଛ ବଳିପଡିବା ପାଇଁ ପ୍ରଶାସନିକ ସ୍ତରରେ ନିଷ୍ପତି ହୋଇଛି। ହେଲେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ରାସ୍ତା ପ୍ରଶସ୍ତିକରଣ ଜରୁରୀ ହୋଇଥିବାବେଳେ ବିନା ନୂଆ ଚାରାରୋପଣରେ ଏତେ ସଂଖ୍ୟାରେ ଗଛ କାଟିବାକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଛନ୍ତି। ସେପଟେ ନୂଆ ପ୍ରଣାଳୀରେ ଗଛକୁ ନକାଟି ସ୍ଥାନାନ୍ତରିତ କରାଯିବା ସହ ନୂଆ ଗଛ ଲଗାଇବା ପରେ ପୁରୁଣା ଗଛ କଟାଯାଉ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଜଙ୍ଗଲ ଓ ପରିବେଶ ସୁରକ୍ଷା ନେଇ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ସାରୁଥିବାବେଳେ ବର୍ଷ ବର୍ଷର ପୁରୁଣା ଗଛକୁ ଏଭଳି ଅବାଧରେ ନକାଟି କାହିଁକି ଆଧୁନିକ ପ୍ରଣାଳୀରେ ସ୍ଥାନାନ୍ତରିତ କରାନଯିବ ସେନେଇ ପରିବେଶ ପ୍ରେମୀ ପ୍ରଶ୍ନ ଉଠାଇଛନ୍ତି। ସେପଟେ ଜଙ୍ଗଲ ବିଭାଗ ମଧ୍ୟ ଏହି ରାସ୍ତା ପାର୍ଶ୍ୱରେ ଅଧିକରୁ ଅଧିକ ନୂଆ ଗଛ ଲଗାଇବାକୁ ସାଧାରଣରେ ଦାବି ହୋଇଛି।

# ଆଇସିବିଏ ସମ୍ମିଳନୀରେ ଅମ୍ବିକା ପ୍ରସାଦ ଦାସ

**ଭୁବନେଶ୍ୱର :** ଅନ୍ତର୍ଜାତୀୟ ସମବାୟ ବ୍ୟାଙ୍କିଙ୍ଗ୍ ଆସୋସିଏସନ୍ (ଆଇସିବିଏ) ସମ୍ମିଳନୀରେ ବିଶିଷ୍ଟ ସମବାୟବିତ୍ ? ଅମ୍ବିକା ପ୍ରସାଦ ଦାସ ଯୋଗ ଦେଇଛନ୍ତି। ଜାତୀୟ ରାଜ୍ୟ ସମବାୟ ବ୍ୟାଙ୍କ ମହାସଂଘ ଏବଂ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଶ୍ରୀ ଦାସ ଗତ ୨୧ ତାରିଖରେ ଆନ୍ତର୍ଜାତିକ ମଞ୍ଚରେ ନିଜର ଉପସ୍ଥିତି ଜାହିର କରିଥିଲେ। ନେଦରଲାଣ୍ଡର ରାବୋ ବ୍ୟାଙ୍କ ପରିସରରେ ଅନୁଷ୍ଠିତ ଆଇସିବିଏ ମିଟରେ କର୍ଣ୍ଣାଟକର ସମବାୟ ମନ୍ତ୍ରୀ କେ ଏନ୍ ରଞ୍ଜନାଙ୍କ ସହ ଶ୍ରୀ ଦାସ ଭାରତର ପ୍ରତିନିଧିତ୍ୱ କରୁଥିଲେ। ଶ୍ରୀ ଦାସ ଜଣେ ବିଶିଷ୍ଟ ସମବାୟବିତ୍ ଏବଂ ତାଙ୍କ ମନରେ ସର୍ବଦା ଉଦ୍ଭାବନ, ଅଭିବୃଦ୍ଧି ଏବଂ ସ୍ଥାୟୀତା ପାଇଁ ମିଶନ ରହିଛି ବୋଲି ଜଣେ ଅଭିଜ୍ଞ ସମବାୟବିତ୍ କହିଛନ୍ତି। ଏହି ବୈଠକରେ ନାଫ୍ ଏସ୍ ସିଓବି ସଭାପତି ରବୀନ୍ଦ୍ର ରାଓ ମଧ୍ୟ ଯୋଗ ଦେଇଥିଲେ। ନଫସ୍କବ ସିଇଓ ତଥା ଆଇସିବିଏର ସଭାପତି ଭୀମ



ସୁବ୍ରମଣ୍ୟମ ବୋର୍ଡ ବୈଠକରେ ଅଧକ୍ଷତା କରିଥିଲେ। ଆମେରିକା, ବ୍ରିଟେନ, ପୋଲାଣ୍ଡ, ନେଦରଲାଣ୍ଡ, ବ୍ରାଜିଲର ବୋର୍ଡ ସଦସ୍ୟମାନେ ବୋର୍ଡ ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ବ୍ୟାଙ୍କିଂ କ୍ଷେତ୍ରରେ ସାଇବର ଅପରାଧ ରୋକିବା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ସମବାୟ ବ୍ୟାଙ୍କିଙ୍ଗକୁ ବ୍ୟାପକ ଭାବେ ସମ୍ପ୍ରସାରଣ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ବୋଲି ଶ୍ରୀ ଦାସ କହିଛନ୍ତି, ଉଭୟ ଓଡ଼ିଶା ରାଜ୍ୟ ଓ ଭାରତରେ ସମବାୟ ମିଶନକୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କର ପ୍ରୟାସକୁ ପ୍ରଶଂସା କରାଯାଇଛି।


# '୨୫ବର୍ଷର ସ୍ଥିର ସରକାର ସତ୍ତ୍ୱେ ଓଡିଶା ବିକାଶର ସବୁ ମାପଦଣ୍ଡରେ ତଳେ'

**ଭୁବନେଶ୍ୱର :** ଦୀର୍ଘ ୨୫ବର୍ଷ ବିଜେଡି ସରକାରରେ ଓଡ଼ିଶାର ସ୍ଥିତି ଆଜି କେଉଁଠି ? କାହିଁକି ଓଡ଼ିଶା ସମସ୍ତ ବିକାଶର ମାପକାଠିରେ ତଳେ ରହୁଛି ଏହା ଆମ ପାଇଁ ଚିନ୍ତାଜନକ କଥା। ମୁଖ୍ୟମନ୍ତ୍ରୀ କହୁଛନ୍ତି ଯେ, ଓଡ଼ିଶା ବିକାଶରେ ବହୁତ ବାଟ ଆଗେଇଛି। ବାସ୍ତବିକତା ହେଉଛି ଓଡ଼ିଶା ହିଁ ଏକମାତ୍ର ରାଜ୍ୟ ଯାହା କ୍ରମାଗତ ଭାବରେ ସମସ୍ତ ବିକାଶର ମାପକାଠିରେ ତଳେ ରହୁଛି। ନୀତି ଆୟୋଗ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ "ସଷ୍ଟେନେବଲ ଡେଭଲପ୍‌ମେଣ୍ଟ ଗୋଲ୍ ଇନ୍‌ଡେକ୍ସ"ରେ ଓଡ଼ିଶାର ସ୍ଥାନ ଦେଶରେ ୧୯ତମ। "ଷ୍ଟେଟ ହେଲ୍‌ଥ ଇନ୍‌ଡେକ୍ସ"ରେ ଓଡିଶାର ସ୍ଥାନ ୧୬ଟି ବଡ ରାଜ୍ୟ ଭିତରୁ ୧୪ତମ। "ସୋସିଆଲ ପ୍ରୋଗ୍ରେସ ଇନଡେକ୍ସ"ରେ ଦେଶରେ ମୋଟ ୩୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଭିତରୁ ଓଡିଶାର ସ୍ଥାନ ୩୨ତମ ସ୍ଥାନରେ। "ଇଜି ଅଫ୍ ଡୁଇଂ ବିଜ୍‌ନେସ୍" ଓଡ଼ିଶାର ସ୍ଥାନ ଦେଶରେ ୨୯ତମ। "ଇଣ୍ଡିଆ ଇନୋଭେସନ ଇନଡେକ୍ସ"ରେ ଓଡ଼ିଶାର ସ୍ଥାନ ୧୬ଟି ବଡ ରାଜ୍ୟ ଭିତରୁ ସବା ତଳେ। "ଏକ୍ସପୋଟ ଇନ୍‌ଡେକ୍ସ"ରେ ଓଡ଼ିଶା ସମସ୍ତ ୮ଟି ସମୁଦ୍ରତଟବର୍ତୀ ରାଜ୍ୟ ଭିତରୁ ଷଷ୍ଠ ତମ ସ୍ଥାନରେ। "ୱାଟର ମ୍ୟାନେଜମେଂଟ ଇନଡେକ୍ସ"ରେ ଓଡ଼ିଶା ୧୭ଟି ଅଣହିମାଳୟ ରାଜ୍ୟ ଭିତରୁ ୧୪ତମ ସ୍ଥାନରେ। ଏହି ସମସ୍ତ ତଥ୍ୟ ନୀତି ଆୟୋଗ ଦ୍ୱାରା ପ୍ରକାଶିତ ବିଭିନ୍ନ ରିପୋର୍ଟରେ ଦିଆଯାଇଛି। ଯଦି ସବୁ ମାପଦଣ୍ଡରେ ଓଡ଼ିଶା ପଛରେ ରହିଲା ତାହାଲେ କେଉଁଠି ବିକାଶ ହୋଇଛି ତାହା ବିଜେଡି ସ୍ପଷ୍ଟ କରିବ କି ? ବିଜୁ ଜନତା ଦଳ ସ୍ପଷ୍ଟ କରୁ ଯେ, ତାଙ୍କ କହିବା ଅନୁସାରେ ଯଦି ନବୀନ ପଟ୍ଟନାୟକ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ତାହାଲେ ଓଡିଶା କାହିଁକି ସବୁ ମାପଦଣ୍ଡରେ ପଛରେ ଅଛି ବୋଲି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ଓଡ଼ିଶାର କୌଣସି ଗୋଟିଏ ମ୍ୟୁନିସପାଲଟି "ମ୍ୟୁନିସପାଲ ପରଫରମାନ୍ସ ଇନ୍‌ଡେକ୍ସ"ରେ ସାରା ଦେଶରେ ସ୍ଥାନିତ ହୋଇଥିବା ୧୦୦ଟି ଶ୍ରେଷ୍ଠ ମ୍ୟୁନିସପାଲଟି ତାଲିକା ଭିତରେ ଆସୁନାହାନ୍ତି। ସେହିଭଳି ଓଡ଼ିଶାରେ ୪୮ ପ୍ରତିଶତ ଆଦିବାସୀ ପାଠ ପଢ଼ିନାହାନ୍ତି। ଏହା କେଉଁ ବିକାଶର ଚିତ୍ର ? ଓଡ଼ିଶାରେ ୧୫ହଜାରରୁ ଅଧିକ ମହିଳା ଅସଦାଚରଣ ମାମଲା ହୋଇଥିଲା ଯାହା ଦେଶରେ ସର୍ବାଧିକ ଥିଲା। ଘରୋଇ ପର୍ଯ୍ୟଟକ ଆସିବା



କ୍ଷେତ୍ରରେ ଓଡ଼ିଶା ଦେଶରେ ୨୧ନମ୍ବର ସ୍ଥାନରେ ଅଛି। ସେହିଭଳି ଓଡ଼ିଶାକୁ ବର୍ଷକୁ ହାରାହାରି ମାତ୍ର ୨୨ହଜାର ବିଦେଶୀ ପର୍ଯ୍ୟଟକ ଆସନ୍ତି ଯେଉଁଠିକି ଗୁଜରାଟ ଭଳି ରାଜ୍ୟକୁ ବର୍ଷକୁ ୧୭ଲକ୍ଷ ବିଦେଶୀ ପର୍ଯ୍ୟଟକ ଆସନ୍ତି। ବିଜେଡିର ଯେଉଁ ଗୁମାସ୍ତା ପଚାରୁଥିଲେ ଗୁଜରାଟରେ କଣ ବିକାଶ ହୋଇଛି, ସେ ଏହା ଉପରେ ମନ୍ତବ୍ୟ ରଖନ୍ତୁ। ଓଡ଼ିଶାର ଚାଷୀଙ୍କ ମୁଣ୍ଡପିଛା ଆୟ ତଳଆଡୁ ଦୁଇ ନମ୍ବର ସ୍ଥାନରେ ଅଛି। ସେହିଭଳି ମୁଦ୍ରାସ୍ଫିତି (ଦରଦାମ୍ ବୃଦ୍ଧିହାର) ଦେଶରେ ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ ସର୍ବାଧିକ। ଦେଶର ହାରାହାରି ମୁଦ୍ରାସ୍ଫିତି ହାର ୪.୯% ହୋଇଥିବାବେଳେ ଓଡ଼ିଶାର ମୁଦ୍ରାସ୍ଫିତି ହେଉଛି ୭.୧%। ଓଡ଼ିଶାରେ ବେକାରୀହାର ମଧ୍ୟ ଅନ୍ୟ ରାଜ୍ୟ ଅପେକ୍ଷା ସର୍ବାଧିକ ବୋଲି ଆନ୍ତର୍ଜାତିକ ଶ୍ରମିକ ସଂଗଠନ ତାର ରିପୋର୍ଟରେ ପ୍ରକାଶ କରିଛି। ଓଡ଼ିଶାର ଦଶମ ଶ୍ରେଣୀରେ ଡ୍ରପ୍‌ଆଉଟ୍ ହାର୍ ୫୦%, ଯାହା ବଡ ଚିନ୍ତାଜନକ। ସଫ୍ଟୱେର ଆଇଟି ଶିଳ୍ପର ବିକାଶ ହୋଇଛି ବୋଲି ଡିଣ୍ଡିମ ପିଟାଯାଉଛି କିନ୍ତୁ ବାସ୍ତବତା ହେଉଛି ଓଡ଼ିଶାରୁ ମାତ୍ର ୫ହଜାର କୋଟି ଟଙ୍କାର ଆଇଟି ଏକ୍ସପୋର୍ଟ କରାଯାଉଛି, ଯେଉଁଠି କି କର୍ଣ୍ଣାଟକର ଏହା ୪ଲକ୍ଷ କୋଟି ଟଙ୍କାରୁ ଅଧିକ। ସେହିଭଳି ମାତୃ ଓ ଶିଶୁ ମୃତ୍ୟୁହାରରେ ଓଡ଼ିଶା ଦେଶର ଜାତୀୟହାରଠାରୁ ବହୁତ ଅଧିକ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। ଓଡ଼ିଶାରେ ବିପୁଳ ପରିମାଣରେ ପ୍ରାକୃତିକ ସମ୍ପଦ, ବିସ୍ତୃତ ବେଳାଭୂମି, ଦକ୍ଷ ମାନବ ସମ୍ବଳ, ୨୫ବର୍ଷର ରାଜନୈତିକ ସ୍ଥିରତା ଥିବା ସତ୍ତ୍ୱେ ଓଡ଼ିଶା କାହିଁକି ସବୁ ବିକାଶର ମାପଦଣ୍ଡରେ ପଛରେ ପଡିଗଲା ଏହା ଆଜି ସାଢ଼େ ଚାରିକୋଟି ଓଡିଆ ଲୋକଙ୍କ ପାଇଁ ଚିନ୍ତା କରିବାର କଥା। ଓଡିଶାର ଲୋକ ବିଜୁ ଜନତା ଦଳର ଏଭଳି ଅପରାଗ ଓ ନିକମ୍ମା ସରକାର ଠାରୁ ମୁକ୍ତି ଚାହୁଁଛନ୍ତି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ପ୍ରବକ୍ତା ପତଞ୍ଜଳୀ କରଶର୍ମା ଉପସ୍ଥିତ ଥିଲେ।

କାହା କଥାରେ ଯଦି କୌଣସି
ଭୁଲ୍ କିମ୍ବା ଠିକ୍
ହୋଇଯାଉଥାନ୍ତା, ତେବେ
ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୭ ମଇ - ୨ ଜୁନ୍, ୨୦୨୪

# କାମ ଦେବ କି ବିରୋଧୀଙ୍କ ଭାଷଣ !

ଚଳିତ ଥର ଓଡ଼ିଶାରେ ନିର୍ବାଚନୀ ମାହୋଲ ଅତୀତ ତୁଳନାରେ ଅଧିକ ରୋଚକ ଓ ବିଜେଡି - ବିଜେପି ମଧ୍ୟରେ କଡା ଟକ୍କର ଚାଲିଛି । ଯାହା ୨୦୧୪ ଏବଂ ୨୦୨୪ ନିର୍ବାଚନରେ ଦେଖିବାକୁ ମିଳିନଥିଲା । କହିବାକୁ ଗଲେ ବିଜେପିର ଜୋରଦାର ପ୍ରଚାର ରାଜ୍ୟର ୨୪ ବର୍ଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଖିରୁ ନିଦ ହଜାଇଦେଇଛି । ଯଦିଓ ସେ ବିଜେଡିର ଏକ ନମ୍ବର ତାରକା ପ୍ରଚାରକ ତଥାପି ତାଙ୍କ ବଦଳରେ ବିଜେଡିର ଦୁଇ ନମ୍ବର ନେତା ଭିକେ ପାଣ୍ଡିଆନ ଏକୁଟିଆ ସବୁ କରୁଥିବା ଦେଖିବାକୁ ମିଳୁଛି । ମଞ୍ଚରେ ସେଇ ଓ ପ୍ରଚାର ଗାଡିରେ ସେଇ ଜଣେ ମାତ୍ର ବ୍ୟକ୍ତି ବିଜେପି ଓ କେନ୍ଦ୍ର ମନ୍ତ୍ରୀ ମାନଙ୍କୁ ଟାର୍ଗେଟ କରୁଛନ୍ତି ଓ ବିଜେଡି କରିଥିବା ବିକାଶର ବିବରଣୀ ଶୁଣାଉଛନ୍ତି । ଯଦିଓ ଏଥର ବିଜେଡି ପ୍ରଚାରକ ତାଲିକାରେ ୪୦ ଜଣ ନେତା ଓ ଅଭିନେତା ରହିଥିଲେ ସେମାନଙ୍କୁ କେଉଁଠାରେ ପ୍ରଚାର ବେଳେ ଦେଖିବାକୁ ମିଳୁନାହିଁ । ପାଣ୍ଡିଆନ ହିଁ ମଞ୍ଚ ଏକୁଟିଆ ସମ୍ଭାଳୁଛନ୍ତି, ଓଡ଼ିଆ ଅସ୍ମିତା କଥା ବି କହୁଛନ୍ତି । ହେଲେ ବିଜେପିର ଶୀର୍ଷ ନେତୃତ୍ୱ ଯେଭଳି ଘନ ଘନ ଓଡିଶା ଆସି ପ୍ରଚାର ଚଳାଇଛନ୍ତି ତାହାକୁ ଦେଖିଲେ ବିଜେପିର ନାରା ଓଡ଼ିଶାରେ ବିଜେପି ସରକାର ଦିଗକୁ ଭୋଟ ଯାଉଥିବା ଅଧିକ ସମ୍ଭାବନା ସୃଷ୍ଟି କରିଛି । କାରଣ ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ହିମନ୍ତ ବିଶ୍ୱଶର୍ମା ଯେଉଁଭଳି ଢଙ୍ଗରେ ନବୀନ ସରକାର ଉପରେ ବର୍ଷୁଛନ୍ତି ତାହା କେହି କଳ୍ପନା କରିନଥିଲେ । ଅନ୍ୟ ନେତାଙ୍କୁ ନନେଇ ପାଣ୍ଡିଆନ ଏକୁଟିଆ ପ୍ରଚାର କରୁଥିବାରୁ ବିଜେଡିରେ ନେତା ଅଭାବ ଭଳି ମନେହେଉଛି । କାରଣ ନିର୍ବାଚନ ସମୟରେ ବିଜେଡି ଯେଭଳି ରାଜନୈତିକ ପ୍ରଚାର କରିବା କଥା ତାହା ନକରିବା ଦ୍ୱାରା ବିଜେପି ବନାମ ପାଣ୍ଡିଆନ ଲଢେଇ ଜୋର ଧରିଛି । ଯାହାର ମୁକାବିଲା କରିବାକୁ ହୁଏତ ନବୀନ ବାବୁ ଆଉ ସମର୍ଥ ନାହାନ୍ତି । ପ୍ରଚାର ମୈଦାନରେ କିନ୍ତୁ ପଛରେ ପଡିଯାଇଛି କଂଗ୍ରେସ । ହେଭିୱେଟ ନେତାଙ୍କ ଅଭାବରୁ ବିଜେଡି, ବିଜେପି ସହ ଟକ୍କର ଦେଇପାରୁନାହିଁ କଂଗ୍ରେସ । ସାମ୍ପ୍ରତିକ ରାଜନୀତି ଏବେ ନୀତି ଆଦର୍ଶ ବିହୀନ ହୋଇପଡ଼ିଥିଲା ବେଳେ ଅର୍ଥ ବଳ ଓ ବାହୁବଳର ପ୍ରାବଲ୍ୟ ରାଜନୀତିକୁ କଳୁଷିତ କରିଛି । ଯେଉଁଥିପାଇଁ ଭୋଟର ମଧ୍ୟ ବାଟ ହୁଡ଼ି ଅର୍ଥ ମୋହ, ମଦ ଲୋଭ ଓ ଯାବତୀୟ ମାଗଣା ପାଇବାର ଆଶା ପୋଷଣ କରିବା ଗଣତନ୍ତ୍ର ପ୍ରତି ମହା ବିପଦ ସୃଷ୍ଟି କରିଛି । ଜୋର ଯାର ମୁଲକ ତାର ନ୍ୟାୟରେ ଯାହା ହାତରେ ଅର୍ଥ ଓ କ୍ଷମତା ରହିଛି ସେ ହିଁ ବଡ଼ ନେତା. ରାଜନୈତିକ ଦଳ ମଧ୍ୟ ସମାନ ଭାବରେ ପରିଚାଳିତ ହେଉଛି । ଇଏ ଗଲା ବିଭିନ୍ନ ରାଜନୈତିକ ଦଳ ମାନଙ୍କର ଚିତ୍ର ଓ ଚରିତ୍ର । ହେଲେ ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଆମ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ କଥା । ଯିଏ କ୍ଷମତାରେ ଥାଇ ସୁଦ୍ଧା କ୍ଷମତା ଭୋଗ କରିପାରୁନାହାନ୍ତି କିନ୍ତୁ କ୍ଷମତାକୁ ମାଡି ବସିଛନ୍ତି । ତାଙ୍କ କ୍ଷମତା ଅନ୍ୟ ଜଣେ ଉପଭୋଗ କରୁଛି ଅଥଚ ସେ କିଛି କରିପାରୁନାହାନ୍ତି । କଣ ହୋଇପାରେ ଏହାର କାରଣ ? ଅନେକ କିଛି କାରଣ

**ସମ୍ପାଦକୀୟ**

**ତାରକ ମହାନ୍ତି**



ଥାଇପାରେ, ମାତ୍ର ଭିକେ ପାଣ୍ଡିଆନ ଯେ ସରକାର ଓ ଦଳର ସର୍ବମୟ କର୍ତ୍ତା ଏହା ରାଜ୍ୟବାସୀ ବୁଝିସାରିଲେଣି । ଦୀର୍ଘବର୍ଷ ଶାସନ କାଳରେ ରାଜ୍ୟର କେଉଁ ବିକାଶ ହୋଇଛି ତାହା ଯଦି ବିଜେଡି ଜାଣିଛି, ତେବେ ଏତେ ନୂଆ ଯୋଜନା କାହିଁକି ? କାହିଁକି ଯୁବ ଭୋଟରଙ୍କୁ ଆକୃଷ୍ଟ କରିବାକୁ ନୂଆ-ଓର ଆବଶ୍ୟକତା ପଡିଲା । କଣ ପାଇଁ କଲେଜ ପିଲାଙ୍କୁ ଆଗୁଆ ପ୍ରୋତ୍ସାହନ ରାଶି ଦେବାକୁ ପଡିଲା । କଣ ପାଇଁ ୯୦% ଘରକୁ ବିଜୁଳି ବିଲ ଛାଡ଼ ଘୋଷଣା କରିବାକୁ ପଡିଲା ? ସରକାର ଯଦି ସବୁ ଠିକ ଓ ନବୀନ ବାବୁ ଯଦି ସରକାର ଚଳାଉଛନ୍ତି ତେବେ ପାଣ୍ଡିଆନ ଆଗକୁ ଯାଇ ଏକଛତ୍ର ଭାବେ ଦଳର ସର୍ବୋଚ୍ଚ କର୍ତ୍ତା ଭାବେ ନିଜକୁ ପ୍ରତିପାଦିତ କରିବାକୁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି । ଏକ ସାମ୍ବିଧାନିକ ପଦ ପଦବୀରେ ନଥାଇ ସେ ଯେପରି କ୍ରିୟାଶୀଳ ଭାବେ କାର୍ଯ୍ୟ ଜାରି ରଖିଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ବିଜେପି ଖୋଲାଖୋଲି ପାଣ୍ଡିଆନଙ୍କୁ ଟାର୍ଗେଟ କରି କହୁଛି ଯେ, ନବୀନଙ୍କ ହାତରେ କୌଣସି କ୍ଷମତା ନାହିଁ । ସତେ ଯେପରି ସେ ଗୋଟିଏ କଣ୍ଢେଇ ହୋଇଯାଇଛନ୍ତି । ସବୁ ନିଷ୍ପତ୍ତି ପାଣ୍ଡିଆନ ନେଉଛନ୍ତି । ଏପରିକି ଶ୍ରୀମନ୍ଦିର ରତ୍ନଭଣ୍ଡାର ଲୁଟ ପଛରେ ପାଣ୍ଡିଆନଙ୍କ ହାତ ଥିବା ବିଜେପି ଅଭିଯୋଗ କରୁଛନ୍ତି । ପାଞ୍ଚ ଜଣ ତାମିଲଙ୍କ କବଜାରେ ଓଡିଶା ଶାସନ ଥିବା ନେଇ ମଧ୍ୟ ବିଜେପି ଖୋଲାଖୋଲି ଅଭିଯୋଗ ହେଉଛି । ଓଡ଼ିଶାରେ ଯାହା ଦୁର୍ନୀତି ହେଉଛି ଓ ଓଡ଼ିଆ ଦାଦନ ହେବା ପଛରେ ବିଜେଡିର ଗୋଟିଏ ଗୋଷ୍ଠୀ ଦାୟୀ ବୋଲି ମଧ୍ୟ ଅଭିଯୋଗ ଉଠୁଛି । ଅପରପକ୍ଷେ ବିରୋଧୀଙ୍କୁ ଟାର୍ଗେଟ କରି ପାଣ୍ଡିଆନ କହୁଛନ୍ତି ଯେ ବିରୋଧୀଙ୍କୁ ଓଡ଼ିଶାର ବିକାଶ ଦିଶୁନାହିଁ । ଯେତେ ଯେତେ ରୂପାନ୍ତରଣ କାର୍ଯ୍ୟ ହୋଇଛି ତାହା ବିରୋଧୀ ଦେଖି ପାରୁନାହାନ୍ତି । ଅଯଥାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦୋଷାରପ କରାଯାଉଛି । ନବୀନ ବାବୁ ସମ୍ପୂର୍ଣ୍ଣ ଫିଟ ଥିବା ନେଇ ଖୋଦ ନବୀନ ଭିଡିଓ ବାର୍ତ୍ତା ମଧ୍ୟ ଜାରି କରିଛନ୍ତି । ବିରୋଧୀ କଣ କହିଲେ କି ନକହିଲେ ତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ନବୀନଙ୍କ କାର୍ଯ୍ୟଶୈଳୀ । ପୂର୍ବରୁ ଯେତିକି ଫିଟ ରହି ଯାହା ବି କାର୍ଯ୍ୟ କରିପାରୁଥିଲେ ସେହି ତୁଳନାରେ ବର୍ତ୍ତମାନ ଫିଟ ନଥିବା ସମ୍ପୂର୍ଣ୍ଣ ବାରି ହୋଇପଡୁଛି । ତାହା ନିର୍ବାଚନ ପ୍ରଚାର ବେଳେ ହେଉ ଅଥବା କିଛି କାର୍ଯ୍ୟକ୍ରମରେ । ବୟସର ଚାପ ଏହାର କାରଣ ନିଶ୍ଚୟ । ତେଣୁ ଚଳିତ ନିର୍ବାଚନ ତାଙ୍କ ପାଇଁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଥିଲେ ବି ପୂର୍ବ ନିର୍ବାଚନୀ ରଣନୀତି ଅପେକ୍ଷା ଏଥର କିନ୍ତୁ ଭିନ୍ନ । କାରଣ ଦଳୀୟ ପ୍ରାର୍ଥୀଙ୍କ ବିନା ଜନତାଙ୍କୁ ଏକା ଏକା ପାଣ୍ଡିଆନ ଯେଭଳି ସମ୍ବୋଧିତ କଲେ ଏଥିରୁ ଜଣାପଡୁଛି ଯେ ଦଳରେ ଆଉ ବରିଷ୍ଠ ଓ କନିଷ୍ଠ ନେତାଙ୍କ ପ୍ରଚାର ମୈଦାନକୁ ଯିବାର ଆବଶ୍ୟକତା ନାହିଁ । କେବଳ ଭିକେ ପାଣ୍ଡିଆନ ହିଁ ଯଥେଷ୍ଟ । ଯେଉଁକଥାକୁ ଗୁରୁତର ସହ ନେଉଛି ବିରୋଧୀ ଦଳ । ବିରୋଧୀଙ୍କ ଅଭିଯୋଗ ହେଉଛି ବିଜେଡି ସୁପ୍ରିମୋ ନବୀନ ବାବୁ ଓଡ଼ିଆ ନେତାଙ୍କୁ ଭରଷାକୁ ନେଉନାହାନ୍ତି । ଯେଉଁଥିପାଇଁ ସେ ଜ୍ଞାତ ହେଉ ବା ଅଜ୍ଞାତରେ ପାଣ୍ଡିଆନଙ୍କୁ ସମସ୍ତ କ୍ଷମତା ହସ୍ତାନ୍ତର କରିସାରିଛନ୍ତି ବୋଲି ବିରୋଧୀମାନେ କହି ବୁଲୁଛନ୍ତି । ହେଲେ ଭିକେ ପାଣ୍ଡିଆନ ବିଭିନ୍ନ ସଭାରେ ବିରୋଧୀଙ୍କୁ କଡା ଭାଷାରେ ସମାଲୋଚନା କରିବା ସହ ନବୀନ ସରକାରଙ୍କ ବିକାଶମୂଳକ କାର୍ଯ୍ୟର ହିସବା ଦେଉଛନ୍ତି । ସେ କହିଛନ୍ତି ବିରୋଧୀ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି, ଲୋକଙ୍କୁ ମିଛ କଥା କହି ଭୁଲାଇବାକୁ ଚାହୁଁଛନ୍ତି । ତେଣୁ ବିରୋଧୀଙ୍କ କଥାରେ କେହି ପ୍ରଭାବିତ ହୁଅନ୍ତୁ ନାହିଁ । ସତକଥା ହେଲା, ବିରୋଧୀ ଦିନରେ ଲୋକଙ୍କୁ ଲଣ୍ଠନ ଦେଖାଉଛନ୍ତି । ବିଜେପିର କେନ୍ଦ୍ରୀୟ ନତା ଓ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଆସି ଓଡ଼ିଶାବାସୀଙ୍କୁ ମିଛ ପ୍ରତିଶ୍ରୁତି ଦେଉଛନ୍ତି ଏବଂ ଆମ ମୁଖ୍ୟମନ୍ତ୍ରୀଙ୍କୁ ଅପମାନିତ କରୁଛନ୍ତି । ଏସବୁ ସତ୍ତ୍ୱେ ଓଡ଼ିଶାରେ କେଉଁ ପ୍ରକାର ଶାସନ ଚାଲିଛି ତାହା ଯେପର୍ଯ୍ୟନ୍ତ ସାଧାରଣ ଲୋକ ଅନୁଭବ କରିନାହାନ୍ତି ସେ ପର୍ଯ୍ୟନ୍ତ ବିରୋଧୀଙ୍କ ଭାଷଣ କାମ ଦେବନାହିଁ ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମହାପର୍ବ- ନିର୍ବାଚନ ଓ ମଧ୍ୟବିତ୍ତ



**ଡ. ମୌସୁମୀ ପରିଡା**

ଆମେ ଏବେ ଭୋଟଦାନ ପରି ଗଣତାନ୍ତ୍ରିକ ମହାପର୍ବର ଅଂଶବିଶେଷ । କେତେ କେତେ ଲୋଭନୀୟ ନିର୍ବାଚନୀ ଇସ୍ତାହାର ଆମ ସାମ୍ନାରେ ! ଜଣାନାହିଁ ନିର୍ବାଚନ ସରିଯିବା ପରେ ଦରଦାମ୍ କେତେ ବୃଦ୍ଧି ପାଇବ, କେଉଁ ବର୍ଗର ଲୋକେ ନିଶାନା ବନିବେ, କିଏ ଲାଭ ପାଇବ ଓ କେଉଁମାନେ କ୍ଷତି ସହିବେ ! କାହିଁକି ଏ ଭେଳିକି .. କାହିଁକି ଏତେ ଦଳ, ଏତେ ଲୋଭୀୟ ଅଫର୍ ? ପ୍ରତିବଦଳରେ ଦେଶ କଣ ପାଇବ ? ସମସ୍ୟାଗୁଡିକ ସମୂଳେ ଅନ୍ତ ହେବ ନା ନୂଆ ସମସ୍ୟାଗୁଡିକର ସାମ୍ନା କରିବାକୁ ପଡିବ ? ସତରେ ଅବସ୍ଥା ଓ ବ୍ୟବସ୍ଥା ବଦଳିଯିବ ? ଆଗରୁ ବଦଳୁନଥିଲା କାଇଁକି ? ନିର୍ବାଚନ ଆସିଲେ କିଛି ନୂଆ ଲୋଭ ମନରେ ସୃଷ୍ଟି ହୁଏ ନା କରାଯାଏ ? ବଜାର୍‌ରେ ସେଲ୍ ଲାଗିବା ପରି..୨୦୦ ଟଙ୍କାର କୁକିଜ୍ ପ୍ୟାକେଟ୍‌ରେ ଗୋଟେ ମାଗଣା କୁକିଜ୍ ପ୍ୟାକେଟ୍ ଫ୍ରି ଥାଏ (ପ୍ରକୃତରେ ସମାନ୍ କୁକିଜ୍ ପ୍ୟାକେଟ୍ ୯୦ ଟଙ୍କାରେ ବିକ୍ରୀ ହେଉଥିଲା ଆଗରୁ) । ଏ ଯେଉଁ ମାଗଣା ସେଲ୍‌ରେ ବି କମ୍ପାନୀ ଭଲ ଲାଭ କରେ କିନ୍ତୁ ଗ୍ରାହକମାନେ ଶସ୍ତା ଦେଖି ଲାଇନ୍ ଲଗାନ୍ତି । ସାଢେ ଚାରିବର୍ଷ ଧରି ଦରବୃଦ୍ଧିର ପାର୍ଶ୍ୱ ପ୍ରତିକ୍ରିୟାରେ ଚିପୁଡି ହେଲା ପରେ ଲୋକମାନେ ନିର୍ବାଚନୀ ଇସ୍ତାହାରରେ ସାମାନ୍ୟ ହ୍ରାସ ହେବାର ଦେଖି ବିହ୍ୱଳିତ ହୋଇପଡିବା ସ୍ୱାଭାବିକ । ଏସବୁ ନୂଆ ନୁହେଁ । ପ୍ରତିଥର ଏଭଳି ଯୋଜନା, କିଛି ଲାଭଦାୟକ ତ କିଛି କନ୍ଦେଇବା ପରି । ତେବେ ବି ଭୋଟଦାତମାନେ ଏସବୁ ଜାଣିବା ଆବଶ୍ୟକ ମନେକରନ୍ତି ନାହିଁ ।

ସତ କହିବାକୁ ଗଲେ ଏଠି ମଧ୍ୟବିତ୍ତମାନେ ନିଷ୍ପେସିତ, ପ୍ରତାଡିତ ଯେଉଁମାନଙ୍କ ବିପିଏଲ ତାଲିକାରେ ନାମ ନାହିଁ । ସେମାନେ କାହାର ବି ନିର୍ବାଚନୀ ଇସ୍ତାହାରର ଅଂଶୀଦାର ନୁହନ୍ତି । କୌଣସି ଦଳରୁ କିଛି ବି ଯୋଜନା ନାହିଁ ସେମାନଙ୍କ ଭବିଷ୍ୟ ନିର୍ମାଣ ଉଦ୍ଦେଶ୍ୟରେ । ଚକଚକିଆ ଖୋଳପା ଭିତରେ ଗୋଟେ ଲେଖାଁ ପ୍ରତାଡିତ, ନିଷ୍ପେସିତ ଅସହାୟ ଗୋଷ୍ଠୀ ଯାହା ନା କୌଣସି ଦଳକୁ ଦିଶେ ନା ସାଧାରଣ ଜନତାଙ୍କୁ । ଲୋକେ ଭାବନ୍ତି ମଧ୍ୟବିତ୍ତ ବର୍ଗରେ ଆସୁଥିବା ସରକାରୀ କର୍ମଚାରୀମାନେ ଧଳା ହାତୀ..କିନ୍ତୁ ସେମାନେ ସରକାରଙ୍କ ବୁକ୍‌ଚାବୁହା ଯେଉଁମାନେ କେଜାଣି କେତେ ରୋଗ ଶରୀରରେ ବହନ କରି ଚାଲିଛନ୍ତି ଘଂଟା କଂଟା ଅନୁସାରେ ଗୁଡେ ଡାଗିଦା ମୁଣ୍ଡେଇ । ଟିକେ ଏପଟ ସେପଟ ହେଲେ ସସ୍ପେସନ୍ ହେବାର ଖଣ୍ଡା ଲଟକୁଥାଏ ମଥା ଉପରେ । କେନ୍ଦ୍ର ବା ରାଜ୍ୟ ଦରମା ବୃଦ୍ଧି କଲେ ସମସ୍ତଙ୍କ ଆଖିକୁ ଦିଶେ ହେଲେ ଟିକସ୍ ଆକାରରେ ଆଖିରେ ଅଙ୍ଗୁଳି ଗେଂଜି ଯେତିକି କାଢି ନିଆଯାଏ ତାକୁ କେହି ଜାଣନ୍ତିନି । ଦେହ କି ମନ ନସହିଲେ ନାହିଁ ସରକାରୀ ଚାକିରିଆମାନେ ମାନିବାକୁ ବାଧ୍ୟ । ତେଣୁ ଏ ଦରମା-ବୃଦ୍ଧି ନିଆରା ଢଙ୍ଗରେ ରାଜକୋଷକୁ ଭରିବା ସହିତ କର୍ମଚାରୀ ବା ବ୍ୟବସାୟୀମାନଙ୍କ ରୋଗକିଣା ନୀତି । ଯେଉଁ ବାଗରେ ହେଉ ରାଜକୋଷ ବୃଦ୍ଧି ହେଉ, ଲୋକମାନଙ୍କ ଭିତରେ ବିଷମତା ବୃଦ୍ଧି ପାଉ ।

ପ୍ରଶାସନର ନଜର ଟିକସ ଆଦାୟ ଓ ରାଜନୀତିକ ପେଞ୍ଚ ଉପରେ । ଏପଟେ ଦରମା ବୃଦ୍ଧି ସେ ଅନୁସାରେ ସରକାରୀ ତହବିଲରେ ଟିକସ ଆଦାୟ ବୃଦ୍ଧି । ସରକାରୀ କର୍ମଚାରୀମାନେ ମୁଣ୍ଡବିକା ଚାକର । ମୌଳିକ ଅଧିକାର ପାଇଁ ପ୍ରଶ୍ନ କରିବାର ସତ୍‌ସାହସ ଏମାନଙ୍କର ନାହିଁ । ଦରମା ବୃଦ୍ଧିରେ ଅଧିକ ସ୍ୱାର୍ଥ କାହାର ? ଟିକସ ଆକାରରେ ଯେତିକି ସରକାରୀ ତହବିଲକୁ ଯାଉଛି ତାର କାମ କୋଉଠି ହେଉଛି ତାର ସବିଶେଷ ତଥ୍ୟ ଟିକସଦାତାମାନେ ଉଚିତ୍ । ଜଣେ ଟିକସଦାତା ବୁଝୁ ତା ଶ୍ରମାର୍ଜିତ ଅର୍ଥରେ କଣ କଣ ସବୁ ଗୋଟେ ବର୍ଷରେ ହେଇଛି । ଦେଶର ଅଭିବୃଦ୍ଧିରେ ତାର ଅବଦାନ କେତେ ! ଯଦି ସରକାରୀ ଚାକିରିଆ ନିଜ ସଂପତ୍ତି ତାଲିକା ଦେବାକୁ ବାଧ୍ୟ ତେବେ ଟିକସଦାତାଟିଏ ବି ତା ଅର୍ଥ କୁଆଡେ ଖର୍ଚ୍ଚ ହେଲା ତାର ବିଧିବଦ୍ଧ ତାଲିକା ଜାଣିବା ଆବଶ୍ୟକ । ନହେଲେ ଗୋଦରା କୋଡେ ଯେତେ ମାଡେ ସେତେ ଭଳି ଅବସ୍ଥା ସୃଷ୍ଟି ହେବ ।

ଅନେକ ଅବ୍ୟବସ୍ଥା ଏଠି । ଶିକ୍ଷାନୁଷ୍ଠାନଗୁଡିକ ଖୋଲା, କିନ୍ତୁ ପିଲାମାନଙ୍କ ପାଇଁ ଖରାଛୁଟି । ଶିକ୍ଷକ ଜାତିର ସ୍ୱାଭିମାନ ଶୂନ୍ୟ କାରଣ ସେମାନେ ହାତପାତି ରହିଛନ୍ତି କୋଉକାଳୁ ତାରତମ୍ୟ ହଟାଇବାକୁ ଯାହାକୁ ବିଭାଗ ଧ୍ୟାନ ଦେଉନାହିଁ । ପ୍ରଚଣ୍ଡ ଖରାରେ ଯଦି କୋଚିଂ ଚାଲୁଛି, ବିଦ୍ୟାନୁଷ୍ଠାନଗୁଡିକ କାଇଁ ଚାଲିବନି ବୋଲି ଅନେକଙ୍କ ମତ କାରଣ ଆଜିକାଲି ଶିକ୍ଷକମାନଙ୍କ ଉପରେ ଜନସାଧାରଣ ବି ଖପ୍ପା । କାରଣ ବି ଅନେକ । ସେମାନଙ୍କ ଭିତରୁ କିଛି ପୋଲିଂ ଅଫିସର, ପ୍ରିଜାଇଡିଂ ଅଫିସର ଭାବେ କାମ କରି କିଛି ଗଡବଡ ହେଲେ ଚାକିରୀରୁ ସସ୍‌ପେଣ୍ଡ ବି ହୁଅନ୍ତି । କେବଳ ଶିକ୍ଷକତା ଭିତରେ ସେମାନେ ସୀମିତ ନୁହନ୍ତି । ଶିକ୍ଷକ ଜାତିର ସ୍ୱାଭିମାନ ଭୂଲୁଣ୍ଠିତ । ପେଟ ପାଇଁ, ନିଜ ଅଧିକାର ପାଇଁ ରାଜରାସ୍ତା ଯାଇଯାଇ ହାଲିଆ ଅଥଚ ପେଟ ପୋଡିଗଲାଣି, ଚପଲ ଘୋରି ହୋଇଗଲାଣି । ଛାମୁ ଯାହା ଦେଲେ ହରଷେ ତାକୁ ପାଉପାଉ ଗଲା ବରଷେ । ଏତେ ବିଭାଗ ଏତେ ପ୍ରକାର ନିୟମ ଯେ ସେସବୁକୁ ଏଇ ଗୋଟିଏ ଜନ୍ମରେ ବୁଝିବା ଅସଂଭବ । ଦୁଇହଜାରରୁ ଦୁଇଲକ୍ଷ ପର୍ଯ୍ୟନ୍ତ ଦରମା ତା ବି ସମାନ କାମ ପାଇଁ ।

ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପାଠର ଷାଠିଏ ପ୍ରତିଶତ ଭାଗ ନା ଚାକିରୀ ସ୍ଥଳରେ କାମରେ ଆସେ ନା ଦୈନନ୍ଦିନ ଜୀବନରେ । ଶିକ୍ଷିତ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି ଯେଉଁମାନଙ୍କୁ ନିଜ ନାମ ଠିକ୍‌ରେ ଲେଖି ଆସିବ ନାହିଁ । କିନ୍ତୁ ହାତରେ ଚାକିରୀ ନାହିଁ । ବିଦେଶୀମାନେ ଆମ ଦେଢଶହ କୋଟି ଜନସଂଖ୍ୟାବିଶିଷ୍ଟ ଦେଶରେ ବ୍ୟବସାୟ ବୃଦ୍ଧି କରି ଆର୍ଥିକ ସ୍ତରରେ ବେଶ୍ ଲାଭ ଉଠାଉଥିବାବେଳେ ଆମ ସ୍ୱଦେଶୀ କମ୍ପାନୀର ଚାହିଦା ସେ ତୁଳନାର କାହିଁ ? ମଝାମଝି ଶିକ୍ଷିତ ବେକାରୀମାନଙ୍କୁ ସେଭଳି କାର୍ଯ୍ୟରେ ଲଗାଇଯାଇ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ସମୃଦ୍ଧ କରାଯାଇପାରନ୍ତା ଯାହା ଦେଶର ଅଭିବୃଦ୍ଧିରେ ସହାୟକ ପ୍ରମାଣିତ ହୋଇପାରନ୍ତା । ଦେଶବିଦେଶରେ ଚାହିଦା ବଢନ୍ତା । କିନ୍ତୁ ସେଥିପାଇଁ ନା ମନୋବଳ ଅଛି ନା ସେଭଳି ପରକଳ୍ପନାର ରୂପରେଖ ।

ନିର୍ବାଚନ ଆଚାର ସଂହିତା ଲାଗିଗଲେ ଅଫିସ ଖାତା ଉପରେ ଧୂଳି ବସିଯାଏ ମନ୍ତ୍ରୀମଣ୍ଡଳ ଗଠନ ହେବାର ମାସେଯାଏଁ । ଧାଇଁ ଧାଇଁ କଳାକାଠ ପଡିଯାଆନ୍ତି ଅସହାୟ କର୍ମଚାରୀ ନିଜ ଭାଗ୍ୟ ଉଦ୍ଧାରଣ ପାଇଁ । ଆଜିକାଲି ହୋଇ ହୋଇ ସେମାନେ ବି ହତୋତ୍ସାହିତ ହୋଇପଡନ୍ତି । କ୍ଷମତାଶାଳୀମାନେ ଶୀତତାପ ନିୟନ୍ତ୍ରିତ କୋଠରୀରେ ବସି ସମୟ ସାରନ୍ତି ଯାହା ଘଂଟାକଂଟାକୁ ଚାହିଁ ଚାହିଁ । ଏ ଅବସ୍ଥା ସୁଧୁରିବନି । ଅନୁଦାନରୁ ବଂଚିତ କର୍ମଚାରୀ ଦୌଡି ଦୌଡି ରୋଗଗ୍ରସ୍ତ ହେବାଯାଏଁ ସେ ଅନୁନୟ ବିନୟ ହେବ, ଗୋଡଭାଂଗି ଠିଆ ହେବ, ବେକ ବଙ୍କେଇ, କାନ୍ଧ ଝୁଲେଇ ବ୍ୟାଗ୍‌ଟେ ହାତକୁ ବଢେଇବ ନହେଲେ ଖାମ୍‌ଟିଏ ଦେବ । କାନ୍ଦ କାନ୍ଦ ହୋଇ ଫାଇଲ୍ ଛାଡିବାକୁ କହିବ । ହେଲେ ନା, ଏତେ ସହଜରେ ? ଆଚାର ସଂହିତା ଲାଗିଛି ନା..ଉପରେ ଉପରେ ସିନା କାମର ଅଭିନୟ..ବାସ୍ତବତାରେ ଠପ୍ ସବୁ । କେତେ କାମ ପଛେଇଯାଉଛି, ତା ସହିତ ଅଭିବୃଦ୍ଧି ହାର ବି ।

ଏ ନିକଟରେ ନିର୍ଦ୍ଦିଷ୍ଟ ବ୍ରାଣ୍ଡର ତିନୋଟି ମସଲା କମ୍ପାନୀକୁ ବ୍ୟାନ୍ କରିଦିଆଗଲା । ବେଶି ଦିନ ପାଇଁ ସଂରକ୍ଷିତ କରି ରଖୁଥିବା କିଛି ରାସାୟନିକ ପଦାର୍ଥର ମାତ୍ରାଧିକ ପ୍ରୟୋଗ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିବାରୁ ସେସବୁକୁ ବିଦେଶୀୟ ବଜାରରେ ନିଷେଧ କରାଗଲା ଯାହା ଦେଶ ପାଇଁ ଲଜ୍ଜାକର । ଆମ ବ୍ୟବସ୍ଥା ବି ଏଥିପାଇଁ ଦାୟୀ କାରଣ ପ୍ୟାକେଟ୍‌ରେ ମସଲା ଭର୍ତ୍ତି ହୋଇ ବିଦେଶକୁ ରପ୍ତାନୀ ହେବାକୁ ପ୍ରାୟ ମାସେ ପାଖାପାଖି ସମୟ ଅତିକ୍ରାନ୍ତ ହୋଇଯାଏ । ସେଥିପାଇଁ କମ୍ପାନୀଗୁଡିକ ମସଲାଗୁଡ଼ିକୁ ବେଶି ଦିନ ସଂରକ୍ଷଣ କରି ରଖିବାପାଇଁ ଅଧିକ ପରିମାଣର ପ୍ରିଜରଭେଟିଭ୍ ବା ପରିରକ୍ଷୀ ବ୍ୟବହାର କରଥାନ୍ତି । ଫଳରେ ସେସବୁ ବିଷାକ୍ତ ହୋଇଯାଏ । ସଂରକ୍ଷଣ ଅଭାବରୁ କ୍ୱିଣ୍ଟାଲ୍ କ୍ୱିଣ୍ଟାଲ୍ ପନିପରିବା ନଷ୍ଟ ହୁଏ । କୋଲ୍ଡ ଷ୍ଟୋରେଜ୍ ବ୍ୟବସ୍ଥା ନଥିବାରୁ ଚାଷୀ କ୍ଷତିରେ ପଡେ, ଗ୍ରାହକ ଅଧିକ ଦାମ୍ ଦେଇ ଅନ୍ୟ ରାଜ୍ୟରୁ ଆସୁଥିବା ପରିବା କିଣିବାକୁ ବାଧ୍ୟ ହୁଏ । ଏକର ଏକର ଜମି ପଡିଆ କିନ୍ତୁ ଦାଦନ ଖଟିବାକୁ ପିଲାମାନେ ଅନ୍ୟରାଜ୍ୟ-ମୁହାଁ ! ଏହା ହିଁ ଆମ ଦେଶର ଚିତ୍ର ।

ଏ ବ୍ୟବସ୍ଥାର ପରିବର୍ତ୍ତନ ଜରୁରୀ । ଆମ ଦେଶର ସବୁ ବ୍ୟବସ୍ଥା, ଅବ୍ୟବସ୍ଥାର ପ୍ରତିକାର କିନ୍ତୁ ସମୟସାପେକ୍ଷ । ନିର୍ଦ୍ଦୋଷ ପ୍ରମାଣିତ ହେବା ପୂର୍ବରୁ ବିଚାରାଧୀନ କଏଦୀ ମୃତ୍ୟୁବରଣ କରେ । ତାରିଖ ପରେ ତାରିଖ ଗଡେ ନ୍ୟାୟ ପାଇବାକୁ । ରାଜରାସ୍ତାରେ ଅଧିକାର ପାଇଁ ଯୁଦ୍ଧରତ ବିଭିନ୍ନ ବେସରକାରୀ କର୍ମଚାରୀମାନଙ୍କ ପାଇଁ ପ୍ରଶାସନ ସର୍ତ୍ତ ବଢାଏ, କିନ୍ତୁ ସମାଧାନ ଝୁଲି ରହେ । ଭୋକିଲା ପେଟକୁ ମୁଠିଏ ଦାନା ପରି..ପୋଷେ ଅଧେ ଦାନା ! ତେଣେ କୋଟି କୋଟି ରାଜସ୍ୱ ଖର୍ଚ୍ଚ..ମାଗଣା ଯୋଜନା । ହାତୀ ପାଇଁ ଜଂଗଲ ଯୋଗେଇ ଦିଆଯାଏ ପିମ୍ପୁଡି କିନ୍ତୁ ଭୋକରେ ମରେ ।

ଅସଂଖ୍ୟ ସମସ୍ୟା ଭିତରୁ ଉପରୋକ୍ତ କେଇଟା ସମସ୍ୟାର ନମୁନା ଦିଆଗଲା ମାତ୍ର..! ସେସବୁର ସମାଧାନ ସତରେ ହୋଇପାରିବ କି ନାହିଁ ଜଣେ ସଚେତନ ନାଗରିକ ଭାବେ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ ।

*ଦୂରଭାଷ : ୯୪୩୭୩୧୭୦୨୬*

# ଜମି ଅଧିଗ୍ରହଣ ବିଲ୍ ଉପରେ ବିବାଦ !



**ଅସିତ ମହାନ୍ତି**

ଉଭୟ ବ୍ୟବହାରିକ ଏବଂ ସାଙ୍କେତିକ ଭାବରେ ଅନେକ କାରଣ ପାଇଁ ଜମି ମୂଲ୍ୟବାନ । ଏକ ବ୍ୟବହାରିକ ଦୃଷ୍ଟିକୋଣରୁ, କୃଷି, ଗୃହ, ଶିଳ୍ପ ଏବଂ ଭିତ୍ତିଭୂମି ବିକାଶ ପରି ମାନବ କାର୍ଯ୍ୟକଳାପ ପାଇଁ ଜମି ଏକ ସୀମିତ ଉତ୍ସ ଯୋଗାଏ । ଜମିର ଉପଲବ୍ଧତା ସିଧାସଳଖ ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାମାଜିକ ସୁସ୍ଥତା ଉପରେ ପ୍ରଭାବ ପକାଇପାରେ । ଅଧିକନ୍ତୁ, ଜମି ମାଲିକାନା ଐତିହାସିକ ଭାବରେ ଶକ୍ତି, ସ୍ଥିତି ଏବଂ ପରିଚୟ ସହିତ ବନ୍ଧା ହୋଇଛି । ଜମି ଧାରଣ କେବଳ ଶାରୀରିକ ସ୍ଥାନର ମାଲିକାନା ନୁହେଁ ବରଂ ଐତିହ୍ୟ, ସଂସ୍କୃତି ଏବଂ ସମ୍ପ୍ରଦାୟ ସହିତ ସଂଯୋଗକୁ ମଧ୍ୟ ସୂଚିତ କରେ । ଅନେକ ସମାଜରେ, ଜମି ମାଲିକାନା ଉତ୍ତରାଧିକାର, ସମ୍ପୃକ୍ତି ଏବଂ ସାର୍ବଭୌମତ୍ୱର ଧାରଣା ସହିତ ଜଡିତ । ଆଧୁନିକ ପ୍ରସଙ୍ଗରେ, ଜନସଂଖ୍ୟା ବୃଦ୍ଧି, ସହରୀକରଣ ଏବଂ ପରିବେଶ ଚିନ୍ତା ଯୋଗୁଁ ଜମି ସମ୍ବଳ ଉପରେ ବଢୁଥିବା ଚାପ ଯୋଗୁଁ ଜମି ବ୍ୟବହାର ପାଇଁ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହୋଇଛି । ଏହି ପ୍ରତିଯୋଗିତା ଜମି ପରିଚାଳନା ଅଭ୍ୟାସ, ସଂରକ୍ଷଣ ପ୍ରୟାସ ଏବଂ ନୀତି ଢାଞ୍ଚାରେ ପରିବର୍ତ୍ତନ ଆଣୁଛି ଯାହା ସ୍ଥିର ବିକାଶ ଏବଂ ଜମି ସମ୍ବଳକୁ ସମାନ ଭାବରେ ସୁନିଶ୍ଚିତ କରିବ । ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଏବଂ ପରିବେଶ କାରକଗୁଡିକର ଜଟିଳ ଆନ୍ତରିକତା ପୃଥିବୀର ଅନେକ ପ୍ରସଙ୍ଗରେ ଭୂମିକୁ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ବିବାଦୀୟ ପ୍ରସଙ୍ଗ କରିଥାଏ । ୧୮୯୪ର ଜମି ଅଧିଗ୍ରହଣ ଅଧିନିୟମ ଭାରତରେ ବ୍ରିଟିଶ ଉପନିବେଶ ଶାସନ ସମୟରେ ପ୍ରଣୟନ ହୋଇଥିବା ଏକ ଆଇନ ଥିଲା, ଯାହାକି ସରକାରୀ ଭିତ୍ତିଭୂମି ପ୍ରକଳ୍ପ ତଥା ଅନ୍ୟାନ୍ୟ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଘରୋଇ ଜମି ଅଧିଗ୍ରହଣ ପାଇଁ ସରକାରଙ୍କୁ ଅନୁମତି ଦେଇଥିଲା । ଏହି ଆଇନର ମୂଳ ଉଦ୍ଦେଶ୍ୟ ହେଉଛି ସଡକ, ରେଳପଥ, ଜଳସେଚନ ପ୍ରଣାଳୀ ଏବଂ ଅନ୍ୟାନ୍ୟ ବିକାଶମୂଳକ ପ୍ରକଳ୍ପ ଭଳି ଜନସାଧାରଣଙ୍କ ସ୍ୱାର୍ଥରେ ବିବେଚନା କରାଯାଉଥିବା ପ୍ରକଳ୍ପଗୁଡିକ ପାଇଁ ଶୀଘ୍ର ଜମି ଅଧିଗ୍ରହଣକୁ ସହଜ କରିବା । ଏହି ଅଧିନିୟମ ଅନୁଯାୟୀ, ସରକାରୀ ଆବଶ୍ୟକତା ଅନୁଯାୟୀ ବର୍ଗୀକୃତ ପ୍ରକଳ୍ପଗୁଡିକ ପାଇଁ ସରକାର ଜମି ମାଲିକଙ୍କ ବିନା ଅନୁମତିରେ ଜମି ଅଧିଗ୍ରହଣ କରିପାରିବେ । ବଜାର ମାଲିକ, ସମ୍ଭାବ୍ୟ ମୂଲ୍ୟ ଏବଂ ଅଧିଗ୍ରହଣ ହେତୁ ହୋଇଥିବା କ୍ଷତି ପରି କାରଣ ଉପରେ ଆଧାର କରି ଜମି ମାଲିକମାନେ ସେମାନଙ୍କର ଅଧିଗ୍ରହଣ ଜମି ପାଇଁ କ୍ଷତିପୂରଣ ପାଇବାକୁ ହକଦାର ଥିଲେ । ସରକାରଙ୍କ ସପକ୍ଷରେ ଦୃଷ୍ଟି ରଖିବା ଏବଂ ଜମି ମାଲିକଙ୍କ ଅଧିକାର ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ଅଭାବରୁ ଏହି ଆଇନକୁ ସମାଲୋଚନା କରାଯାଇଥିଲା । ସମୟ ସହିତ, ଜମି ମାଲିକ, ବିଶେଷକରି କୃଷକ ଏବଂ ଗ୍ରାମୀଣ ସମ୍ପ୍ରଦାୟ ଉପରେ ଏହି ଆଇନର ପ୍ରଭାବକୁ ନେଇ ସଂସ୍କାର ଆଣିବାକୁ ଦାବି ହୋଇଥିଲା । ଏହି ଚିନ୍ତାଧାରାର ଉତ୍ତରରେ, ୨୦୧୩ରେ ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ପୁନଃ ବିସ୍ଥାପନ ଅଧିନିୟମରେ ଅଧିକାରର ଯଥାର୍ଥ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଦ୍ୱାରା ଏହି ଅଧିନିୟମ ବଦଳାଯାଇଥିଲା, ଯାହା ମୂଳ ଆଇନର କିଛି ତ୍ରୁଟି ଦୂର କରିବାକୁ ଲକ୍ଷ୍ୟ ରଖିଥିଲା ଏବଂ ଅଧିଗ୍ରହଣ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଜମି ମାଲିକମାନଙ୍କୁ ଅଧିକ ସୁରକ୍ଷା ଏବଂ କ୍ଷତିପୂରଣ ପ୍ରଦାନ କରିବାର ଥିଲା । ଜମି ଅଧିଗ୍ରହଣ ବିଲ୍, ଜମି ଅଧିଗ୍ରହଣ, ପୁନଃକ୍ଷ ଥଇଥାନ ଏବଂ ପୁନଃ ବିସ୍ଥାପନ ଅଧିନିୟମରେ ନ୍ୟାୟ ପାଇଁ କ୍ଷତିପୂରଣ ଏବଂ ସ୍ୱଚ୍ଛତା ନାମରେ ମଧ୍ୟ ଜଣାଶୁଣା, ୧୮୯୪ ମସିହାରେ ଜମି ଅଧିଗ୍ରହଣ ଅଧିନିୟମକୁ ବଦଳାଇବା ପାଇଁ ୨୦୧୩ ରେ ଭାରତରେ ଏକ ଆଇନ ପ୍ରଣୟନ କରାଯାଇଥିଲା । ଏହି ନୂତନ ଅଧିନିୟମ ଜମି ମାଲିକମାନଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ଏବଂ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସ୍ୱଚ୍ଛତା ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି । ଏଥିରେ ଜମି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ, ବିଶେଷକରି କୃଷକ ଏବଂ ଗ୍ରାମୀଣ ସମ୍ପ୍ରଦାୟର ପୁନଃ ସ୍ଥାପନା ପାଇଁ ବ୍ୟବସ୍ଥା ଆରମ୍ଭ ହୋଇଥିଲା । ବିଭିନ୍ନ ପ୍ରକାରର ପ୍ରକଳ୍ପ ଅଧିଗ୍ରହଣ ପାଇଁ ଜମି ଅଧିଗ୍ରହଣ ବିଲ୍ ଏକ ନିର୍ଦ୍ଦିଷ୍ଟ ଶତକଡ଼ା ଜମି ମାଲିକଙ୍କ ସହମତିକୁ ବାଧ୍ୟତାମୂଳକ କରିଛି । ପ୍ରଭାବିତ ସମ୍ପ୍ରଦାୟ ଉପରେ ଅଧିଗ୍ରହଣର ପ୍ରଭାବ ନିର୍ଣ୍ଣୟ କରିବା ପାଇଁ ଏହା ଏକ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ମଧ୍ୟ ଆବଶ୍ୟକ କରେ । ଏହି ଅଧିନିୟମ ଅନୁଯାୟୀ କ୍ଷତିପୂରଣ ପୁନଃ ଥଇଥାନ ସୁବିଧା ପାଇଁ ଅତିରିକ୍ତ ବ୍ୟବସ୍ଥା ସହିତ ବଜାର ମୂଲ୍ୟ ଉପରେ ଆଧାରିତ ହେବ । ଏହି ଅଧିନିୟମରେ ଜମି ମାଲିକଙ୍କ ଅଧିକାରର ସୁରକ୍ଷା ତଥା ସେମାନଙ୍କ ଜମି ପାଇଁ ଯଥେଷ୍ଟ କ୍ଷତିପୂରଣ ଦିଆଯିବା ନିଶ୍ଚିତ କରାଯାଇଥିଲା । ଏହା ମଧ୍ୟ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଆଣିବାକୁ ଲକ୍ଷ୍ୟ ରଖିଥିଲା । ମୋଟ ଉପରେ, ଜମି ଅଧିଗ୍ରହଣ ବିଲ୍ ବିକାଶ ଆବଶ୍ୟକତା ଏବଂ ଜମି ମାଲିକ ଏବଂ ପ୍ରଭାବିତ ସମ୍ପ୍ରଦାୟର ସ୍ୱାର୍ଥର ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରିଥିଲା । ନୂତନ ଜମି ଅଧିଗ୍ରହଣ ବିଲ୍ ସହିତ ପ୍ରକୃତ ସମସ୍ୟା ହେଉଛି କୃଷକ ଏବଂ ଜମି ମାଲିକଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ଅଭାବ । ଅଧିଗ୍ରହଣ ହୋଇଥିବା ଜମି ପାଇଁ ପର୍ଯ୍ୟାପ୍ତ କ୍ଷତିପୂରଣ, ସମ୍ପ୍ରଦାୟର ସମ୍ଭାବ୍ୟ ବିସ୍ଥାପନ, ପ୍ରଭାବିତ ହିତାଧିକାରୀଙ୍କ ସହ ପରାମର୍ଶ ଅଭାବ ଏବଂ କୃଷି ଏବଂ ଗ୍ରାମାଞ୍ଚଳର ଜୀବିକା ଉପରେ ସାମଗ୍ରିକ ପ୍ରଭାବ ହେତୁ ଏହି ବିଲ୍ ବିରୋଧର ସମ୍ମୁଖୀନ ହୋଇଛି । ୨୦୧୩ ପର୍ଯ୍ୟନ୍ତ, ଭାରତରେ ଜମି ଅଧିଗ୍ରହଣ ଅଧିନିୟମ ୧୮୯୪ ଦ୍ୱାରା ପରିଚାଳିତ ହୋଇଥିଲା । ୨୦୧୩ ମସିହାରେ, ୟୁପିଏ ସରକାର ଉନବିଂଶ ଶତାବ୍ଦୀର କାର୍ଯ୍ୟକୁ ରଦ୍ଦ କରିବା ପାଇଁ ଜମି ଅଧିଗ୍ରହଣ, ପୁନଃ ଥଇଥାନ ଏବଂ ପୁନର୍ବାସ ଆଇନରେ ଅଧିକାର କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର ପାସ୍ କରିଥିଲେ । ଜନ କଲ୍ୟାଣମୂଳକ ପ୍ରକଳ୍ପଗୁଡିକ ପାଇଁ ଜମି ଅଧିଗ୍ରହଣ ଏବଂ ଜମି ମାଲିକମାନଙ୍କୁ ଯଥେଷ୍ଟ କ୍ଷତିପୂରଣ ଏବଂ ପୁନଃ ଥଇଥାନ କରାଯିବା ପାଇଁ ୟୁପିଏ ଅଧିନିୟମ ଥିଲା । ମୋଦୀ ସରକାର RFCTLARR ଆକ୍ଟରେ ସଂଶୋଧନ ଆଣିବା ପରେ ନିଷ୍ପତ୍ତି ନେବା ପରେ ଏହି ବିରୋଧ ଓ ଆକ୍ରୋଶ ଆରମ୍ଭ ହୋଇଥିଲା (ଭାରତରେ ଜମି ଅଧିଗ୍ରହଣ ବର୍ତ୍ତମାନ ଜମି ଅଧିକାର, ପୁନଃ ଥଇଥାନ ଏବଂ ପୁନଃ ବିସ୍ଥାପନ ଆଇନ, ୨୦୧୩ (RFCTLARR Act, ୨୦୧୩ ) ଯାହାକି ୧୮୯୪ ର ଜମି ଅଧିଗ୍ରହଣ ଅଧିନିୟମ ବଦଳାଇବା ପରେ ୧ ଜାନୁୟାରୀ ୨୦୧୪ରୁ ଲାଗୁ ହୋଇଥିଲା । ଯେହେତୁ ନିମ୍ନଲିଖିତ ବିନ୍ଦୁ ଗୁଡିକୁ ଏନ୍‌ଡ଼ିଏ ସରକାର ଏହି ନୂତନ ବିଲ ରେ ଯୋଡ଼ିଥିଲେ , ସେହି କାରଣରୁ ପୁରା ଦେଶରେ ଜନସାଧାରଣ, ବିଶେଷ କରି କୃଷକ ମାନେ ଏହାକୁ ବିରୋଧ କରୁଛନ୍ତି । ୧. 'ସମ୍ମତି' ଧାରା ଅପସାରଣ: ୟୁପିଏ ନିୟମ ଅନୁଯାୟୀ, ପିପିପି ପ୍ରକଳ୍ପ ପାଇଁ ୭୦% ଜମି ମାଲିକ ଏବଂ ବେସରକାରୀ ସଂସ୍ଥା ପାଇଁ ୮୦% ଜମି ମାଲିକଙ୍କ ଅନୁମୋଦନ କ୍ରମେ ଜମି ଅଧିଗ୍ରହଣ ହୋଇପାରିବ । ତେବେ, ଏନଡିଏ ଦ୍ୱାରା ଆଣିଥିବା ଏହି ସଂଶୋଧନ ପାଞ୍ଚଟି ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ପାଇଁ ଏହି ସମ୍ମତିକୁ ହଟାଇ ଦେଇଛି - ଶିଳ୍ପ କରିଡର, ପବ୍ଲିକ୍ ବେସରକାରୀ ଭାଗିଦାରୀ ପ୍ରକଳ୍ପ, ଗ୍ରାମୀଣ ଭିତ୍ତିଭୂମି, ସୁଲଭ ଗୃହ ଏବଂ ପ୍ରତିରକ୍ଷା । ଏହା କେବଳ ରାଜନୈତିକ ସର୍କଲରୁ ନୁହେଁ ଆନ୍ନା ହଜାରେଙ୍କ ପରି କାର୍ଯ୍ୟକର୍ତ୍ତା ବେହ ବିରୁଦ୍ଧରେ ବିରୋଧ ପ୍ରଦର୍ଶନ କରିଥିଲେ । ୨. ଅବ୍ୟବହୃତ ଜମିର ଫେରସ୍ତ: ଅଧିନିୟମ ୨୦୧୩ ଅନୁଯାୟୀ, ଯଦି ଏହି ଜମି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଅବ୍ୟବହୃତ ହୋଇ ରହିଥାଏ, ତେବେ ଏହାକୁ ମାଲିକଙ୍କ ନିକଟକୁ ଫେରାଇବା ଆବଶ୍ୟକ । କିନ୍ତୁ ଏନଡିଏ ସରକାରଙ୍କ ଦ୍ୱାରା ପ୍ରକାଶିତ ଅର୍ଡିନାନ୍ସ ଅନୁଯାୟୀ, ଅବ୍ୟବହୃତ ଜମି ଫେରସ୍ତ ହେବା ଆବଶ୍ୟକ ଥିବା ଅବଧି ପାଞ୍ଚ ହେବ, କିମ୍ବା ପ୍ରକଳ୍ପ ସ୍ଥାପନା ସମୟରେ ନିର୍ଦ୍ଦିଷ୍ଟ ଯେକୌଣସି ଅବଧି । ୩. ୨୦୧୩ ଅଧିନିୟମ ଅନୁଯାୟୀ, କୌଣସି ଘରୋଇ କମ୍ପାନୀ ଦ୍ୱାରା ଜମି ଅଧିଗ୍ରହଣ ହୋଇପାରିବ । କିନ୍ତୁ ସାମ୍ପ୍ରତିକ ନିୟମ ଅନୁଯାୟୀ, କୌଣସି ବେସରକାରୀ ସଂସ୍ଥା ଦ୍ୱାରା ଜମି ଅଧିଗ୍ରହଣ ହୋଇପାରିବ । ୪. ନୂତନ ନିୟମ ଅନୁଯାୟୀ, ଯଦି କୌଣସି ସରକାରୀ ଅଧିକାରୀ ଅଧିଗ୍ରହଣ ପ୍ରକ୍ରିୟା ସମୟରେ ଅପରାଧ କରନ୍ତି, ତେବେ ତାଙ୍କୁ ସରକାରଙ୍କ ପୂର୍ବରୁ ଅନୁମତି ନ ଦେଇ କୋର୍ଟ ଚାଲାଣ କରାଯାଇପାରିବ ନାହିଁ । ୫. ସଂଶୋଧନଗୁଡ଼ିକରେ ୧୩ ଟି ଆଇନ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ଦିଆଯାଇଛି ଯାହା କ୍ଷତିପୂରଣ, ପୁନଃ ଥଇଥାନ ଏବଂ ପୁନଃ ବିସ୍ଥାପନ ବ୍ୟବସ୍ଥାରେ ଅଧିନିୟମ ଅନୁଯାୟୀ ବର୍ତ୍ତମାନ ଛାଡ କରାଯାଇଛି ।

*ସୁଜନପୁର , ଯାଜପୁର*
*ଭ୍ରାମ୍ୟଭାଷ : ୯୩୪୮୭୬୮୮୧୨*

ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ



## ପୁଷ୍ପାରାଣୀ ପଟେଲ

ଭାଗ-୧୫

**ପୂର୍ବାଭାଷ**

*ସ୍ନିଗ୍ଧା ଓ ପୂରବୀ ଆଜି ଖୋଲି ଦେଉଥିଲେ ପରସ୍ପରକୁ ପରସ୍ପର ନିକଟରେ। ପୂରବୀ ଶୁଣୁଥିଲା ଓ ସ୍ନିଗ୍ଧା ବଖାଣି ଚାଲିଥିଲା ନିଜକୁ, ସେ ଭୋଗିଥିବା କିଛି ଦୁଃଖକୁ-କିଛି ସୁଖକୁ। ପୂରବୀ ଭାବୁଥିଲା, 'ଆହା, କେତେ ଦୁଃଖ ଜମାଟ ବାନ୍ଧିଛି ସ୍ନିଗ୍ଧାର କୋମଳ ମନଟିରେ ସତେ। ବାପାଙ୍କର ବିଶ୍ୱାସକୁ, ଭଲ ପାଇବାକୁ ପାଇବା ପାଇଁ ଏତେ ପରିଶ୍ରମ କରି ପ୍ରଥମ ସ୍ଥାନ ଅଧିକାର କଲା ପରେ ମଧ୍ୟ କଣ ସେ ଜିତି ପାରିଲାକି ତା' ବାପାଙ୍କର ବିଶ୍ୱାସକୁ? 'କାହିଁ ପାରିଲାନି ତ!' ତେବେ କ'ଣ ହେଲା ଆଗକୁ .... !!*

*(ପୂର୍ବପ୍ରକାଶ ଉତ୍ତାରୁ)*

*"ହାଏ ... ପୂରବୀ! ମୁଁ କେତେ ମିଛରେ ନିଜ ଭିତରେ ଗୁଡେଇ ହେଉଥିଲି ଏତେ ଦିନ। ଦେଖିପାରି ନଥିଲି, ମୋ' ବାପାଙ୍କ ଭିତରେ ଲୁଚିଥିବା ସେଇ ସାଧାରଣରୁ ଅତି ସାଧାରଣ ବାପାଙ୍କୁ ମୋ'ର। ଭେଟିଲି, ଯେତେବେଳେ ଶୁଣିଲି ସବୁ ସାଧାରଣ ବାପାଙ୍କ ପରି ସେ ବି କହୁଥିଲେ, 'ଝିଅ ଘିଅ! ଯେତେ ଶୀଘ୍ର ଦାୟିତ୍ୱ ମୁକ୍ତ ହେଇଯିବ, ସେତେ ଭଲ।'*

*ମନ, ମସ୍ତିଷ୍କ ସବୁ ଆନ୍ଦୋଳିତ ହେଇ ଉଠିଲା ବାପାଙ୍କ କଥା ଶୁଣି। ହୁଏତ ବିଦ୍ରୋହ ବି କଲା ତେବେ ନିଜ ଭିତରେ। ମୋ' ନିଜ ମନର ପ୍ରଶ୍ନସବୁ ଜମାଟ ବାନ୍ଧି ପାହାଡ ପରି କଠିଣ ରୂପ ନେଉଥିଲା ମୋ' ଭିତରେ। କାହା ପାଖରୁ ବା ଉତ୍ତର ଆଶା କରନ୍ତି, ମୋ'ର ଯେ ପ୍ରଶ୍ନ କରିବାର ହିଁ ସାମର୍ଥ୍ୟ ନଥିଲା। ଛୋଟଟି ବେଳୁ ସଂସ୍କାରୀ, ସୁଶିଳ ଝିଅଟିଏର ମୁକୁଟ ପିନ୍ଧାଇ ସେମାନେ ଯେ ଛଡାଇ ନେଇଥିଲେ ମୋ'ର ସ୍ୱର ମୋ' ପାଖରୁ।*

*ତା' ବୋଲି ମୋ' ପ୍ରଶ୍ନର ମୁଁ ଉତ୍ତର ପାଇଲିନି ବୋଲି ତ ନୁହଁ। ପାଇଲି, ଯେବେ ଯାଇ ବସିଲି ବିବାହ ବେଦୀରେ। ତାଲା ପକାଇଲି ମୋ'ର ସେଇ ଦୁର୍ମୂଲ୍ୟ ସାର୍ଟିଫିକେଟ୍ ମାନଙ୍କୁ ଘରର ପୁରୁଣା କାଠ ଆଲମାରୀ ଭିତରେ ଓ ଚୁପ୍ ଚାପ୍ ଯାଇ ବସିଲି ଜଣେ ଅଜଣା ଅଶୁଣା ମଣିଷର ଡାହାଣ କଡରେ, ତା'ର ଓ ତା' ପରିବାରର ଦାୟିତ୍ୱକୁ ମୁଣ୍ଡରେ ମୁଣ୍ଡାଇ।*

*- ଉତ୍ତର କ'ଣ ଜାଣ?*

*- ମୁଁ ଏ ସମାଜର ସବୁ ଝିଅଙ୍କ ପରି ଏକ ସାଧାରଣ ଝିଅ ହିଁ, ଯାହାର ଜନ୍ମ ପରଠୁ ସଭିଏଁ ଗୋଟିଏ କଥା ଘୋଷି ରଖିଥାନ୍ତି ମନରେ, 'ଝିଅ ଜନମ ଚୁଲି ମୁଣ୍ଡକୁ'। ମୋ' ବାପା ବି ଏ ସମାଜର ସବୁ ବାପାଙ୍କ ପରି ଏକ ସାଧାରଣ ବାପା, ଯିଏ ଝିଅ ଜନ୍ମ ହେବା ପରଠାରୁ ଦାୟିତ୍ୱ ବୋଝରେ ଚାପି ହେଇଯାନ୍ତି। ଝିଅକୁ ସୁରକ୍ଷିତ ଭବିଷ୍ୟତ ଦେବା ନ୍ୟାୟରେ ଖୋଜି ବୁଲନ୍ତି ବରପାତ୍ର।*

*ମୁଁ କ'ଣ ଭୁଲ କହୁଛି, ପୂରବୀ?*

*(ପୂର୍ବପ୍ରକାଶ ଉତ୍ତାରୁ)*

କୁହ, ତୁମ ବାହାଘର ପରର କଥା। ସେ ସମୟ ତ ସମସ୍ତଙ୍କ ଜୀବନରେ ଅପାସୋରା ସୁଖଦ ସ୍ମୃତି ହେଇଥାଏ।

ଏମିତି ବି ତୁମେ ଯେ ଏତେ ସବୁ ସୁଗୁଣର ଅଧିକାରିଣୀ। ନିଶ୍ଚେ ଖୁବ୍ ପ୍ରେମ ସାଉଁଟିଥିବ ସମସ୍ତଙ୍କ ପାଖରୁ। ଏତେ ଦିନରୁ ଯେ ଶୁଭ ମନାସି ଚାଲିଥିଲ, ତୁମ ମନର ମଣିଷଙ୍କ ପାଇଁ ... ନିଶ୍ଚୟ ସ୍ୱାମୀଙ୍କର ତୁମର, ସୁଖ ଓ ସମୃଦ୍ଧି ଓ ଭଲପାଇବା ଭିତରେ ଫେରି ପାଇଥିବ ସେସବୁକୁ।

ସେସବୁ କୁ କ'ଣ ବାଣ୍ଟିବନି ମୋ' ସାଥିରେ?

- ବାଣ୍ଟିବି। ବାଣ୍ଟିବିନି କାହିଁକି ଯେ!

(କାହିଁକି କେଜାଣି କାରୁଣ୍ୟରେ ଭରା ଏକ ଫିକା ହସ ଉକୁଟି ଉଠିଲା ସ୍ନିଗ୍ଧାର ମୁହଁରୁ।)

କହିଲା। ଜାଣିବାକୁ ଚାହୁଁଛ ଯଦି ଶୁଣ!

କ'ଣ କହିବି? କେଉଁଠୁ କହିବି? କେମିତି କହିବି?

ସୁଖ କହିବି ନା ଦୁଃଖ କହିବି

ଅଙ୍ଗେ ନିଭେଇବା କଥା କହିବି ...

କ'ଣ କହିବି, ପୂରବୀ? କୁହ .... କୁହ ମୋ'ତେ!

ଅନେକ ଖୋଜିଲା ପରେ ବି ଏମିତି ସ୍ମୃତିଟିଏ ଖୋଜି ପାଉନାହିଁ, ଯାହାକୁ ସୁଖଦ କହି ମୁଁ ବାଣ୍ଟିପାରିବି ତୁମ ସାଥିରେ!

ଚଉଠି ରାତିରୁ ଆଜିଯାଏଁର ସବୁ ସମୟଙ୍କୁ ଆଜି ଯେତେବେଳେ ଫେରି ଚାହୁଁଛି, ତେବେ ଜଳଜଳ ହେଇ ଦିଶି ଯାଉଛି ବୁଝାମଣା, କେବଳ ବୁଝାମଣା। ଅନ୍ୟମାନଙ୍କୁ ଖୁସି କରିବାକୁ ଯାଇ ନିଜ ଖୁସିମାନଙ୍କ ସାଥିରେ ସାଲିସ୍। ଅନ୍ୟମାନଙ୍କ ସ୍ୱପ୍ନରେ ରଙ୍ଗ ଭରିଦେବା ପାଇଁ ନିଜ ସ୍ୱପ୍ନ ମାନଙ୍କର ଗଳାଚିପି ହତ୍ୟା। ଅନ୍ୟମାନଙ୍କର ଲୁହ ପୋଛୁ ପୋଛୁ ନିଜ ଲୁହକୁ ଝରିବାକୁ ନଦେଇ ସାଇତି ରଖିଛି ଆଖି କୋଣରେ। ହଁ, କେବେ ବା ଯଦି ଝରେଇଛି, ତେବେ ତାହା ପୁଣି ସମସ୍ତଙ୍କ ଆଢୁଆଳରେ। କେବେ ବାଥରୁମ୍ ପାଣି ଟ୍ୟାପକୁ ଖୋଲି ତ ପୁଣି କେବେ ରୋଷେଇ ଘରେ କଡେଇ, ଡେକ୍‌ଚିରୁ ଉଠୁଥିବା ଗରମ ବାମ୍ଫର ଆଞ୍ଚରେ।

ପୂରବୀ, ତୁମେ କ'ଣ କହୁଛ? ଏହା କ'ଣ ପ୍ରତ୍ୟେକଟି ଝିଅର ଭାଗ୍ୟ ଓ ଭବିଷ୍ୟତ! ନା, ଏମିତି ବି କେହିଥିବେ ଯିଏ ପାଉଥିବେ, ନିଜର ସ୍ୱପ୍ନନାୟକଙ୍କୁ ସତରେ ନିଜର ସ୍ୱାମୀ ରୂପେ?

ପୂରବୀ : ବିବେକ କେଉଁଭଳି ମଣିଷ?

ସ୍ନିଗ୍ଧା : କ'ଣ ଯେ କହିବି ଉତ୍ତରରେ? ହଉ! ଶୁଣ! ଯଦି ଗୋଟିଏ ଧାଡିରେ କୁହେ, ତେବେ କହିବି "ସେ ଜଣେ ଖୁବ୍ ଭଲ ମଣିଷ!"

ପୂରବୀ : ତେବେ ପୁଣି ଅସୁବିଧା କେଉଁଠି?

ସ୍ନିଗ୍ଧା : ସବୁ ଭଲ ମଣିଷ କ'ଣ ଆମର ପ୍ରିୟ? ଅସୁବିଧା ଯେ ସେଇଠି ପୂରବୀ। ସେ ଏତେ ଭଲ ଯେ ତାଙ୍କ ପାଇଁ ମୋ' ବିମୁଖତା ମୋ'ତେ ଦୋଷୀ ସଜେଇଦିଏ ମୋ' ପାଖରେ।



ଭଲ ମଣିଷ ଆମେ ଜୀବଦଶାରେ ଅନେକ ଭେଟୁ। ତେବେ ମନର ମଣିଷ ଯେ ଜଣେ ହିଁ ଥାଆନ୍ତି। ଏକଦମ୍ ସ୍ୱତନ୍ତ୍ର!

ଖୁବ୍ ଗର୍ବ କରୁଥିଲି ସେବେ ଯାଏ, ଯେ ଯାଏଁ ଭାବୁଥିଲି ସ୍ୱାମୀ ଭିନ୍ନ ଅନ୍ୟ କୌଣସି ପୁରୁଷ ମୋ'ର ଚିନ୍ତା, ଚେତନତାକୁ ଛୁଇଁ ମଧ୍ୟ ପାରିବେନି। ସବୁ ଭାରତୀୟ ନାରୀଙ୍କ ପରି ଢ଼େର ଗର୍ବ କରୁଥିଲି, ମୋ' ନିଜକୁ ନେଇ। ସେତେଦିନ ଯାଏଁ ସତୀତ୍ୱର ପରିଭାଷା ଭିନ୍ନ ଥିଲା ମୋ' ମନରେ।

"ବର୍ଷ ବର୍ଷ ଧରି ସ୍ୱାମୀଙ୍କ ଠାରୁ ଦୂରରେ। ବିବାହିତା ହେଇ ସ୍ୱାମୀଙ୍କ ଠାରୁ ତାଙ୍କ ସାନ୍ନିଧ୍ୟ ନପାଇ ମଧ୍ୟ କୌଣସି ପୁରୁଷ ପ୍ରତି କିଛି ବି ଆସକ୍ତିର ଅନୁଭବ ନାହିଁ, ଏହା କ'ଣ କମ୍ ଗର୍ବର ବିଷୟ ଥିଲା ମୋ' ପାଇଁ!"

ତେବେ, ହାଏ .... ପୂରବୀ! ଏ କି ବିଡମ୍ବନା... !

ଥରେ ଦେଖିଲି ଯୋଗୀଙ୍କୁ। ଦେଖିଲି....ତ... ଦେଖିଲି...., ତାପରେ ଭୁଲିଗଲି ସବୁକିଛି। ଲୋକ ଲାଜ, ମାନ ସମ୍ମାନ, ନିନ୍ଦା ଅପବାଦ ... ସବୁ କିଛି ସିନା।

ପୂରବୀ : ହେଃ...! ସେତିକି ଥାଉ, ତୁମ ଯୋଗୀଙ୍କ କଥା। ମୋ'ତେ କୁହ ପ୍ରଥମେ... ତୁମ କଥା। ବିବେକଙ୍କ କଥା। ତାଙ୍କ ପରିବାରର ଅନ୍ୟ ଲୋକଙ୍କ କଥା। ସେମାନଙ୍କ ଗହଣରେ ତୁମେ ବିତେଇଥିବା ସୁଖ-ଦୁଃଖ ଦିନ ମାନଙ୍କର କଥା।

ମୁଁ ଶୁଣିବାକୁ ଚାହେଁ ସେସବୁ।

ଦୁଇ ହଜାର ଦୁଇ ମସିହା। ଗୋଟିଏ ଚୈତ୍ର ମାସର ଦିନ। କ'ଣ କେମିତି ଥିଲା ସେଦିନ ରାହୁ, କେତୁ ଆଦି ଗ୍ରହଙ୍କର ଗ୍ରହାବସ୍ଥାନ। ଏସବୁ ଜାଣିବାର, ପରଖିବାର ଅବକାଶ ମୋ' ପାଖରେ ଆଦୌ ନଥିଲା। ହଠାତ୍, ବିନା କୌଣସି ପ୍ରାକ୍ ପ୍ରସ୍ତୁତିରେ ମୋତେ ଠେଲି ଦିଆଗଲା ଗୋଟେ ଯୁଦ୍ଧକ୍ଷେତ୍ରକୁ। ନା' ସଜେଇ ଦିଆଗଲା ମୋ' ଦେହରେ ଅସ୍ତ୍ରଶସ୍ତ୍ର, ଢ଼ାଲ, ସାଞ୍ଜୁ ପରି ରକ୍ଷାକବଚ ଓ ନା ହିଁ ଦିଆଗଲା ରଥ ଅବା ସାରଥି, ମୁଁ ଥିଲି ଏକଦମ୍ ଏକଲା। ନିଃସଙ୍ଗ। ଭୟରେ ଜଡସଡ।

ଆମ ଓଡ଼ିଶାର ଗାଁ ମାନଙ୍କର ଝିଅ ମାନଙ୍କର ସ୍ଥିତି ଠିକ୍ ସେମିତି ହିଁ ଥିଲା ସେତେବେଳେ। ପାଠ ପଢ଼ିବାର ସୁଯୋଗ ତ ଥିଲା, ତେବେ ନିଜ ଇଚ୍ଛାଧିନ ବିଷୟ ବାଛିବାର ନୁହେଁ। ଯଦି ବି ଜଣେ ଖୁବ୍ ଭଲ ପାଠ ପଢ଼ିଲା, ତେବେ ପାଠ ପଢ଼ିବା ଅଧିକାର ଥିଲା ସିନା, ଚାକିରି ଚୟନର ସ୍ୱାଧୀନତା ନଥିଲା ତା' ପାଖରେ। ନିଜକୁ ଗଢ଼ି ତୋଳିବାକୁ ପଡୁଥିଲା ତାକୁ ଅନ୍ୟମାନଙ୍କର ମନ ମୁତାବକ। ବରପାତ୍ରଟିର ସାମ୍ନାରେ ବାରମ୍ବାର ନିଜର ଯୋଗ୍ୟତା ପରୀକ୍ଷା ଦେବାକୁ ପଡୁଥିଲା। ତା'ର ଇଚ୍ଛା ହେଲା, ସେମାନଙ୍କର ପରିବାରର ଆବଶ୍ୟକତା ଥିଲେ, ଆଗ୍ରହ ଥିଲେ ଯାଇ ସେ ଚାକିରି କରିପାରିବ। ନହେଲେ କଦାଚିତ୍ ନୁହେଁ। ତଥାପି ନାରୀ ସ୍ୱାଧୀନ ଥିଲା, ପୁରୁଷ ଓ ସମାଜ ମତରେ!

*(କ୍ରମଶଃ)*

---



## ଘା'

### ଡ. ଦୀପକ କୁମାର ମିଶ୍ର



କେଉଁଠି କେବେ ମାଟି ଉପରେ
ଉଲକାପିଣ୍ଡଟେ ପଡ଼ିଥିବ ଯଦି
ଘା' ଖଣ୍ଡେ ଥିବ
ବଜ୍ରାଘାତ ନଈରେ ହେଲେ ବି
ଦି' ଭାଗ ହେଉଥିବ ପାଣି
ତରଳ ପଦାର୍ଥରେ କିନ୍ତୁ ଘା' ଦିଶେନି
ଠିକ୍ ଛଳଛଳ କ୍ଷତାକ୍ତ ହୃଦୟଟି ପରି।

ଜଙ୍ଗଲରୁ ବିସ୍ଥାପିତ ହେଲାପରେ
ବନବାସୀଙ୍କର ମନରେ
ଜନ୍ମେ ପ୍ରଚୁର ଘା'
ସବୁଜ ବୃକ୍ଷରାଜି କଟାହେଇ
ରୋପଣ କରାହୁଏ
ପୃଥିବୀରେ ମାଳମାଳ ଘା'
ସେହି ଘା' ପୁଣି ମାଡ଼ିଚାଲେ ଆକାଶକୁ
ଯେବେ ସଜାହୁଏ
ପ୍ରଗତିର କଳ କାରଖାନା।

ମାତୃତ୍ୱର ପୂର୍ତ୍ତିରେ
ଶିଶୁ ବି ଘା' କରେ ମା'ର ଥନରେ
ଚିରାପେଟର ଘା'ଗୁଡ଼ିକ ଏବେ
ଭର୍ତ୍ତି ହେଇଯାଇଛନ୍ତି ବୋଲି
ସମ୍ପର୍କ ସବୁ ଅଛନ୍ତି ବହୁତ ଦୂରରେ।

ତୁମେ ଯେଉଁ ଛୋଟିଆ ଘା' ଟିକକ
ଆଙ୍କିଥିଲ ନା ମୋର ତରୁଣ ହୃଦୟରେ
ତାକୁ ଉଖାରି ରଖିଚି ଆଜିଯାଏଁ ତାଜା
ପୂଯ ଲୁହ ହୋଇ ନିଗିଡ଼ିଲେ
କାଳେ ତମେ ମନେପଡ଼ ବୋଲି
ମନକୁ ବୁଝାଏ କରି ମିଛରେ ବାହାନା।

କିଛି ଅଜାଗା ଘା' ଅଛି ସମସ୍ତଙ୍କର
ଯାହା ଦେଖି ହୁଏନି
କି ଦେଖାଇ ହୁଏନି
ମରମକୁ ଯାହା ଖାଲି ଭିଣି ଦେଉଥାଏ।

ଭୁବନେଶ୍ୱର
ଭ୍ରାମ୍ୟଭାଷ : ୮୨୮୦୨୧୧୦୦୦

---

## ଜେଜେଙ୍କ ଧୋତି

### ସ୍ମୃତି ଶୋଫାଳୀ ମେହେର



ଅସଜଡ଼ା ଲୁଗା ସବୁକୁ ସଜାଡୁ ସଜାଡୁ
ହାତରୁ ଖସି ପଡ଼ିଲା
ଜେଜେଙ୍କ ପୁରୁଣା ଧୋତି ଖଣ୍ଡକ।
ମଇଳା,କଷିଆ, ଅଧା ଚିରା
ଲୋଚାକୋଚା ହୋଇ ପଡ଼ିରହିଥିଲା
କୁଥୁରା ବାକ୍ସ ଭିତରେ।
ଜେଜେମା ଏହି ବାକ୍ସକୁ
ଯୌତୁକରେ ଆଣିଥିଲେ
ତାଙ୍କ ବାହାଘର ବେଳେ।
ଏଇ ଧୋତି ଖଣ୍ଡକ ପାଇଁ ଜେଜେ କେତେ ଥର
ଜେଜେମା ସାଙ୍ଗରେ କଳି ଝଗଡ଼ା ଲାଗିଥିବେ
ତାର କିଛି ହିସାବ ନାହିଁ।
ଭାରି ଭଲ ଲାଗୁଥିଲା
ଜେଜେଙ୍କୁ ଏହି ଧୋତି ପିନ୍ଧିବାକୁ
ପ୍ରତି ଦିନ ସଫାକରି
ନୀଳ ଦେଇ ତାକୁ ଖୁବ୍ ଯତ୍ନରେ
ସାଇତି ରଖିଥିଲେ ଜେଜେ।
ଆଜି ସେଇ ଧୋତି ଅକାମୀ ହୋଇ
ପଡ଼ି ରହିଛି ଅସହାୟତା ଭାବେ।
ଜେଜେମା ଅନେକ ଥର
ତାକୁ ଛୋଟ ଛୋଟ କରି
କାଟିଦେବା ପାଇଁ ବାହାରିଥିଲେ
ଆସବାବପତ୍ର ପୋଛିବେ ବୋଲି
ହେଲେ ଜେଜେ ତାକୁ
କାଟିବାକୁ ଦେଇଥିଲେ ତ!
ଯେତେ ପୁରୁଣା ହେଲେ ବି
ପ୍ରିୟ ଜିନିଷର କେବେ ବାର୍ଦ୍ଧକ୍ୟ ସମୟ ନଥାଏ।
ସେ କେବଳ ଧୋତି ନୁହେଁ!
ତା ସହ ଯୋଡ଼ି ହୋଇଛି
ଜେଜେଙ୍କର ଅନେକ ସ୍ମୃତି ଓ ଅନୁଭୂତି।
ଏହି ଧୋତି ଖଣ୍ଡରେ ଜେଜେଙ୍କ
ଅଧା ଜୀବନ ସରିଯାଇଛି;
ଆଉ ବାକି ଜୀବନ
ଧୋତି କୁ ଝୁରି ଝୁରି ସରିଗଲା।
ସେତେବେଳେ ସେଇ ଧୋତି
ଖୁବ୍ ନିଖାର୍ ଥିଲା ଶୁଦ୍ଧ ପରମସୁଦ୍ ଧୋତି।
ପର୍ବପର୍ବାଣୀ ଯାନିଯାତ୍ରାରେ
ଛୁଆଙ୍କ ପାଇଁ ନୂଆ ପୋଷାକ କିଣି ଦେଇ
ନିଜେ ଏହି ଧୋତିକୁ ଭଲ କରି ଧୋଇ ଧାଇ
ଇସ୍ତ୍ରୀ କରି ପିନ୍ଧିଦେଉଥିଲେ।
ଆଜି ଧୋତିର ଅବସ୍ଥା ଦେଖି
ଖୁବ୍ ଦୁଃଖ ଲାଗୁଥିବ ଜେଜେଙ୍କୁ
ହେଲେ ସମୟ ସାଥିରେ ସବୁ ଖୁସି ସବୁ ଇଚ୍ଛା
ମଳିନ ପଡ଼ିଯାଏ।
ଜେଜେ ଚାଲି ଯିବାର ଆଜକୁ
ପାଞ୍ଚ ବର୍ଷ ହେଇଗଲାଣି ତାଙ୍କ ଯିବା ସମୟରେ
ଏ ଧୋତି ଖୁବ୍ ଖୋଜା ପଡ଼ିଥିଲା।
ହେଲେ କାନ୍ଧ ବୋବାଳିରେ କିଛି ସମୟ ପାଇଁ
ହଜିଯାଇଥିଲା ଏଇ ଶେଷ ସନ୍ତକ।
କୋକେଇର ଛଅ ଖଣ୍ଡ କାଠରେ
ଚିର ନିଦ୍ରାରେ ଶୋଇଗଲେ ଜେଜେ
ତାଙ୍କ ଉପରେ ବିଛେଇ ଦିଆଗଲା
ଆଉ ଏକ ସଫେଦ୍ ଲୁହର ଚାଦର।

ଶକ୍ତିନଗର, ବରଗଡ଼

---

## ଏଠି ତ ସବୁ ରାକ୍ଷସ

### ଅୟସ୍କାନ୍ତ



ନର୍କକୁ ଗଲି
ସେଠି ଜାଗା ନଥିଲା
ସ୍ୱର୍ଗକୁ ଚାଲିଆସିଲି
ସାଧାରଣ ମଣିଷ ପାଇଁ
କଣ କେଉଁଠି ବି ଜାଗାଟେ ନାହିଁ!
ଜଳ,ସ୍ଥଳ ପାତାଳ
ସବୁଠି ପିଶାଚ ମାନଙ୍କ ଭିଡ଼
ମୁଁ ,ବିରଳ ପ୍ରଜାତି
ବଞ୍ଚିବା ପାଇଁ
ରାହା ପାଏ ନାହିଁ
ନଷ୍ଟ ପୁଅର ସ୍ପଷ୍ଟ ଗୀତ।

ଗ୍ରାମ୍ୟ ନିର୍ମାଣ ଉପବିଭାଗ,
ରାଜକନିକା, କେନ୍ଦ୍ରାପଡା
ଭ୍ରାମ୍ୟଭାଷ : ୮୭୬୩୩୯୩୧୧୬

---

## ପ୍ରେମିକା

### ସୁଧୀର ମେହେର



ପ୍ରତିଥର
ତତେ ବୁଝେଇ ବୁଝେଇ
ହାରିଯାଏଁ,
ହେଲେ ତୁ ବୁଝିବାକୁ ନାରାଜ।
ଜାଣେ,
ତୋ'ର ଭାରି ଭୟ--ଅନ୍ଧାରକୁ,
ମେଘକୁ,ବତାସକୁ,କାଳିମାକୁ,
ଅପବାଦର ଡିଣ୍ଡିମକୁ,
ଏଣେ,
ମୋତେ ଛାଡ଼ିକି ଯାଇବି ପାରୁନୁ
ଏତେ ସହଜରେ।
ଜାଣୁନା କି
ମୁଁ ତତେ କେତେ ଭଲ ପାଏଁ,
ମୁଁ ଭଲା ଏତେ କଥା ହେବାକୁ
ଦେବି କାହିଁକି ଯେ!
ନା ଭାବୁଚୁ
ମୋର ଯମା ଭୟ ନାହିଁ
ଡେଙ୍ଗୁରାକୁ,
କଳଙ୍କର କାଳିମାକୁ,
ନା ମୁଁ ଏ ସମାଜର ବାହାରେ?
ହଉ ହଉ,
ତୁ ଏମିତି ଡରୁଥା ଚିରକାଳ
କଳଙ୍କକୁ, କାଳିମାକୁ, ଡିଣ୍ଡିମକୁ.....
ମୋତେ କିନ୍ତୁ ସଂଗୋପନେ ସାଇତି ରଖି ଥା'
ତୋ ନିବୁଜ ଛାତିର
କୋଉ ଅଦେଖା କୋଣରେ,
ଯେଉଁଠି ଥିଲେବି
ମୁଁ ତ ବାସ୍ ପଲ୍ଲବି ଯାଉଥିବି
ତୋ'ଓଠର ଟୋପାଏ ହସରେ।

ଚିଟୈଗୁଡା, ଜୁନାଗଡ଼, କଳାହାଣ୍ଡି
ସଂପର୍କ : ୯୫୮୩୫୮୮୮୮୭

---

## ସାହାଯ୍ୟ କଲେ ସାହାଯ୍ୟ ମିଳିଥାଏ

### ସିତାଂଶୁ ଶେଖର ମିଶ୍ର



ହଠାତ୍ କଲିଙ୍ଗ୍ ବେଲ୍ ବାଜି ଉଠିଲା। ଦିନ ଦ୍ୱିପ୍ରହର ସମୟ। ପ୍ରବଳ ଖରା ବେଳଟା। ଘରୁ ପଦାକୁ ଗୋଡ଼ କାଢ଼ିବା ମୁସ୍କିଲ ହେଉଥାଏ। ଖରା ସମୟ ନୁହେଁ ତ ଆକାଶରୁ ଅଗ୍ନି ବର୍ଷା ଭଳିଆ ପ୍ରତୀୟମାନ ହେଉଥାଏ। ଏହି ସମୟରେ କିଏ ବା କାହିଁକି ଆସିବ। ଖରାଦିନ ସେଥିପାଇଁ ପେଟପୁରା ପଖାଳ ଖାଇ ବିଶ୍ରାମ ନେବାକୁ ହୋଇଥାଏ। ବିଶ୍ରାମ ତ ନୁହେଁ ପୁରା ନିଦ୍ରାଦେବୀ ପ୍ରସନ୍ନ ହୋଇଥାନ୍ତି।

ଏହି ସମୟରେ ପୁଣିଥରେ କଲିଙ୍ଗ ବେଲ୍ ବାଜିଲା। ତାପରେ ଆଖି ମଳି ମଳି କରି ଉଠିଲି। ଦେଖିଲା ବେଳେ ମୋର ଜଣେ ବନ୍ଧୁ ଏହି ସମୟରେ। ଆରେ ଏ ଅବେଳରେ। ଆସେ ଆସେ ବାହାରେ ପ୍ରବଳ ଖରା। ଆରେ ଏ କୁକୁରଟା କାହାର କି? କଣ ହେଲାକି? ନାଁ ଏଠାରୁ ଯେତେ ହର୍ଣ୍ଣ ମାରିବା ପରେ ଉଠୁନାହିଁ। ଆରେ ଖରା ସମୟ ଛାଇ ହୋଇଛି ସେଥିପାଇଁ ବୋଧହୁଏ।

ଆଉ କୁଁ କୁଁ କରି କୁହ୍ଲେଇ ହେଉଛି। ମୋର ଘରୁ ବାହାରିବା ଦେଖି କୁକୁର ପୁଣି କୁନ୍ଥୁ କୁନ୍ଥୁ ହଉଥାଏ। ପାଟିରେ କୁଁ କୁଁ କରି ଦୂରକୁ ପଳାଇବାର ଶକ୍ତି ନ ଥିବା କାହିଁକି ମୋତେ ମନେହେଲା। ସାଙ୍ଗ ପଚାରିଲା ବୁଲା କୁକୁରଟା ପରା। ଥାଉ ତାପାଇଁ କାହିଁକି ଏତିକି ବ୍ୟସ୍ତ ବିବ୍ରତ ହେଉଛୁ। ମୁଁ କହିଲି ବୁଲା କୁକୁର ହେଲେବି ତାର ତ ଜୀବନ ଅଛି। ସେ ବୋଧହୁଏ ଅଂଶୁଘାତରେ ଆକ୍ରାନ୍ତ ହୋଇଛି ତା ପାଇଁ କିଛି କରିବାକୁ ହେବ। ଏତିକି ବେଳେ ମୁଣ୍ଡରେ ଏକ ବୁଦ୍ଧି ଜୁଟିଲା। ଏବେ ଏବେ ଘର ମରାମତି କାମ ପାଇଁ ଆସିଥିବା ଏକ ପ୍ଲାଷ୍ଟିକ ଗାମଲାରେ ପାଣି ପୁରାଇ ତା ପାଖରେ ନେଇ ଥୋଇ ଆସିଲି। ଆଉ ତା ସହିତ ପତରରେ କିଛି ଖାଦ୍ୟ ତା ପାଖରେ ନେଇ ଥୋଇ ଆସିଲି। ଖାଇବା ତା ପାଇଁ ଇଚ୍ଛା ନଥିଲା। ମୁଁ ସେଠାରୁ ଟିକିଏ ପଛକୁ ଆସିଛି। କୁକୁରଟା ପାଣି ଗାମଲା ଭିତରକୁ କୁଦି ପଡ଼ିଲା। ମୁଁ ତାପରେ ଜାଣିଗଲି ଇଏ ଅଂଶୁଘାତରେ ଆକ୍ରାନ୍ତ ହୋଇଛି। ଏହାପରେ ମୁଁ ପଶୁ ଚିକିତ୍ସା କର୍ମଚାରୀଙ୍କୁ ଖବର ଦେଲି। ସେମାନେ ଆସିଲେ ଔଷଧ ଖୋଇଲେ। ଆଉ କିଛି ଔଷଧ ଦେଇ କରି ଗଲେ ତାହା ଦେବା ପରେ କୁକୁରଟା ସୁସ୍ଥ ହୋଇଗଲା। କିନ୍ତୁ ଆଉ ଏଠାରୁ ଗଲା ନାହିଁ।

ସେ ଏମିତି ହୋଇଗଲା ଆମ ସାହିର ଏକ ସଦସ୍ୟ ହୋଇଗଲା। ସେ ସମସ୍ତଙ୍କୁ ଦେଖିଲେ ଲାଞ୍ଜି ହଲାଇ କୁଁ କୁଁ କରେ। ତାକୁ ସେଥିପାଇଁ ସାହିର ସମସ୍ତେ କିଛି ନା କିଛି ଖାଇବାକୁ ଦେବା ଆରମ୍ଭ କଲେଫ ସେ ସମସ୍ତଙ୍କ ଏକ ପ୍ରିୟ ହୋଇଗଲାଫ ଏମିତି କି ସାହିର ସେ ଏକ ଜଗୁଆଳ ଭାବରେ ରହିଥିବା ମନେହେଲା। ସାଇକୁ କେହି ଅଜଣା ଅଶୁଣା ଲୋକ ଦେଖିଲେ ଭୋକିବା ଆରମ୍ଭ କରେ। କିନ୍ତୁ କାହାରି କ୍ଷତି କରୁ ନଥାଏ। ସାହିରେ କିଛି ପିଲା ପାଠ ପଢିବା ପାଇଁ ଆସୁଥିଲେ। ବୁଲା କୁକୁରକୁ ଦେଖି ଗୋଟାଏ ପିଲା ଏକ ଢେଲା ମାରିଲା। ସେ ଭୋକିବା ଆରମ୍ଭ କଲା। ମୁଁ କଣ ହେଲା ଭାବି ବାହାରକୁ ଆସିବା ବେଳେ ଟିଉସନ ଆସୁଥିବା ପିଲାମାନେ ତାକୁ ଟେକା ମାରୁଛନ୍ତି। ମନାକଲି ତାକୁ କାହିଁକି ମାରୁଛ। ଆମକୁ ଡର ମାଡ଼ିଲା। ତାକୁ ଏଠାରେ କେବେ ଦେଖିନଥିଲୁ। ଆମକୁ ଦେଖିବା କ୍ଷଣି ଭୋକିବା ଯୋଗୁଁ ଆମେ ଭୟଭୀତ ହୋଇ ଏମିତି କଲୁ। ତାକୁ ମରା ମରି କରିବ ନାହିଁ ସେ ଏବେ ସାହିର ଜଗୁଆଳି। ତମର ମଧ୍ୟ ଜଣେ ସାଥି। ଏହା କହି ମୁଁ ଚାଲି ଆସିଲି। ସେମାନେ କହିଲେ ବୁଲା କୁକୁରଟା ଅଙ୍କଲ କହୁଛନ୍ତି ଆମର ସେ ଗୋଟାଏ ସାଥି। ଏହା କେମିତି ସମ୍ଭବ। ଅଙ୍କଲଙ୍କ ସେ ସାଥି ହେଇ ଥାଉ ଆମକୁ ଭୋକିଲେ ଆମେ ଢେଲା ମାରିବା। ହେଲେ ପିଲା ମାନଙ୍କୁ ସବୁ ଦିନ ଦେଖିଲା ପରେ ଆଉ ଭୋକିଲା ନାହିଁ ତାଙ୍କୁ ଦେଖିଲେ ଲାଞ୍ଜି ହଲାଏ। ପିଲାମାନେ ମଧ୍ୟ ଆଉ ଢେଲା ମାରିଲେ ନାହିଁ। ହଠାତ୍ ଗୋଟାଏ ଦିନ ବୁଲା କୁକୁରର ଘନ ଘନ ଭୋକିଲା ଶବ୍ଦରେ ସାହି ପଡ଼ିଶାର ଆମେ ସମସ୍ତେ ବାହାରି ପଡ଼ିଲୁ। ଏତିକି ବେଳେ ଲାଇନ୍ ନ ଥାଏ। ଏହାର ସୁଯୋଗ ନେଇ ଏକ ଚୋର ଟିଉସନ୍ ଆସିଥିବା ଏକ ପିଲାର ସାଇକେଲକୁ ଟେକି ଗଡାଇ ଗଡାଇ ନେବାକୁ ଉଦ୍ୟମ କରୁଥାଏ। ଏତିକି ବେଳେ ବୁଲା କୁକୁରଟି ତାହାର ଗୋଡ଼କୁ କାମୁଡି ଧରିଥିବା ଆମେ ଦେଖିବାକୁ ପାଇଲୁ। ଯାଇ ତାକୁ ଧରିଲୁ ଉତ୍ତମ ମଧ୍ୟମ ଦେଇ ପୋଲିସକୁ ଖବର ଦେଲୁ।

ଏଣେ ପିଲାଙ୍କ ଟିଉସନ୍ ଛୁଟି ହୋଇଗଲା ପିଲାଏ ବାହାରିଲେ ଆଉ ଜାଣିବାକୁ ପାଇଲେ ତାଙ୍କର ଏକ ସାଇକେଲ ଚୋରୀକୁ ଧରିଲା ବୁଲା କୁକୁର। ଏହା ଜାଣିଲା ପରେ ସେମାନେ ଦୁଃଖିତ ଅନୁଭବ କଲେ। ଆମେ ଏହାକୁ ଦିନେ ବୁଲା କୁକୁରଟା କହି ଘୃଣାକରି ଢେଲା ମାରିଥିଲା। ହେଲେ ସେ ତା ବଦଳରେ ଆମକୁ ଆକ୍ରମଣ ନ କରି ଆମକୁ କେତେବଡ଼ ଉପକାରଟିଏ ନ କଲା। ପିଲାମାନେ ନିଜକୁ ନିଜେ ଦୋଷୀ ମନେକଲେ ଆଉ ଆହା ଆମର ଆଜି କେତେ ବଡ଼ ଉପକାରଟିଏ ନ କଲା ଏହା କହି ତା ପାଖକୁ ଆସିଲେ। ସେ ସମସ୍ତଙ୍କୁ ଲାଞ୍ଜି ହଲାଇ ଖୁସି ଅନୁଭବ କଲା।

ପିଲାମାନେ ମଧ୍ୟ ତା ପର ଦିନ ଠାରୁ ସମସ୍ତେ ତା ପାଇଁ ବିସ୍କୁଟ, କେକ ଆଦି ଆଣି ତାକୁ ଖାଇବାକୁ ଦେଲେ। ବୁଲାକୁକୁର ଭାରି ଖୁସ୍। ଟିଉସନ ଆସିବା ଓ ଛୁଟି ସମୟରେ ପିଲାଙ୍କୁ ଚାହିଁ ରହିଥାଏ ତାଙ୍କ ବାଟ ଟିକିଏ ଓଗାଳି ଦେବାପାଇଁ। ତେଣୁ ଏଠାରୁ ଆମେ ଗୋଟାଏ ଶିକ୍ଷା କରିବା ଉଚିତ୍ ହେବଫ ଜୀବଜନ୍ତୁ ପଶୁପକ୍ଷୀ ସମସ୍ତଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଭାବ ରଖିଲେ ସମସ୍ତେ ଏ ସମାଜ ପାଇଁ ନିଶ୍ଚୟ କିଛି କିଛି ମାଧ୍ୟମରେ ଋଣ ପରିଶୋଧ କରିଥାନ୍ତି।

ସୋନପୁର, ଶାନ୍ତିନଗର
ଭ୍ରାମ୍ୟଭାଷ : ୮୧୪୪୮ ୭୦୭୨୯

# ଓଡ଼ିଆ ଅସ୍ମିତାକୁ ଗୋଇଠା, ଆସାମ ପାଇଁ ଦରଦ : ବିଜେଡି

**ଭୁବନେଶ୍ୱର :** ବିଜୁ ଜନତା ଦଳର ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଜାତୀୟ ମୁଖପାତ୍ର ଡ଼ଃ ଅମର ପଟ୍ଟନାୟକ ସାମ୍ବାଦିକମାନଙ୍କୁ ସମ୍ବୋଧନ କରି ବିଜେପି ଓଡ଼ିଆ ଅସ୍ମିତାକୁ ପ୍ରସଙ୍ଗ କରି ନିର୍ବାଚନ ଲଢୁଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଆ ଅସ୍ମିତାକୁ ନେଇ ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ଉପସ୍ଥାପନ କରିବା ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଓଡ଼ିଆ ଅସ୍ମିତା ପାଇଁ କ'ଣ କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ । ଡ଼ଃ ପଟ୍ଟନାୟକ କହିଥିଲେ ଯେ ୨୦୧୭ ମସିହାରେ ରାଜ୍ୟ ସରକାରଙ୍କ ସହାୟତାରେ ଜବାହାରଲାଲ ନେହରୁ ବିଶ୍ୱବିଦ୍ୟାଳୟରେ ଆଦିକବି ସାରଳା ଦାସ ଚେୟାର ଫର ଓଡ଼ିଆ ଷ୍ଟଡିଜ୍ ଆରମ୍ଭ କରାଯାଇଥିଲା । ସେହିପରି ୨୦୨୪ ମସିହାରେ ଜବାହରଲାଲ ବିଶ୍ୱବିଦ୍ୟାଳୟରେ ବିଜୁ ପଟ୍ଟନାୟକ ସ୍ପେଶାଲ ସେଣ୍ଟର ଫର୍ ଓଡ଼ିଆ ଷ୍ଟଡିଜ୍ ନାମରେ ଏକ ଚେୟାର ସ୍ଥାପନ କରାଯାଇଛି । ସମ୍ବଲପୁରର କୋଶଳି ଭାଷା ଓ ଅନ୍ୟ ଜନଜାତି ଭାଷା ଯଥା ହୋ, ସଉରା, ମୁଣ୍ଡାରି, କୁଇ ଇତ୍ୟାଦି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ୨୦୧୫ରୁ ଚିଠି ଲେଖି ଆସୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବିଜୁ ଜନତା ଦଳର ସାଂସଦମାନେ ଏହି ପ୍ରସଙ୍ଗ ବାରମ୍ବାର ସଂସଦରେ ଉଠାଇଥିଲେ ମଧ କେନ୍ଦ୍ର ସରକାର ଶୁଣୁ ନାହାନ୍ତି । ରାଜ୍ୟ ସରକାରଙ୍କ ଉଦ୍ୟମରେ ସମ୍ବଲପୁର ସ୍ଥିତ ଗଙ୍ଗାଧର ମେହେର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯାଇଛି । ସେହିପରି ଐତିହାସିକ ରେଭେନ୍ସା କଲେଜକୁ ଏକକ ୟୁନିଭରସିଟିରେ ରୂପାନ୍ତରଣ କରାଯାଇଛି । ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ଐତିହାସିକ ସତ୍ୟବାଦୀ ବକୁଳ ବନ ବିଦ୍ୟାଳୟ ସ୍ଥାନରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନା କରାଯାଇଛି । ତାଛଡ଼ା, ଓଡ଼ିଶା ୟୁନିଭରସିଟି ଅଫ୍ ହେଲ୍ଥ ସାଇନ୍ସ, ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓ ନର୍ଥ ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି । ବୈଷୟିକ ଶିକ୍ଷାରେ ଉନ୍ନତି ପାଇଁ ରାଉରକେଲାରେ ବିପିୟୁଟି ଓ ଭୁବନେଶ୍ୱରରେ ଓୟୁଟିଆର ନାମରେ ଦୁଇଟି ୟୁନିଭରସିଟି ପ୍ରତିଷ୍ଠା କରାଯାଇଥିବା ବେଳେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ସଙ୍ଗେ ଭୁବନେଶ୍ୱରରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମେତ ଖଲ୍ଲିକୋଟ, ବଲାଙ୍ଗୀର, କେନ୍ଦୁଝର, କଳାହାଣ୍ଡି, ଜୟପୁରରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି । ୧୫୦୦ ଓଡ଼ିଆ ବିଦ୍ୟାଳୟରେ ପ୍ରଥମଥର ପାଇଁ ଓଡ଼ିଆ ଶିକ୍ଷକ ନିଯୁକ୍ତି ହେବା ନେଇ ବିଶ୍ୱ ଭାଷା ସମ୍ମିଳନୀ ଅବସରରେ ଘୋଷଣା କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ।

# ହରିଶଙ୍କର ମହୋତ୍ସବରେ ଜନ କଲ୍ୟାଣ ଟ୍ରଷ୍ଟ ତରଫରୁ ସରବତ ବଣ୍ଟନ



**ଖପ୍ରାଖୋଲ :** ଓଡ଼ିଶାର ସୁପ୍ରସିଦ୍ଧ ଶୈବ ପୀଠରେ ନୃସିଂହ ଚତୁର୍ଦ୍ଦଶୀ ମେଳା ୨୦୨୪ ତଥା ହରିଶଙ୍କର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି । ଭଗବାନ ହରି ଓ ଶଙ୍କରଙ୍କୁ ଦର୍ଶନ କରିବାପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗି ରହିଥିବା ବେଳେ ପର୍ଯ୍ୟଟକ ସୁବିଧା ପାଇଁ ବିଭିନ୍ନ ଅନୁଷ୍ଠାନ ତରଫରୁ ଖାଦ୍ୟ, ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଛି । ସେହିପରି ବଲାଙ୍ଗିର ଜିଲ୍ଲାର ହରିଶଙ୍କର ଠାରେ ସରବତ ବଣ୍ଟନ କରି ବେଶ ପ୍ରଶଂସା ପାଉଛନ୍ତି ବେଲପଡା ବ୍ଲକର ଜନ କଲ୍ୟାଣ ଟ୍ରଷ୍ଟ । ବଣ୍ଟନ ସମୟରେ ଟ୍ରଷ୍ଟର ସଭାପତି କାନ୍ତ ରଣା, ସମ୍ପାଦକ କେଦାର ଦଣ୍ଡସେନା, ତ୍ରିଲୋଚନ ନାଗ, ଟିକେଟନ ଦଣ୍ଡସେନା, ରାହାସ ଦଣ୍ଡସେନା, ପ୍ରମୋଦ ମେହେର, ଫକୀର ନାଗ, ବିରୁ ଦଣ୍ଡସେନା, ସୁଭାଷିନୀ ମୁଣ୍ଡା, ପୂଜା ଦୀପ, ସସ୍ମିତା ମିର୍ଦ୍ଧା, ବିରଞ୍ଚି ବାଗ ସହିତ ଟ୍ରଷ୍ଟର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ଶତାଧିକ ବିଜେଡି କର୍ମୀଙ୍କ ବିଜେପିରେ ଯୋଗଦାନ



**ଜଗତସିଂହପୁର :** ରଘୁନାଥପୁର ବ୍ଲକର ପୁରଣ ଓଡପଡା ପଞ୍ଚାୟତର ଗୋଲଡେନ ପ୍ୟାଲେସରେ ତିର୍ତ୍ତୋଲ ବିଜେପି ପକ୍ଷରୁ ଏକ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚିନ୍ତା ଓ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଜଗତସିଂହପୁର ବିଜେଡି ଉପସଭାପତି ସରୋଜକାନ୍ତ ସ୍ୱାଇଁ, ଚିକିଣିଆ ସରପଞ୍ଚ ବିଷ୍ଣୁ ସେଠୀ, ତାରପୁର ପୂର୍ବତନ ସରପଞ୍ଚ ସରୋଜ ଦାସ, ଅଢେଇକୁଳ ପୂର୍ବତନ ସରପଞ୍ଚ ଶେଷଦେବ ସେଠୀ, ଜଗନ୍ନାଥପୁର ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ସ୍ୱାଇଁ, ଧରାଧରପୁର ବିଜେଡି ନେତା ଯୁଗଳ କିଶୋର ମଲ୍ଲିକଙ୍କ ସମେତ ଶତାଧୀକ ବିଜେଡି କର୍ମୀ ଆଜି ଏଠାରେ ବିଜେପି ଦଳରେ ଯୋଗ ଦେଇଥିଲେ । ସେମାନଙ୍କୁ ବିଜେପି ଦଳ ପକ୍ଷରୁ ରାଜ୍ୟ ପୂର୍ବତନ ବିଜେପି ସଭାପତି ସମୀର ମହାନ୍ତି, ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର, ସାଂସଦ ପ୍ରାର୍ଥୀ ବିଭୁ ପ୍ରସାଦ ତରାଇ, ବିଧାୟକ ପ୍ରାର୍ଥୀ ରାଜକିଶୋର ବେହେରା ପ୍ରମୁଖ ଦଳୀୟ ଟୋପି, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ । ଏହି ମିଶ୍ରଣ ପର୍ବରେ ବ୍ଲକ ବିଜେପି ନେତା ସୁବାଷ ଜେନା, ଅଶୋକ ମହାରଣା, ନିର୍ମଳ ମହାପାତ୍ର, ସୁକାନ୍ତ କୁମାର ସ୍ୱାଇଁ, ପ୍ରଭଞ୍ଜନ ମଲ୍ଲିକ, ବ୍ଲକ ସଭାପତି ଶିବ ପ୍ରସାଦ ଦାସଙ୍କ ସମେତ ୧୦୦୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ ଯୋଗ ଦେଇଥିଲେ ।

# ବଙ୍ଗୋମୁଣ୍ଡା ବ୍ଲକ ବେଲପଡା ଗାଁରେ ଚବିଶ ପ୍ରହରୀ ନାମଯଜ୍ଞ



**ବଲାଙ୍ଗୀର :** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ବେଲପଡା ଗ୍ରାମରେ ଅନୁଷ୍ଠିତ ହୋଇଛି ଶ୍ରୀଶ୍ରୀ ଚବିଶ ପ୍ରହରୀ ନାମଯଜ୍ଞ । ଗାଁରେ ଗୋଟିଏ ପ୍ରକାର ଭକ୍ତିମୟ ପରିବେଶ ହୋଇ ରାମ ନାମ ରେ ପ୍ରକମ୍ପିତ ହେଉଛି ପୁରା ଅଞ୍ଚଳ । ଗତ ୨୦ ତାରିଖ ଦିନ ଠାରୁ ଆରମ୍ଭ ହୋଇ ୨୪ ତାରିଖ ଦିନ ପୂର୍ଣ୍ଣାହୂତୀ ହୋଇଯାଇଛି ଗତ ୨୦ ତାରିଖ ଦିନ ବେଲପଡା ଶିବ ମନ୍ଦିର ଠାରୁ ୧୦୮ କଳସ ଯାତ୍ରାରେ ଶୋଭାଯାତ୍ରାରେ ବାହାରି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ । ଏହି ନାମଯଜ୍ଞରେ କର୍ତ୍ତା ଭାବେ ଭରତ ପୁଟେଲ ଓ ତାଙ୍କ ସହଧର୍ମିଣୀ ଚନ୍ଦ୍ରକାନ୍ତି ପୁଟେଲ ଦାୟିତ୍ୱ ନେଇଥିବା ବେଳେ ପୂଜକ ଭାବେ ଦଣ୍ଡପାଣି ମିଶ୍ର ଓ ସାଥି ମାନେ ଦାୟିତ୍ୱ ନିର୍ବାହ କରିଥିଲେ । ଏଥିରେ ଆୟୋଜକ କମିଟିର ସଭାପତି ଦେବରାଜ ପୋଡ, ସମ୍ପାଦକ ରଞ୍ଜିତ ମେହେର, କମ୍ବୁପାଣି ପୋଡ, ରାମଲାଲ ପୁଟେଲ, ଗଜମନ ପୁଟେଲ, କୋଷାଧ୍ୟକ୍ଷ ରୁପେଶ ମେହେର, ନିରାକାର ମେହେର, ବିଭିଷଣ ବାଗ, ବିପିନ ବିହାରୀ ପୋଡ, ବୈଶାଖୁ ବଘେଲ, କିଶୋର କୁମାର ବଘେଲଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ । ଏହି ନାମଯଜ୍ଞରେ ବଲାଙ୍ଗିର ଜିଲ୍ଲା ସମେତ ନୂଆପଡା ଓ କଳାହାଣ୍ଡି ଜିଲ୍ଲା ସହିତ ବିଭିନ୍ନ ମହିଳା ଦଳ ମଧ ଯୋଗ ଦାନ କରିଛନ୍ତି । ବେଲପଡା (ତଳପଡା), ବେଲପଡା (ଉପରପଡା), କଟିଙ୍ଗପଦର, ସାଲେପାଲି, ସୁନାମାଲ, ମୁଙ୍ଗୁନାପଦର (କୋକସରା), ପିପଲଗୁଡା ( ଜୟପାଟଣା), ବଡଗମଡା ଉପରପଡା, କୁଶମାଲ, ଛୁରିଆଗଡ, ପଦ୍ମପୁର ପ୍ରମୁଖ ସଂକୀର୍ତ୍ତନ୍ୟ ଦଳ ଅଂଶ ଗ୍ରହଣ କରି ପ୍ରଭୂ ନାମ ଗାନ କରୁଛନ୍ତି । ଏହି ଅବସରରେ ଗ୍ରାମର କିଛି ସ୍ୱେଚ୍ଛାସେବୀ ଗୁପ୍‌ଚୁପ୍ ଓ ପାଣି ବଣ୍ଟନ କରାଯାଇଥିବା ଦେଖିବାକୁ ମିଳିଛି । ଏଥିରେ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତ ମାନଙ୍କ ପ୍ରବଳ ଭିଡ ହୋଇଥିବା ଦେଖିବାକୁ ମିଳିଛି । ଏଥିରେ ବେଲପଡା ଗ୍ରାମବାସୀ ପୂର୍ଣ୍ଣ ମାତ୍ରାରେ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନବୀନ ...

କରିନାହାନ୍ତି ବରଂ ଜମି ହଡପ କରିବା ଭଳି ଚକ୍ରାନ୍ତ କରିଛନ୍ତି । ଏପରି ସରକାରଙ୍କ କାର୍ଯ୍ୟକଳାପକୁ ଘୋର ନିନ୍ଦା କରିବା ସହିତ ଓଡ଼ିଶାବାସୀଙ୍କ ପାଖରେ ବିଜେପି, ଆଦିବାସୀ ଓ ବିକାଶ ବିରୋଧୀ ସରକାରକୁ ଚଳିତ ନିର୍ବାଚନରେ ଭୋଟ ନଦେଇ ଉଚିତ ଜବାବ ଦେବାକୁ ନିବେଦନ କରୁଛି । ଟ୍ରାଇବାଲ ଆଡଭାଇଜରି କମିଟିର ଚେୟାରମ୍ୟାନ ହେଉଛନ୍ତି ମୁଖ୍ୟମନ୍ତ୍ରୀ । ପ୍ରତିବର୍ଷରେ ୨ଥର କମିଟି ବସିବା କଥା କିନ୍ତୁ ନବୀନ ବାବୁ ୨୫ବର୍ଷ ଶାସନ କାଳରେ ମାତ୍ର ୨ଥର କମିଟିର ମିଟିଂ କରିଛନ୍ତି । ଏଥିରୁ ସ୍ପଷ୍ଟ ଯେ, ରାଜ୍ୟ ସରକାର ଜନଜାତିଙ୍କ ପ୍ରତି କେତେ ଦରଦ? ଏସିଏସ୍‌ଟି ଫାଇନାସ୍ କର୍ପୋରେସନରୁ ଅଳ୍ପ ସୁଧରେ ଟଙ୍କା ନେଇ ଆଦିବାସୀମମାନେ ଲାଭାନ୍ୱିତ ହେବା କଥା । କିନ୍ତୁ ପରିତାପର ବିଷୟ ଯେ, ଏହି ବ୍ୟବସ୍ଥାକୁ ନବୀନ ବାବୁ ବନ୍ଦ କରି ଦେଇଛନ୍ତି । ସେହିଭଳି ଟ୍ରାଇବାଲ ଡେଭଲପମେଣ୍ଟ କର୍ପୋରେଟିଭ୍ କର୍ପୋରେସନ (ଟିଡିସିସି) ମହୁଲ, ଚାର, ଶାଳମଞ୍ଜି ସଂଗ୍ରହ କରିବା କଥା, ତାହା କିନ୍ତୁ କାର୍ଯ୍ୟକାରୀ ହେଉନାହିଁ । ପ୍ରତି ପଞ୍ଚାୟତରେ ଏକଲବ୍ୟ ମଡେଲ ସ୍କୁଲ କରିବା ପାଇଁ ମୋଦି ସରକାର ପ୍ରତ୍ୟେକ ପଞ୍ଚାୟତ ସମିତି ପାଇଁ ୨୫କୋଟି ଟଙ୍କା ଦେଇଛନ୍ତି । ଦୁର୍ଭାଗ୍ୟର ବିଷୟ ରାଜ୍ୟ ସରକାର ଏଥିପାଇଁ ଜମି ଦେଇପାରୁ ନାହାନ୍ତି । ଡିଏଲଆର ଓ ଏମଏଲଆର ବିଭିନ୍ନ ଜାଗାରେ ସ୍ଥାୟୀ ହୋଇଛି କିନ୍ତୁ ଏସ୍‌ଟି କୋଟା ପୂରଣ କରିନାହାନ୍ତି । ଏସ୍‌ଟି ଓ ଏସ୍‌ସି କୋଟାକୁ ପୂରଣ କରିବା ପାଇଁ ବ୍ୟବସ୍ଥା କରିବା କଥା, ତାହା ମଧ ରାଜ୍ୟ ସରକାର କରିନାହାନ୍ତି ବୋଲି ଜୁଏଲ ଓରାମ କହିଛନ୍ତି । ମୋଦି ସରକାର ଏସ୍‌ସି, ଏସ୍‌ଟି ମାନଙ୍କ ଷ୍ଟାଇପେଣ୍ଡ ମଧ ବଢ଼ାଇଛନ୍ତି, ସର୍ବାଧିକ ସ୍ଥାନରେ ଓଡ଼ିଶାର ଆଦିବାସୀମାନଙ୍କୁ ଉଚ୍ଚ ପଦପଦବୀରେ ରଖିଛନ୍ତି । ଆଦିବାସୀ ଭାଷାର ଶିକ୍ଷାଦାନ କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟାରେ ଓଡ଼ିଶାର କୁଇ, ଦେଶିଆ, ଗଡବା, ଜୁଆଙ୍ଗ, କିସାନ, ସାନ୍ତାଳୀ ଓ ସଉରୀ ଭାଷାରେ ବର୍ଣ୍ଣବୋଧ ତିଆରି କରି ଶିକ୍ଷାଦାନ କରାଯାଉଛି । ଭାଷାରେ ଶିକ୍ଷାଦାନ ପାଇଁ ଶିକ୍ଷକ ଓ ଛାତ୍ରମାନଙ୍କ ପାଇଁ ପାଠ୍ୟ ସାମଗ୍ରୀ ବିକଶିତ କରାଯାଇଛି । ସେହିପରି ଓଡିଶାର ଆଦିବାସୀମାନଙ୍କୁ ରାଜ୍ୟ ସରକାର ଲଘୁ ବନଜାତ ଦ୍ରବ୍ୟର ଉଚିତ ମୂଲ୍ୟ ଦେଉନାହାନ୍ତି । କିନ୍ତୁ ମୋଦି ସହାୟତା ମୂଲ୍ୟ ୫୦କୋଟି ଟଙ୍କା ଦେଇଛନ୍ତି, ୮କୋଟିରୁ ଅଧିକ ଟଙ୍କା ଅନୁଦାନ ମଧ ଦିଆଯାଇଛି । ଅତ୍ୟନ୍ତ ପରିତାପର ବିଷୟ କେନ୍ଦ୍ର ସରକାର ଆଦିବାସୀଙ୍କ ବିକାଶ ପାଇଁ ବହୁ ଯୋଜନା ଓ ଆର୍ଥିକ ଅନୁଦାନ ଦେଉଥିବାବେଳେ ରାଜ୍ୟ ସରକାର ଏହାକୁ ଲୁଟ୍ କରୁଛି ବୋଲି ଶ୍ରୀ ଓରାମ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ତଥା ପୂର୍ବତନ ସାଂସଦ ଶ୍ରୀ ବଳଭଦ୍ର ମାଝୀ, ବିଧାୟକ ଭବାନୀ ଭୋଇ, ବିଧାୟିକା କୁସୁମ ଟେଟେ, ରାଜ୍ୟ ସାଧାରଣ ସଂପାଦିକା ପୂର୍ଣ୍ଣିମା କେରକେଟା ପ୍ରମୁଖ ଉପସ୍ଥିତ ଥିଲେ ।

### ରିମୋଟ୍‌ରେ ...

ତାମିଲବାବୁଙ୍କୁ ଓଡ଼ିଶାରୁ ହଟାଇବାକୁ ହେଲେ ବିଜେପିକୁ ଓଡ଼ିଶାବାସୀ ବହୁମାତ୍ରାରେ ନିଜର ମତଦିଅନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ କହିଛନ୍ତି । ବିଜେପି ସରକାର ଆସିଲେ ସୁଭଦ୍ରା ଯୋଜନାରେ ଓଡ଼ିଶାରେ ପ୍ରତି ମହିଳାଙ୍କୁ ୫୦ହଜାର ଟଙ୍କାର ଭାଉଚର୍ ଦିଆଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ଗରିବ ଲୋକଙ୍କୁ ଘର ଦେଉଛନ୍ତି, ଚାଉଳ ଦେଉଛନ୍ତି, ଲକ୍ଷେ ୬୦ହଜାର ଘରକୁ ପାଣି ଯୋଗାଇଛନ୍ତି । ଏହାଛଡା କିଷାନସମ୍ମାନ ନିଧି ବାବଦରେ ପ୍ରତି କୃଷକଙ୍କ ଖାତାକୁ ସିଧାସଳଖ ୬ହଜାର ଟଙ୍କା ପଠାଉଛନ୍ତି । ଏଣୁ ବିଜେପିକୁ ଭୋଟ ଦେଇ ବିଜୟୀ କରିବାକୁ ଶ୍ରୀମତୀ ଇରାନୀ ଓଡ଼ିଶାବାସୀଙ୍କୁ ଅନୁରୋଧ କରିଛନ୍ତି । ଓଡ଼ିଶାର ବିକାଶକୁ ଶିଖର ସ୍ତରରେ ପହଂଚାଇ ଦେଶର ଅନ୍ୟତମ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ବିଜେପି ସଂକଳ୍ପବଦ୍ଧ । ମୋଦି ଗ୍ୟାରେଂଟି ଆସିବ, ଓଡ଼ିଶାର ବିକାଶ ଦ୍ୱିଗୁଣିତ ହେବ ବୋଲି ଶ୍ରୀମତୀ ଇରାନୀ ଦୃଢ଼ତାର ସହ କହିଛନ୍ତି ।

### ୨୯ରେ ବାରିପଦା ...

ଚଳଚଞ୍ଚଳ ହୋଇଉଠିଥିବା ବେଳେ ବିଜେପି ଶିବିରରେ ମଧ ଖୁସିର ମାହଲ ଦେଖିବାକୁ ମିଳିଛି । ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପାଇଁ ଦଳ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ମଧ ଆରମ୍ଭ ହୋଇଯାଇଛି । ଏନେଇ ଆଜି ଓଡ଼ିଶାର ୩ ଟି ସଂସଦୀୟ କ୍ଷେତ୍ର ଦାୟିତ୍ୱରେ ଥିବା ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାଓତ୍ ଏବଂ ଓଡ଼ିଶା ବିଜେପିର ନିର୍ବାଚନ ସହ-ପ୍ରଭାରୀ ଲତା ଉସେଣ୍ଡି ଛଉପଡ଼ିଆ ଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଜିଲ୍ଲା ପ୍ରଶାସନ ଓ ପୋଲିସ ଏସ.ପି ଏସ.ସୁଶ୍ରୀଙ୍କ ସହିତ ବିଶେଷ ଆଲୋଚନା କରିଥିଲେ ।

### 'ନିର୍ବାଚନ ...

ଭୋଟର ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଆଗାମୀ ଜୁନ୍ ୧ ତାରିଖରେ ହେବାକୁ ଥିବା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ବିଜେପି ସର୍ବାଧିକ ଆସନ ଲାଭ କରିବ ବୋଲି ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ଗତ ୨ଦିନ ତଳେ ଡିଜି ପୋଲିସ ଓ ଶାସନ ସଚିବଙ୍କୁ ମୁଁ ଏକ ଚିଠି ଲେଖିଥିଲି କିନ୍ତୁ ଏଯାଏଁ କୌଣସି ଉତର ଆସିନାହିଁ । ବିଜେଡିର ମୁଖିଆ ତଥା ମୁଖ୍ୟମନ୍ତ୍ରୀ "ଫିଟ୍ ଆଣ୍ଡ୍ ଫାଇନ" ଅଛନ୍ତି ବୋଲି ଗଣମାଧ୍ୟମରେ ପ୍ରକାଶ କରିଛନ୍ତି । ମୁଁ କୌଣସି ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପ୍ରଶ୍ନ କରିନଥିଲି । ମୁଁ କହିଥିଲି ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣେ ଅଣଓଡ଼ିଆ ଗୁମାସ୍ତାଙ୍କ କବଳରେ ବନ୍ଧକ ଅଛନ୍ତି । ତାଙ୍କୁ ପୋଲିସ ଓ ମୁଖ୍ୟ ଶାସନ ସଚିବ ମୁକ୍ତ କରନ୍ତୁ । ସେହିପରି ଗଣମାଧ୍ୟମ ପ୍ରତିନିଧି ଏବଂ ଅବସରପ୍ରାପ୍ତ ବିଚାରପତିଙ୍କ ସହ ପୋଲିସ ଡିଜି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଆନ୍ତୁ, ବାର୍ତାଳାପ କରି ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରନ୍ତୁ । ମୁଖ୍ୟମନ୍ତ୍ରୀ କହୁଛନ୍ତି ସେ କୁଆଡେ ନିର୍ବାଚନ ପଚାର କରୁଛନ୍ତି, ତାହାଲେ ତାଙ୍କ ପଛ ପାଖରେ କିଏ ଅଛନ୍ତି ? ପାଣ୍ଡିଆନ ଯାହା କହୁଛନ୍ତି ତାହା ମୁଖ୍ୟମନ୍ତ୍ରୀ କହୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସମ୍ପର୍କରେ ଆମେ କିଛି ମତ ଦେଉନାହୁଁ ବରଂ ବିଜେଡି ସୋସିଆଲ ମିଡିଆର ଭିଡିଓରୁ ଆମେ ସ୍ପଷ୍ଟ ଦେଖୁଛୁ ଯାହା ତାହା ପ୍ରକାଶ କରୁଛୁ । ଡିଜି ପୋଲିସଙ୍କୁ ଅନୁରୋଧ କରୁଛି ସେ ରାଜ୍ୟର କୌଣସି ବିଚାରପତି, ଗଣମାନ୍ୟ ବ୍ୟକ୍ତି ତଥା ଗଣମାଧ୍ୟମ ପ୍ରତିନିଧି ସହିତ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଆନ୍ତୁ ଓ କଥାବାର୍ତା କରନ୍ତୁ । ମୁଖ୍ୟମନ୍ତ୍ରୀଙ୍କ ବନ୍ଧକ ରହିବା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକଙ୍କ ପଦକ୍ଷେପ ରାଜ୍ୟବାସୀ ଜାଣିବାକୁ ଉତ୍କଣ୍ଠାର ସହ ଅନେକ ବସିଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦିକା କସ୍ତୁରୀ ମିଶ୍ର, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ଆସ୍କା ସାଂସଦ ପ୍ରାର୍ଥୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ଭୋଟରଙ୍କୁ ...

ମେସିନ୍‌ରେ ତ୍ରୁଟି ଦେଖାଯାଇଥିବାରୁ ତୁରନ୍ତ ତାହା ବଦଳା ଯାଇଥିଲା ଏବଂ ମତଦାନ ସ୍ୱାଭାବିକ ଭାବେ ଚାଲିଥିଲା । ଉକ୍ତ ବୁଥ୍‌ରେ ଭୋଟରମାନେ ଧୈର୍ଯ୍ୟର ସହ ଅପେକ୍ଷା କରିଥିବାରୁ ମୁଖ୍ୟ ନିର୍ବାଚନ ଅଧିକାରୀ ଭୋଟରମାନଙ୍କୁ ସାଧୁବାଦ ଜଣାଇଛନ୍ତି । ଭୋଟରମାନଙ୍କୁ ମତଦାନ ପ୍ରତି ଆକର୍ଷିତ କରିବା ପାଇଁ ଆଦର୍ଶ ମତଦାନ କେନ୍ଦ୍ରରେ ଗଣତନ୍ତ୍ରର ମହାପର୍ବର ଖୁବ୍ ସୁନ୍ଦର ଚିତ୍ର ଦେଖିବାକୁ ମିଳିଥିଲା । ଯୁବ କର୍ମଚାରୀ ପରିଚାଳିତ ବୁଥ୍, ମହିଳା କର୍ମଚାରୀ ପରିଚାଳିତ ବୁଥ୍, ଭିନ୍ନକ୍ଷମ କର୍ମଚାରୀ ପରିଚାଳିତ ବୁଥ୍ ଆଦି ସ୍ଥାପନ କରାଯାଇ ଭୋଟରମାନଙ୍କୁ ସ୍ୱାଗତ କରାଯାଇଥିଲା । ଅନେକ ବୁଥ୍‌ରେ ସ୍ଥାନୀୟ ଚିତ୍ରକଳା, ଜନଜାତି ଥିମ୍ ଦେଖିବାକୁ ମିଳିଥିଲା । ସମସ୍ତ ବୁଥ୍‌ରେ ମତଦାତାମାନଙ୍କୁ ମତଦାନର ସୁଖଦ ଅନୁଭୂତି ଦିଆଯିବା ପାଇଁ ପୋଲିଂ କର୍ମଚାରୀ ପ୍ରୟାସ କରିଥିଲେ । ସମସ୍ତ ବୁଥ୍‌ରେ ପାନୀୟ ଜଳ, ଛାଇ, ସେଲ୍ଫି ଷ୍ଟାଣ୍ଡ ଆଦିର ବ୍ୟବସ୍ଥା କରାଯାଇଥିଲା । ପ୍ରତି ବୁଥ୍‌ରେ ଭୋଟର ସହାୟତା କେନ୍ଦ୍ର ଖୋଲାଯାଇଥିଲା । ହ୍ୱିଲ୍ ଚେୟାର ମାଧ୍ୟମରେ ଭିନ୍ନକ୍ଷମ ଓ ବରିଷ୍ଠ ଭୋଟରମାନଙ୍କୁ ସ୍ୱେଚ୍ଛାସେବୀମାନେ ମତଦାନରେ ସାହାଯ୍ୟ କରିଥିଲେ । ସେମାନଙ୍କୁ ଘରୁ ମତଦାନ କେନ୍ଦ୍ର ଆସିବା ଓ ଯିବା ପାଇଁ ମାଗଣାରେ ଯାନ ବ୍ୟବସ୍ଥା କରାଯାଇଥିଲା । ସମସ୍ତ ମତଦାନ କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା ପ୍ରତି ବିଶେଷ ଧ୍ୟାନ ରଖାଯାଇଥିଲା । ୱେବ୍‌କାଷ୍ଟିଂ ଜରିଆରେ ନିର୍ଦ୍ଦିଷ୍ଟ ବୁଥ୍ ଗୁଡ଼ିକ ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଓ ରିଟର୍ଣ୍ଣିଂ ଅଫିସରମାନଙ୍କ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଥିଲା । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ମଧ ୱେବ୍‌କାଷ୍ଟିଂ ଜରିଆରେ ବିଭିନ୍ନ ବୁଥ୍‌ରେ ଚାଲିଥିବା ମତଦାନ ପ୍ରକ୍ରିୟାକୁ ଦେଖିଥିଲେ ।

### ପ୍ରଜାତନ୍ତ୍ରରେ ...

ସାବ୍ୟସ୍ତ କରିବା ପାଇଁ ଲୋକଙ୍କ ମଧ୍ୟରେ ବହୁତ ଉତ୍ସାହ ରହିଛି । ସମସ୍ତେ ଭୋଟ୍ ଦେବା ସହ ଆମର ଗଣତନ୍ତ୍ରକୁ ଆହୁରି ସଶକ୍ତ କରନ୍ତୁ । ମହିଳା ଓ ଯୁବ ଭୋଟରଙ୍କୁ ଅଧିକ ସଂଖ୍ୟାରେ ଭୋଟ୍ ଦେବାକୁ ସେ ନିବେଦନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ, ଲୋକମାନେ ଆଜି ପରିବର୍ତ୍ତନ ମୁହାଁ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯାହା ନିବେଦନ କରିଛନ୍ତି, ଓଡ଼ିଶାବାସୀ ତାଙ୍କ ଉପରେ ଆଶୀର୍ବାଦ କରିବେ । ଦେଶରେ ମୋଦୀଙ୍କ ନେତୃତ୍ୱରେ ତୃତୀୟ ଥର ବିଜେପିର ସରକାର ହେବ । ଓଡ଼ିଶାର ୨୧ଟି ଲୋକସଭାରୁ ୨୧ ଲୋକସଭା ବିଜେପି ଜିତିବ । ଓଡ଼ିଶାରେ ମଧ ବିଜେପି ବହୁମତ ହାସଲ ନୂଆ ସରକାର ଗଠନ କରିବ । ମୋଦୀ ସରକାରରେ ଗରିବ, ଯୁବକ, ମହିଳା, କୃଷକ, ବଞ୍ଚିତ ବର୍ଗର ଲୋକମାନଙ୍କ କଲ୍ୟାଣ ହେବ । ଏହା ପୂର୍ବରୁ ଶ୍ରୀ ପ୍ରଧାନ ସମ୍ବଲପୁରରେ ଅଧିଷ୍ଠାତ୍ରୀ ଦେବୀ ମାଆ ସମଲେଶ୍ୱରୀ ମନ୍ଦିରରେ ପ୍ରଥମେ ଦର୍ଶନ କରିଥିଲେ । ପରେ ସମ୍ବଲପୁର ସଂସଦୀୟ କ୍ଷେତ୍ରର ବିଭିନ୍ନ ନିର୍ବାଚନମଣ୍ଡଳୀରେ ବୁଥରୁ ବୁଥ ବୁଲି ଜନସାଧାରଣ ଓ କାର୍ଯ୍ୟକର୍ତ୍ତାଙ୍କୁ ଭେଟିଥିଲେ । ସମ୍ବଲପୁର ଲୋକସଭା ଓ ବିଧାନସଭା ଆସନ ଗୁଡ଼ିକରେ ବିଜେପି ପ୍ରାର୍ଥୀ ବିଜୟୀ ହେବା ନେଇ ଶ୍ରୀ ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

### ମଇଦାନରେ ...

ବିଜେଡିରେ ଏବେ କଣ କେହି ନେତା ନାହାନ୍ତି କି ? ଯଦି ଅଛନ୍ତି ତାହାଲେ ସେମାନେ ଏବେ କେଉଁଠି ? ଚାକିରି କରିଥିବା ବେଳେ ତ ଦଳୀୟ କଥାରେ ମୁଣ୍ଡ ପୂରାଉଥିଲେ ସେଥିରେ କୌଣସି ସନ୍ଦେହ ନଥିଲା, ହେଲେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ଦଳକୁ ପୂରା କବଜା କରି ରଖିଛନ୍ତି । ଖାଲି କବଜା କରିଛନ୍ତି ତାହା ନୁହେଁ ବରଂ ଶାସନ ବ୍ୟବସ୍ଥାକୁ ହାଇଜାକ କରିବାକୁ ଚେଷ୍ଟା ବି କରିଛନ୍ତି । ପ୍ରତି ମୁହୂର୍ତ୍ତରେ ଓଡ଼ିଆଙ୍କୁ ଅସମ୍ମାନିତ କରିବାକୁ ଚେଷ୍ଟା ବି କରିଛନ୍ତି । ଏ ସବୁ ଦେଖିବା ପରେ ପ୍ରାଞ୍ଜଳ ଭାବରେ ଆପଣ ବି ବୁଝିପାରିବେ ସବୁ କ୍ରେଡିଟ ନେବାକୁ ସେ କେତେ ଆଗଭର । ପୂର୍ବରୁ ବି ବବି ଓ ପ୍ରତାପ ଦେବଙ୍କ ପରି ଦଳର ଆଗଧାଡ଼ିର ନେତାଙ୍କୁ ଟ୍ରାଫିକ ଜଗିବା ଓ ତମ୍ବୁ ଟାଣିବା କାମରେ ଲଗାଇଥିଲେ । ଏବେ ନିର୍ବାଚନ ଫଳାଫଳ ବାହାରିବା ପରେ ଦଳର ସବୁ ନେତାଙ୍କୁ କନେଷ୍ଟବଳ ପରି ବ୍ୟବହାର କରିବାକୁ ବୋଧହୁଏ ସ୍ୱପ୍ନ ଦେଖୁଛନ୍ତି ପାଣ୍ଡିଆନ । ତେବେ ସମୟ କହିବ କେଉଁ ପାଣି କୁଆଡ଼େ ଯାଉଛି ।

### ସନ୍ଦେହ ...

ନିର୍ଦ୍ଦେଶ ସତ୍ତ୍ୱେ ରାଜ୍ୟ ସରକାର କାହିଁକି ରତ୍ନଭଣ୍ଡାର ଖୋଲୁନାହାନ୍ତି, ତାହା ଏବେ ବିରାଟ ପ୍ରଶ୍ନବାଚୀ ପାଲଟିଛି । ରାଜ୍ୟ ସରକାର ରତ୍ନଭଣ୍ଡାରକୁ ନେଇ ଢ଼ିଲା ଆଭିମୁଖ୍ୟ ବିରୋଧରେ ରାମମନ୍ଦିର ସମ୍ମୁଖରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକଙ୍କ ନେତୃତ୍ୱରେ ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଶ୍ରୀ ମଲ୍ଲିକ କହିଛନ୍ତି ଯେ, ରତ୍ନଭଣ୍ଡାର କେବଳ ଶ୍ରୀମନ୍ଦିରର ସମ୍ପତି ନୁହେଁ, ତାହା ଅତୀତ ଓଡ଼ିଶାର ଗୌରବଶାଳୀ ଇତିହାସ ଓ ବୀରତ୍ୱର ପ୍ରତୀକ । ଓଡ଼ିଆ ଅସ୍ମିତାକୁ ନଷ୍ଟ କରିବା ପାଇଁ ଷଡଯନ୍ତ୍ର କରୁଛି ବିଜେଡି । ସେଥିପାଇଁ ଲୁଚାଇ ରଖିଛନ୍ତି ରତ୍ନଭଣ୍ଡାର ଚାବି । କୁଆଡେ ଗଲା ରତ୍ନଭଣ୍ଡାରର ଚାବି ତାହା ଓଡ଼ିଶାରେ ଅଛି ନା ତାହା ତାମିଲନାଡୁକୁ ଚାଲିଯାଇଛି ? ରତ୍ନଚୋରୀରେ କିଏ ଅଛନ୍ତି ସାମିଲ ? କେଉଁ କଳାପାହାଡକୁ ଘଣ୍ଟ ଘୋଡାଉଛି ବିଜେଡି । ରତ୍ନଭଣ୍ଡାରର ଲୁଟ୍ ଓ ଚାବି ହଜିବା ପଛରେ ବିଜେଡିର ଆମଦାନି ନେତାଙ୍କ ସମ୍ପୃକ୍ତି ନାହିଁ ତ ? ଏମିତି ଅନେକ ପ୍ରଶ୍ନ ଜଗନ୍ନାଥପ୍ରେମୀଙ୍କ ମନରେ ଉଙ୍କି ମାରୁଛି । ରତ୍ନଭଣ୍ଡାର ଚାବି ଏବଂ ରତ୍ନଭଣ୍ଡାରର ରତ୍ନ ସୁରକ୍ଷିତ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ସାଧାରଣରେ ସ୍ପଷ୍ଟ ମତ ରଖିବାକୁ ଶ୍ରୀ ମଲ୍ଲିକ ଦାବି କରିଛନ୍ତି । ଏହି ବିକ୍ଷୋଭରେ ରାଜ୍ୟ ସମ୍ପାଦକ କସ୍ତୁରୀ ମିଶ୍ର, ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ମନୋଜ ମହାପାତ୍ର, ଅନିଲ ବିଶ୍ୱାଳ, ଉର୍ମିଳା ମହାପାତ୍ର, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ, ବରିଷ୍ଠ ନେତ୍ରୀ ସଙ୍ଗୀତା ଦାସ, ପଦ୍ମଜା ଦେବତା, ରାଜ୍ୟ ପ୍ରବକ୍ତା ହିତେଶ ମହାପାତ୍ର, ରାଜେଶ୍ୱରୀ ପାଇକରାୟ, ତୃପ୍ତିମୟୀ ମକଦ୍ଦମ, ନନ୍ଦିନୀ ଶତପଥୀ, ପ୍ରେମଲତା କର, ସୁଚରିତା ଜେନାମଣି, ରଶ୍ମିରଞ୍ଜନ ବେହୁରା, ସୁଶାନ୍ତ ଜେନା, କେଶବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

### ବନ୍ଧୁଗାଁ ...


ଚାଉଳରେ ବଡ ଧରଣର ଘୋଟାଲା ଏବେ ସାମନାକୁ ଆସିଛି । ଏନେଇ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶିତ ହେବା ପରେ କିଛି ହିତାଧିକାରିଙ୍କୁ ତରବରିଆ ଚାଉଳ ବଣ୍ଟନ କରାଯାଇଥିବା ଶୁଣିବାକୁ ମିଳିଛି । ତଥାପି ଏଯାଏଁ ୭୦ ପ୍ରତିଶତ ଲୋକେ ପାଇ ନଥିବା ଜଣାପଡ଼ିଛି । ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇନଥିବାରୁ ବ୍ଲକ୍ ପ୍ରଶାସନର କାର୍ଯ୍ୟକାରିତା ଉପରେ ଏବେ ଆଙ୍ଗୁଳି ନିର୍ଦ୍ଦେଶ ହୋଇଛି । ଖବରଟି ଯେତେବେଳେ ଦାଣ୍ଡରେ ପଡ଼ି ହାଟରେ ଗଡିଲା ସେତେବେଳେ ଜିଲ୍ଲା ଯୋଗାଣ ବିଭାଗ ଆକ୍ସନ ମୁଡ୍‌କୁ ଆସିଛି । ଏନେଇ ଦୁଇଜଣ ବରିଷ୍ଠ ଅଧିକାରୀ ଉକ୍ତ ଅଞ୍ଚଳ ଯାଇ ଘର ଘର ବୁଲି ତଦନ୍ତ କରିବା ସହ ହିତାଧିକାରୀଙ୍କ ରାସନ୍ କାର୍ଡ ଯାଞ୍ଚ କରି ଫେରି ଯାଇଛନ୍ତି । ତଥାପି ଏହି ଘଟଣାରେ ଥିବା ପିଓ ସରକାରୀ ଦଳର ଜଣେ ବଡ ନେତ୍ରୀଙ୍କ ଭାଇ ହେଇଥିବାରୁ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ଚାଲିଛି । ଯାହାକୁ ନେଇ ଏବେ ଶ୍ରୀଯୁକ୍ତ କୁଲେସିକା ଓ ଶ୍ରୀଯୁକ୍ତ ସାଉନ୍ତା ଘଟଣାରେ ସମ୍ପୃକ୍ତ ଥିବା ଅଧିକାରୀ ମାନଙ୍କ ବିରୋଧରେ ଭିଜିଲାନ୍ସର ତଦନ୍ତ ଦାବି କରିଛନ୍ତି । ଏଥି ସହ ବନ୍ଧୁଗାଁ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଧ ଦୁର୍ନୀତି ହୋଇଥିବା ଶ୍ରୀଯୁକ୍ତ କୁଲେସିକା କହିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଏହାକୁ ଘୋର ବିରୋଧ କରାଯିବ ବୋଲି ସେ କହିଛନ୍ତି । ଅନ୍ୟପଟେ ଯୋଗାଣ ସହାୟକଙ୍କୁ ବହିଷ୍କାର କରାଯାଇଥିବା ବେଳେ ଯୋଗାଣ ଅଧିକାରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି ।

# ଚୈତ୍ର ଯାତ୍ରା ସମୟରେ ଗଣ୍ଡଗୋଳ; ଥାନାରେ ୩ ମାମଲା ରୁଜୁ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଧୀନ ଖଇରା ଗ୍ରାମରେ ଚୈତ୍ର ଯାତ୍ରା ଉପଲକ୍ଷେ ଆଦିବାସୀ ନାଟକ ହେଉଥିଲା । ରାତ୍ର ପ୍ରାୟ ୧ ଘ. ସମୟରେ ଗ୍ରାମର ମନ ମାଝି ଅତ୍ୟଧିକ ମଦ୍ୟପାନ କରି ନାଟକ ଚାଲିଥିବା ବେଳେ ନାଟଗୁରୁ ପାଖରୁ ମାଉଥ ଛଡାଇ ନେଇ ମଞ୍ଚ ଉପରେ ଶତାଧିକ ଦର୍ଶକଙ୍କ ଉପସ୍ଥିତିରେ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ ଆରମ୍ଭ କରିଥିଲା । ନାଟ ମଝିରେ ବାଧା ଦେଇ ମନ ମାଝି ମାଇକରେ ଗାଳି ଗୁଲଜ କରିବା ଦେଖି ଗ୍ରାମର ୱାର୍ଡ ସଭ୍ୟ ହର ଭତରା, ଗୋପବନ୍ଧୁ ଭତରା ମଞ୍ଚକୁ ଯାଇ ମନକୁ ବୁଝାଇଥିଲେ । ନ ବୁଝିବାରୁ ତାକୁ ମଞ୍ଚ ଉପରୁ ଟାଣି ବାହାରକୁ ଆଣିଥିଲେ । ତା ପରଦିନ ଦିନ ସକାଳେ ମନ ମାଝି ପୁନର୍ବାର ମଦ୍ୟପାନ କରି ଗାଁ ଦାଣ୍ଡରେ ଲିଙ୍ଗରାଜ ଭତରାଙ୍କ ପରିବାରକୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲା । ଉକ୍ତ ଘଟଣାକୁ ନେଇ ଗ୍ରାମରେ ବୈଠକ ଡକାଯାଇଥିଲେ ସୁଦ୍ଧା ମନ ମାଝି ଆସି ନଥିଲେ । ଏନେଇ ଲିଙ୍ଗରାଜ ଗୁରୁବାର ସନ୍ଧ୍ୟାରେ ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି । ଉକ୍ତ ଏତଲାକୁ ଭିତ୍ତି କରି ଥାନା କେସ ନଂ ୧୨୧/୨୪ରେ ଏକ ମାମଲା ରୁଜୁ କରାଯାଇଛି । ଏନେଇ ୨ୟ ପକ୍ଷ ମନ ମାଝି ପାଲଟା ଅଭିଯୋଗରେ ୨୧/୫/୨୪ ତାରିଖ ଦିନ ରାତ୍ରରେ ଚୈତ୍ର ଯାତ୍ରା ଉପଲକ୍ଷେ ଆଦିବାସୀ ନାଟକ ହେଉଥିଲା । ସେହି ସମୟରେ ନାଟକର ଆକ୍ଟରଙ୍କୁ ଖୁସିରେ କିଛି ଟଙ୍କା ପୁରସ୍କାର ଦେବାରୁ ଗ୍ରାମର ଲିଙ୍ଗରାଜ ଭତରା ନାମକ ଯୁବକ ମୋ ପାଖକୁ ଆସି ଗାଳି ଗୁଲଜ କରି ମାଡ ମାରି ଜୀବନରୁ ମାରି ଦେବାକୁ ଧମକ ଦେଲା । ପରେ ଗାଁ ଲୋକଙ୍କୁ ଜଣାଇ ସମାଧାନ ପାଇଁ ଚେଷ୍ଟା କଲି, କିନ୍ତୁ ସମାଧାନ ନହେବାରୁ ଲିଙ୍ଗରାଜ ଭତରା ନାମରେ ଏତଲା ଦେଇଛି । ଏନେଇ ଥାନା କେସ ନଂ ୧୨୨/୨୪ରେ ମାମଲା ରୁଜୁ ହୋଇଛି । ଏହା ସହ ୩ୟ ପକ୍ଷରେ ଗ୍ରାମର ତୁଳାରାମ ମାଝି ଅଭିଯୋଗ କରିଛନ୍ତି କି ଗ୍ରାମର ଲିଙ୍ଗରାଜ ଭତରା ଗ୍ରାମର ମନ ମାଝିକୁ ନାଟ ଷ୍ଟେଜକୁ ନେଇ ଗ୍ରାମର ରତନ ଭତରା, ତୁଳାରାମ ଭତରା, ଶୂକଦାସ ନାୟକ ଓ ଅନ୍ୟ ଲୋକଙ୍କୁ ଧରି ରାଜନୀତି କରୁଛ କହି ଶହ ଶହ ଲୋକଙ୍କ ସମ୍ମୁଖରେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ଅପମାନ କରିଥିଲା । ଏନେଇ ତୁଳାରାମ ମଧ ଗୁରୁବାର ସନ୍ଧ୍ୟାରେ ଲିଙ୍ଗରାଜ ଭତରାଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତିକରି ଥାନା କେସ ନଂ ୧୨୩/୨୪ରେ ଏକ ମାମଲା ରୁଜୁ କରାଯାଇଛି । ଉକ୍ତ ୩ ମାମଲାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ କହିଛନ୍ତି ।

# ବୁଦ୍ଧଙ୍କ ଜୀବନାଦର୍ଶ ଓ ବିଚାରଧାରାର ପୁନଃସ୍ମରଣ ଉପରେ ଆଲୋଚନା ଚକ୍ର



**କୋଣାର୍କ :** ପବିତ୍ର ବୁଦ୍ଧ ଜୟନ୍ତୀ ଅବସରରେ କୋଣାର୍କର ଜ୍ଞାନ ମଞ୍ଚ ଟ୍ରଷ୍ଟ ପକ୍ଷରୁ ଭଗବାନ ବୁଦ୍ଧଙ୍କ ଜୀବନାଦର୍ଶ ଓ ବିଚାରଧାରାର ପୁନଃସ୍ମରଣ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କୋଣାର୍କ ନିକଟସ୍ଥ ବୌଦ୍ଧ ପୀଠ କୁରୁମ ଠାରେ ଆୟୋଜିତ ୬୨ ତମ ବୁଦ୍ଧ ଜୟନ୍ତୀ ଉତ୍ସବରେ ଏହି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଶ୍ରୀ ସାହିତ୍ୟର ସମ୍ପାଦକ କୃଷ୍ଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଓଡିଶା ସରକାରଙ୍କ ସୂଚନା ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ, ପୁରୀର ଶ୍ରୀ ଜଗନ୍ନଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ଗବେଶଣା ନିର୍ଦ୍ଦେଶ ଡଃ ହରମୋହନ ମିଶ୍ର, ନିମାପଡା ସ୍ୱୟଂଚାଳିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ବାଲିପାଟଣାର ଶିଶୁ ଅନନ୍ତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କ୍ଷିରୋଦ ଚନ୍ଦ୍ର ରାୟମହାପାତ୍ର, ଜିନ୍ଦଲ ଷ୍ଟିଲ୍ ଓ ପାୱାର ଲିମିଟେଡର ପୂର୍ବତଟ ଜେନେରାଲ ମ୍ୟାନେଜର ଦିଲ୍ଲୀପ କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ଅଧ୍ୟାପିକା ବାସନ୍ତି ମହାନ୍ତି ପ୍ରମୁଖ ଯୋଗ ଦେଇ ଭଗବାନ ବୁଦ୍ଧଙ୍କ ଜୀବନାଦର୍ଶ ଓ ବିଚାରଧାରାର ପୁନଃସ୍ମରଣ ଉପରେ ଆଲୋକପାତ କରିଥିଲେ । ଏହି ଆଲୋଚନା ଚକ୍ରରେ କୁରୁମ, ଆଡୁଆଳ, ବାମରା, ପାଟଶାଣୀପୁର ଗ୍ରାମର ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବି ଓ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ । ଏହି ଅବସରରେ କୁରୁମ ବୌଦ୍ଧ ବିକାଶ ପରିଷଦ ପକ୍ଷରୁ ପ୍ରାଚୀ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କୁ ବୌଦ୍ଧ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଆଲୋଚନା ଚକ୍ର ଶେଷରେ କୋଣାର୍କର ଜ୍ଞାନ ମଞ୍ଚ ଟ୍ରଷ୍ଟର ଉପସଭପତି ହରିଶ୍ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଟ୍ରଷ୍ଟର ସମ୍ପାଦକ ସଞ୍ଜୟ ବରାଳ, କୁରୁମ ବେଦ୍ଧପୀଠ ବିକାଶ ପରିଷଦର ଉପଦେଷ୍ଟା ସୁଧିର ଚନ୍ଦ୍ର ଭୂୟାଁ ଓ ସମ୍ପାଦକ ମଙ୍ଗରାଜ ବିଶ୍ୱାଳ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ନିର୍ବାଚନରେ ସ୍ଲୋଗାନ ଯୁଦ୍ଧ



ପ୍ରେମାନନ୍ଦ ପାଣିଗ୍ରାହୀ

ଦେଶରେ ଏବେ ସାଧାରଣ ନିର୍ବାଚନ ସହିତ ଆନ୍ଧ୍ର ପ୍ରଦେଶ,ଓଡିଶା,ଅରୁଣାଚଳ ପ୍ରଦେଶ ଓ ସିକିମ ରାଜ୍ୟର ବିଧାନସଭା ନିର୍ବାଚନ ଜାରି ରହିଛି। ନିର୍ବାଚନ ବୈତରଣୀ ପାରି ହେବା ପାଇଁ ପ୍ରାର୍ଥୀମାନେ ଘରଘର ବୁଲି ପ୍ରଚାର, ନିର୍ବାଚନୀ ସଭା, ସେଲିବ୍ରିଟମାନଙ୍କ ଦ୍ୱାରା ରୋଡ୍ ସୋ ଆଦିକୁ ଆପଣାଇଥାନ୍ତି। ରାଜନୈତିକ ଦଳମାନେ ନିଜ ଦଳର ଇସ୍ତାହାରକୁ ମଧ୍ୟ ଘୋଷଣା କରିଥାନ୍ତି। ତେବେ ନିର୍ବାଚନ ସମୟରେ ରାଜନୈତିକ ଦଳମାନଙ୍କର ସ୍ଲୋଗାନ ମଧ୍ୟ



ବିଶେଷ ସହାୟକ ହୋଇଥାଏ।

ସ୍ୱାଧୀନ ଭାରତର ପ୍ରଥମ ଲୋକସଭା ନିର୍ବାଚନ ୧୯୫୨ ମସିହାରେ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ କୌଣସି ଦଳର ସେମିତି କିଛି ସ୍ଲୋଗାନ ନଥିଲା। ଲୋକଙ୍କ ପାଇଁ ନିର୍ବାଚନ ଥିଲା ଏକ ଉତ୍ସବ ପରି। ଦ୍ୱିତୀୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ୧୯୫୭ ମସିହାରେ। ସେତେବେଳେ ଶ୍ୟାମାପଦ ମୁଖାର୍ଜୀଙ୍କ ନେତୃତ୍ୱରେ ଭାଜପାର ମୂଳରୂପ ଭାରତୀୟ ଜନସଂଘ ପ୍ରତିଷ୍ଠା ହୋଇ ସାରିଥାଏ। କଂଗ୍ରେସ ପାଇଁ ଜବାହର ଲାଲ ନେହରୁ, ଭାରତୀୟ ଜନସଂଘ ପାଇଁ ଶ୍ୟାମାପଦ ମୁଖାର୍ଜୀ, କମ୍ୟୁନିଷ୍ଟ ପାର୍ଟି ପାଇଁ ଏ.କେ.ଗୋପାଳନ, ଜ୍ୟୋତି ବସୁ ପ୍ରମୁଖ ପ୍ରଚାରକ ଥିଲେ। ଏହି ନିର୍ବାଚନରେ ଜାମ୍ମୁ କାଶ୍ମୀର ଉପରେ ଶ୍ୟାମା ପ୍ରସାଦଙ୍କ ସ୍ଲୋଗାନ ଥିଲା -ଏକ ଦେଶ ମେଁ ଦୋ ବିଧାନ, ଦୋ ପ୍ରଧାନ ଔର ଦୋ ନିଶାନ ନେହିଁ ଚଲେଗା। ଅର୍ଥାତ୍ ଗୋଟିଏ ଦେଶରେ ଦୁଇଟି ସମ୍ବିଧାନ, ଦୁଇ ଜଣ ଶାସନ ମୁଖ୍ୟ ଓ ଦୁଇଟି ପତାକା ରହି ପାରିବନି। ଏହି ସ୍ଲୋଗାନ ସେତେ ପ୍ରଭାବ ପକାଇ ପାରିନଥିଲା। ନିର୍ବାଚନ ହୋଇଥିବା ୪୯୪ ଆସନ ମଧ୍ୟରୁ ୩୭୧ ଆସନରେ କଂଗ୍ରେସ ବିଜୟୀ ହୋଇ ଜବାହରଲାଲ ନେହେରୁ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୬୨ରେ ଅନୁଷ୍ଠିତ ହେଲା ତୃତୀୟ ଲୋକସଭା ନିର୍ବାଚନ। ସେତେବେଳକୁ କଂଗ୍ରେସ ବିରୋଧରେ ସମାଜବାଦୀ ଦଳର ଗୋଟିଏ ସ୍ଲୋଗାନ ଥିଲା-ଦୋ-ଆନା-ପନ୍ଦର ଆନା। ସେ ସମୟରେ ଟଙ୍କାଟିଏ ଥିଲା ଷୋଳ ଅଣା ପଇସା। ଦେଶରେ ଜଣେ ସାଧାରଣ ଲୋକର ଦିନକୁ ଖର୍ଚ୍ଚ ପନ୍ଦର ଅଣା। କିନ୍ତୁ ଏହି ସ୍ଲୋଗାନ ସରକାର ବଦଳାଇ ପାରିନଥିଲା। ଜବାହରଲାଲ ନେହେରୁ ତୃତୀୟ ଥର ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୬୪ରେ ଜବାହରଲାଲ ନେହେରୁଙ୍କ ମୃତ୍ୟୁ ପରେ ଲାଲ ବାହାଦୂର ଶାସ୍ତ୍ରୀ ୧୯୬୪ ରୁ ୧୯୬୬ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ୧୯୬୭ ମସିହାରେ ଲାଲ ବାହାଦୂର ଶାସ୍ତ୍ରୀଙ୍କ ମୃତ୍ୟୁ ପରେ ଚତୁର୍ଥ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେଲା। ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ କଂଗ୍ରେସର ମୁଖ୍ୟ ପ୍ରଚାରକ ଥିଲେ। ଶାସ୍ତ୍ରୀଜୀ ଦେଇଥିବା ସ୍ଲୋଗାନ ଜୟ ଜବାନ, ଜୟ କିଷାନକୁ କଂଗ୍ରେସର ଦୋହରାଇ ଥିଲା। ୧୯୭୧ରେ ଲୋକସଭା ନିର୍ବାଚନରେ ଇନ୍ଦିରା ଗାନ୍ଧୀ ଦେଲେ ତାଙ୍କର ପ୍ରସିଦ୍ଧ ସ୍ଲୋଗାନ - ଗରିବୀ ହଟାଓ। ସେ ବିରୋଧୀ ଦଳକୁ ଲକ୍ଷ୍ୟ କରି କହିଥିଲେ -ମେଁ କେହତି ହୁଁ, ଗରିବୀ ହଟାଓ, ୱେ କେହତେ ହେଁ ଇନ୍ଦିରା ହଟାଓ। ଇନ୍ଦିରାଙ୍କ ସ୍ଲୋଗାନ ଲୋକଙ୍କୁ ବେଶ୍ ପ୍ରଭାବିତ କରି



କଂଗ୍ରେସକୁ ବିପୁଳ ବିଜୟ ଆଣି ଦେଇଥିଲା ଏହି ନିର୍ବାଚନରେ। ଇନ୍ଦିରା ଗାନ୍ଧୀ ଜରୁରୀ କାଳିନ ପରିସ୍ଥିତି ଜାରି କରି ଏକଛତ୍ରବାଦୀ ଶାସନ କରିବାରୁ ଏହା ବିରୋଧରେ ଜୟ ପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ବ୍ୟାପକ ଆନ୍ଦୋଳନ ଚାଲିଲା। ୧୯୭୭ ନିର୍ବାଚନରେ ଜୟ ପ୍ରକାଶ ନାରାୟଣ ଇନ୍ଦିରା ହଟାଓ, ଦେଶ୍ ବଚାଓ ସ୍ଲୋଗାନ ଦେଇ ବିପୁଳ ବିଜୟ ହାସଲ କରିଥିଲେ। ୧୯୭୯ରେ ଜନତା ପାର୍ଟି ସରକାରର ପତନ ହେଲା। ଲୋକସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେଲା ୧୯୮୦ରେ। ଦେଶରେ ସ୍ଥିର ଶାସନ କେବଳ ଇନ୍ଦିରା ଗାନ୍ଧୀ ଦେଇ ପାରିବେ ଏହି ବାର୍ତ୍ତା କଂଗ୍ରେସ୍ ପକ୍ଷରୁ ସ୍ଲୋଗାରେ ଦିଆଗଲା- ଇନ୍ଦିରା ଲାଓ, ଦେଶ ବଚାଓ। ୧୯୮୪ ମସିହା ଅକ୍ଟୋବର ୩୧ ତାରିଖରେ ଅଙ୍ଗ ରକ୍ଷୀଙ୍କ ଗୁଳିରେ ନିହତ ହେଲେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ। ପରବର୍ତ୍ତୀ ଲୋକସଭା ନିର୍ବାଚନରେ ସହାନୁଭୂତି ହାସଲ ପାଇଁ କଂଗ୍ରେସ ପକ୍ଷରୁ ସ୍ଲୋଗାନ ଦିଆଗଲା- ଜବ୍ ତକ୍ ସୂରଜ୍ ଚାନ୍ଦ୍ ରହେଗା, ଇନ୍ଦିରା ତେରି ନାମ୍ ରହେଗା।

୧୯୮୯ରେ ଲୋକସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେତେବେଳକୁ ବୋଫର୍ସ ଦୁର୍ନୀତି ପ୍ରସଙ୍ଗକୁ ନେଇ ବିଶ୍ୱନାଥ ପ୍ରତାପ ସିଂହ ଲୋକଙ୍କ ପ୍ରିୟ ହୋଇଯାଇଥାନ୍ତି। ତେଣୁ ଜନତା ଦଳ ପକ୍ଷରୁ ସ୍ଲୋଗାନ ଦିଆଗଲା- ଗଲି ଗଲି ମେଁ ସୋର୍ ହୈ..। ଏହି ନିର୍ବାଚନରେ କଂଗ୍ରେସର ପରାଜୟ ହେଲା। ଭି.ପି.ସିଂହ ପ୍ରଧାନମନ୍ତ୍ରୀ ହେଲେ। ଲାଲକୃଷ୍ଣ ଆଡଭାନୀଙ୍କୁ ଗିରଫ ପ୍ରତିବାଦରେ ସରକାରରୁ ବି.ଜେ.ପି ସମର୍ଥନ ପ୍ରତ୍ୟାହାର ଓ ପରେ ଚନ୍ଦ୍ର ଶେଖର ସରକାରର ପତନ ପରେ ୧୯୯୧ ମସିହାରେ ନିର୍ବାଚନ ଅନୁଷ୍ଠିତ ହେଲା। ବିଜେପି ହିନ୍ଦୁତ୍ୱକୁ ଆଧାର କରି ନିର୍ବାଚନ ଲଢୁଥିବା ଅଭିଯୋଗ କରି ଜନତା ଦଳ ପକ୍ଷରୁ ସ୍ଲୋଗାନ ଦିଆଗଲା-ହିନ୍ଦୁ-ଶିଖ୍ ଇସାଇ, ହିନ୍ଦୁସ୍ତାନ କା ଚାର୍ ସିପାହୀ। ୧୯୯୬ରେ ଅଟଳ ବିହାରୀ ବାଜପାୟୀ ୧୩ ଦିନ ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୯୮ରେ ସେ ଅନ୍ୟ ଦଳମାନଙ୍କ ସମର୍ଥନରେ ପ୍ରଧାନମନ୍ତ୍ରୀ ହୋଇ ଦେଶ ଶାସନର ଦାୟିତ୍ୱ ନେଇଥିଲେ। ସେତେବେଳେ ନିର୍ବାଚନରେ ବି.ଜେ.ପିର ସ୍ଲୋଗାନ ଥିଲା-ବାରି, ବାରି, ସବ୍‌କି ବାରି, ଅବ୍ କୀ ବାରି ଅଟଳ ବିହାରୀ। ୧୯୯୯ ବେଳକୁ ଭାରତ ଦ୍ୱିତୀୟ ଥର ପରମାଣୁ ବୋମା ପରୀକ୍ଷା କରି ବିଶ୍ୱରେ ଚର୍ଚ୍ଚିତ ହୋଇସାରିଥିଲା। ସେତେବେଳର ନିର୍ବାଚନରେ ବାଜପାୟୀ ଥିଲେ ମୁଖ୍ୟ ପ୍ରଚାରକ। ଦେଶର ଉନ୍ନତି ପାଇଁ ବିଜ୍ଞାନର ପ୍ରସାର ନିମନ୍ତେ ବାଜପାୟୀ ଶାସ୍ତ୍ରୀଜୀଙ୍କ ସ୍ଲୋଗାନରେ ବିଜ୍ଞାନ ଶବ୍ଦ ଯୋଡି କହିଲେ-ଜୟ ଜବାନ, ଜୟ କିଷାନ, ଜୟ ବିଜ୍ଞାନ। ୨୦୦୪ରେ ବି.ଜେ.ପିର ସ୍ଲୋଗାନ ଥିଲା-ଇଣ୍ଡିଆ ସାଇନିଂ ବା ବି.ଜେ.ପି ଶାସନରେ ଭାରତ ଚମକୁଛି। ସେହିପରି କଂଗ୍ରେସର ସ୍ଲୋଗାନ ଥିଲା-କଂଗ୍ରେସ୍ କା ହାତ, ଆମ୍ ଆଦମୀ କେ ସାଥ୍। କଂଗ୍ରେସ ବିଜୟ ଲାଭ କରିବା ଫଳରେ ଡଃ ମନମୋହନ ସିଂ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୦୯ ମସିହା ନିର୍ବାଚନରେ କଂଗ୍ରେସ୍‌ର ସ୍ଲୋଗାନ ଥିଲା -ଆଦମି କେ ବଧତେ କଦମ୍, ହର୍ କଦମ୍ ପର୍ ଭାରତ ବୁଲନ୍ଦ। ମନମୋହନ ସିଂ ଦ୍ୱିତୀୟ ଥର ଭାରତର ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୧୪ ନିର୍ବାଚନରେ କଂଗ୍ରେସ୍‌ର ସ୍ଲୋଗାନ ଥିଲା -ମେଁ ନେହିଁ ହମ୍। ଅନ୍ୟ ଏକ ସ୍ଲୋଗାନ ଥିଲା - ପୁରି ରୋଟି ଖାଏଙ୍ଗେ, ୧୦୦ ଦିନ୍ କାମ କରେଙ୍ଗେ। ଭାରତୀୟ ଜନତା ଦଳର ସ୍ଲୋଗାନ - ଅବ୍ କି ବାର୍ ମୋଦି ସରକାର ସବୁଠୁ ଅଧିକ ଚର୍ଚ୍ଚିତ ତଥା ଲୋକପ୍ରିୟ ସ୍ଲୋଗାନ ହେବାରେ ସମର୍ଥ ହୋଇଥିଲା। ଏହି ସ୍ଲୋଗାନ ଏଭଳି ଲୋକଙ୍କୁ ପ୍ରଭାବିତ କରିଥିଲା ଯେ ଭାରତର ନାଗରିକମାନେ ବିଜେପିକୁ ଭୋଟ ଦେଇ କ୍ଷମତାସୀନ କରିଥିଲେ। ୨୦୧୯ରେ ଭାରତୀୟ ଜନତା ପାର୍ଟିର ସ୍ଲୋଗାନ ଥିଲା-ଫିର୍ ଏକ୍‌ବାର ମୋଦି ସରକାର୍। ଏହି ସ୍ଲୋଗାନ ମୋଦିଙ୍କୁ ପୁଣି ଥରେ ପ୍ରଧାନମନ୍ତ୍ରୀ କରିଥିଲା।





ଚଳିତ ସାଧାରଣ ନିର୍ବାଚନ-୨୦୨୪ରେ ଭାରତୀୟ ଜାତୀୟ କଂଗ୍ରେସ୍‌ର ସ୍ଲୋଗାନ - ହାତ୍ ବଦଲେଗା ହାଲତ ରହିଥିବା ବେଳେ ଭାରତୀୟ ଜନତା ପାର୍ଟିର ସ୍ଲୋଗାନ ରହିଛି-ଅବ୍‌କି ବାର୍ ୪୦୦ ପାର୍, ଫିର୍ ଏକ୍ ବାର୍ ମୋଦି ସରକାର୍। ବିଜେପି ବିଶ୍ୱାସ କରୁଛି ଏହି ସ୍ଲୋଗାନ ଯେପରି ଭାବେ ଲୋକଙ୍କୁ ହୃଦୟକୁ ସ୍ପର୍ଶ କରିଛି, ସେଭଳି ଭାବେ ଲୋକେ ବିଜେପିକୁ ଭୋଟ ଦେଇ ବିଜୟୀ କରାଇବେ ଏବଂ କେନ୍ଦ୍ରରେ ତୃତୀୟ ଥର ପାଇଁ ମୋଦିଜୀଙ୍କୁ ପ୍ରଧାନମନ୍ତ୍ରୀ କରାଇବେ।

ରାଜନୈତିକ ଦଳର ଚର୍ଚ୍ଚିତ ସ୍ଲୋଗାନ କେବଳ ସାଧାରଣ ନିର୍ବାଚନର ଫଳାଫଳକୁ ଯେ ପ୍ରଭାବିତ କରେ ତାହା ନୁହେଁ, ବିଧାନସଭା ନିର୍ବାଚନମାନଙ୍କରେ ମଧ୍ୟ ଭୋଟରମାନଙ୍କୁ ଆକର୍ଷିତ କରିଥାଏ। ତେବେ ସେଭଳି କିଛି ପ୍ରଭାବଶାଳୀ ସ୍ଲୋଗାନକୁ ଆଲୋଚନାକୁ ନିଆଯାଇପାରେ। ୧୯୫୭ ମସିହାରେ






କେରଳର ବିଧାନସଭା ନିର୍ବାଚନରେ କମ୍ୟୁନିଷ୍ଟ ପାର୍ଟିର ସ୍ଲୋଗାନ ଥିଲା-ଅରି ଥୁରତା, ପାଣି ଥୁରାତା କଂଗ୍ରେସ୍, ଅର୍ଥାତ୍ କଂଗ୍ରେସ୍ ଦଳ ମଣିଷର ସର୍ବନିମ୍ନ ଆବଶ୍ୟକତା ଖାଦ୍ୟ ଓ ପାଣି ଦେଇ ପାରୁନାହିଁ। ଏହି ସ୍ଲୋଗାନ୍ ଭୋଟରଙ୍କ ମନକୁ ଏତେ ଛୁଇଁଲା ଯେ କମ୍ୟୁନିଷ୍ଟ ପାର୍ଟି ନିର୍ବାଚନରେ ବିଜୟୀ ହେଲା ଓ ନମ୍ବୁଦ୍ରିପଦଙ୍କ ନେତୃତ୍ୱରେ ବିଶ୍ୱର ପ୍ରଥମ ନିର୍ବାଚିତ କମ୍ୟୁନିଷ୍ଟ ସରକାର କେରଳରେ ଶାସନ କରିଥିଲା। ୧୯୭୧ ମସିହାରେ ଓଡିଶାର ତୃତୀୟ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନ କଂଗ୍ରେସ୍ ଓ ଗଣତନ୍ତ୍ର ପରିଷଦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ୍ ଦଳର ନିର୍ବାଚନ ପ୍ରଚାର କମିଟିର ମୁଖ୍ୟ ଥିଲେ ବିଜୁ ପଟ୍ଟନାୟକ। ସେ ସ୍ଲୋଗାନ ଦେଇଥିଲେ-ସମସ୍ତଙ୍କୁ ଟାଇଲ ଛପର ଘର, ପାଇପ ପାଣି। ଏହାକୁ ବ୍ୟଙ୍ଗ କରି ବିରୋଧୀ ଦଳ କହିଥିଲେ -ବିଜୁ ବାବୁଙ୍କର ମୁହଁ ଫୁଟାଣି। ପଞ୍ଚମ ବିଧାନସଭା ନିର୍ବାଚନ ୧୯୭୪ ମସିହାରେ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ନନ୍ଦିନୀ ଶତପଥୀ କଂଗ୍ରେସ ଦଳର ମୁଖ୍ୟ ପ୍ରଚାରକ ଥିବା ବେଳେ ବିଜୁ ପଟ୍ଟନାୟକ ଉତ୍କଳ କଂଗ୍ରେସ୍‌ର ମୁଖ୍ୟ ପ୍ରଚାରକ ଥିଲେ। ସେତେବେଳେ ଚାଉଳ ଦର ବଢି ଯିବାରୁ ଉତ୍କଳ କଂଗ୍ରେସ୍ ପକ୍ଷରୁ ନିର୍ବାଚନୀ ସ୍ଲୋଗାନ ଥିଲା-ନନ୍ଦିନୀ ନାନୀ ବଡ ଚତୁରୀ, ଚାଉଳ କିଲୋ କଲା ଟଙ୍କେ ସତୁରୀ। ସେତେବେଳେ କଂଗ୍ରେସର ଦଳିୟ ଚିହ୍ନ ଗାଇ ବାଛୁରୀ ଥିବାରୁ ଉତ୍କଳ କଂଗ୍ରେସ୍ ପୁଣି ଏକ ସ୍ଲୋଗାନ ଦେଇଥିଲା-ଗାଇ ବାଛୁରୀ ପଲକୁ, ଖେଦି ଦିଅ ମଝି ବିଲକୁ। ୨୦୧୧ ମସିହାରେ ତୃଣମୂଳ କଂଗ୍ରେସର ସଭାନେତ୍ରୀ ମମତା ବାନାର୍ଜୀ ୩୪ ବର୍ଷର ବାମ ଦଳ ଶାସନକୁ ଭାଙ୍ଗି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ହୋଇଥିଲେ। ମା-ମାଟି-ମାନୁଷ୍ ସ୍ଲୋଗାନ ଦ୍ୱାରା ସେ ବିପୁଳ ବିଜୟ ଲାଭ କରିଥିଲେ। ୧୯୯୦ ମସିହାରେ ବିଜୁ ପଟ୍ଟନାୟକ ଦ୍ୱିତୀୟ ଥର ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେ ସମୟରେ ତାଙ୍କର ସ୍ଲୋଗାନ ଥିଲା-ଗାଁକୁ କାମ ମାଆକୁ ସମ୍ମାନ। ଚଳିତ ସପ୍ତଦଶ ବିଧାନସଭା ନିର୍ବାଚନରେ ବିଜୁ ଜନତା ଦଳର ଯୋଡି ଶଙ୍ଖ ସ୍ଲୋଗାନ ଥିବା ବେଳେ ଭାରତୀୟ ଜନତା ଦଳର ଡବଲ ଇଞ୍ଜିନ୍ ସରକାର ସ୍ଲୋଗାନ ରହିଛି।

ଭୁବନ,ଢେଙ୍କାନାଳ
ଭ୍ରାମ୍ୟଭାଷ : ୯୪୩୭୭୨୯୩୮୪

# ଅବହେଳିତ କୁରୁମ ବୌଦ୍ଧପୀଠ



**କୋଣାର୍କ :** ଗୁରୁବାର ଦିନ ପବିତ୍ର ଚନ୍ଦନ ପୂର୍ଣ୍ଣିମା ବା ବୌଦ୍ଧ ପୂର୍ଣ୍ଣିମା ସାରା ରାଜ୍ୟରେ ଥିବା ବୌଦ୍ଧ ପୀଠ ମାନଙ୍କରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିନ୍ତୁ ପୁରୀ ଜିଲ୍ଲା କୋଣାର୍କ ନିକଟସ୍ଥ ବୌଦ୍ଧ ପୀଠ କୁରୁମ ଏବେ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଅଷ୍ଟମ ଶତାବ୍ଦୀର ଏହି ଐତିହ୍ୟକୁ ପ୍ରତ୍ନତତ୍ତ୍ୱ ବିଭାଗ ଉପେକ୍ଷା କରୁଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ବିଭାଗୀୟ ଅବହେଳା ଯୋଗୁଁ ଏହି ପୀଠରେ ପର୍ଯ୍ୟଟକଙ୍କ ପାଦ ପଡୁନଥିବା ବେଳେ ଏହି ପୀଠଟି ଲୋକଲୋଚନର ଆଢୁଆଳରେ ରହି ଧ୍ୱଂସାଭିମୁଖୀ ହୋଇପଡ଼ିଛି। ପର୍ଯ୍ୟଟନ ବିଭାଗ କେବଳ ଏକ ଫଳକ ମାରିଦେଇ ତାର କାର୍ଯ୍ୟ ସାରିଦେଇଛି। ପୀଠ ସ୍ଥାନର ମାଲିକାନା ଜୈନିକ ବ୍ୟକ୍ତିଙ୍କ ନାମରେ ରହିଥିବାରୁ ଏହି ପୀଠର ବିକାଶ, ପ୍ରଚାର, ପ୍ରସାର ହୋଇ ପାରୁନଥିବା ଜଣାପଡ଼ିଛି। ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କ ଠାରୁ ମାତ୍ର ୬ କିଲୋମିଟର ଦୂର କୁରୁଜଙ୍ଗ ପଞ୍ଚାୟତ ଅଧୀନ କୁରୁମ ଗ୍ରାମରେ ରହିଛି ଏହି ବୌଦ୍ଧ ପୀଠ। ବୌଦ୍ଧ ପୀଠ ନିକଟରେ ରହିଛି ଧରମୁ ପୋଖରୀ। ସ୍ଥାନୀୟ ଶ୍ରଦ୍ଧାଳୁ ମାନେ ବୈଶାଖ ପୂର୍ଣ୍ଣିମା ଦିନ ଏହି ପୋଖରୀରେ କାହିଁ କେଉଁ କାଳରୁ ବୁଡ଼ ପକାଇ ବୁଦ୍ଧଦେବ (ସ୍ଥାନୀୟ ଅଞ୍ଚଳରେ ଧର୍ମ ଦେବତା)ଙ୍କୁ ଦର୍ଶନ କରି ଆସୁଛନ୍ତି। ୧୯୮୪ ମସିହାରେ କୋଣାର୍କ ଅଞ୍ଚଳର କେତେକ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ଦ୍ୱାରାଏହି ପୀଠକୁ ଲୋକଲୋଚନକୁ ଆଣିଥିଲେ। ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଖନନ ପରେ ଧରମୁ ପୋଖରୀରୁ ପ୍ରାୟ ୬ଫୁଟ ଉଚ୍ଚତାର ଏକ ବିଶାଳ ବୌଦ୍ଧ ମୂର୍ତ୍ତୀ ସହିତ ଚତୁର୍ଭୁଜ ବୌଦ୍ଧ ମୂର୍ତ୍ତୀ ଓ ଏକ ନାରୀ ମୂର୍ତ୍ତି ଉଦ୍ଧାର ହୋଇଥିଲା। ଏଥି ସହିତ ପୋଖରୀ ସମ୍ମୁଖରୁ ପ୍ରାୟ ୪୦ ଫୁଟ ଓସାର, ୬୦ ଫୁଟ ଲମ୍ବର ଏକ ବିରାଟକାୟ ବୌଦ୍ଧ ବିହାର ଆବିଷ୍କାର କରାଯାଇଥିଲା। ଏହାପରେ ସରକାର





ଏହି ସ୍ଥାନକୁ ଏକ ପର୍ଯ୍ୟଟନସ୍ଥଳୀ ଭାବେ ଘୋଷଣା କରିଥିଲେ। ପୋଖରୀରୁ ଉଦ୍ଧାର ବିରଳ ମୂର୍ତ୍ତୀ ସବୁକୁ ଏକ ଗୃହ ନିର୍ମାଣ କରି ତା ଭିତରେ ରଖିଥିଲେ। କିନ୍ତୁ ବୌଦ୍ଧ ବିହାର ବାହାରିଥିବା ସ୍ଥାନଟି ଜୈନିକ ବ୍ୟକ୍ତିଙ୍କର ହୋଇଥିବାରୁ ସେଠାରେ ସରକାର କୌଣସି ଉନ୍ନତି ମୂଳକ କାର୍ଯ୍ୟ କରିପାରୁନାହାନ୍ତି। ପ୍ରଥମେ ଉପଯୁକ୍ତ କ୍ଷତିପୂରଣ ଦେଇ ଉକ୍ତ ବ୍ୟକ୍ତିଙ୍କ ଠାରୁ ଉକ୍ତ ସ୍ଥାନକୁ ସରକାର ଅଧିଗ୍ରହଣ କରିବା ଉଚିତ। ତାପରେ ପୀଠର ଉନ୍ନତି କରିବା ଉପରେ ଦୃଷ୍ଟି ଦେବା ଦରକାର। ନା ସରକାର ବୌଦ୍ଧ ବିହାର ସ୍ଥାନକୁ ଅଧିଗ୍ରହଣ କରୁଛନ୍ତି ନା ଉକ୍ତ ପୀଠର ଉନ୍ନତି ହୋଇପାରୁଛି। ସାରା ରାଜ୍ୟରେ ଥିବା ବିଭିନ୍ନ ବୌଦ୍ଧ ପୀଠ, ବିହାରର ଉନ୍ନତି ହେଉଥିବା ବେଳେ ବୌଦ୍ଧ ପୀଠ କୁରୁମ କେବଳ କାଗଜ କଲମରେ ଏକ ପର୍ଯ୍ୟଟନ ସ୍ଥଳୀ ହୋଇ ରହି ଯାଇଛି। ପ୍ରାୟ ଅଷ୍ଟମ ଶତାବ୍ଦୀର ଏହି ଐତିହ୍ୟ ଆଜି ସରକାରଙ୍କ ଉଦାସୀନତା କାରଣରୁ ଧ୍ୱଂସାଭିମୁଖୀ ହୋଇପଡ଼ିଛି।



# ଓଡ଼ିଶାକୁ ମାଫିଆରାଜରୁ ମୁକ୍ତ କରାଯାଉ : ବିଜେପି

**ଭୁବନେଶ୍ୱର :** ବିଗତ ଦିନରେ ଓଡ଼ିଶାର ଗଣତାନ୍ତ୍ରିକ ଆନ୍ଦୋଳନର ମୁଖ୍ୟ ରାଜନୈତିକ ସଂଗଠନ ଥିଲା ବିଜେଡି। ଏହାର ରାଜନୈତିକ ବ୍ୟାପାର କମିଟି, ରାଜ୍ୟ କାର୍ଯ୍ୟନିର୍ବାହୀ ଓ ପାଲ୍ୟାମେଣ୍ଟାରୀ ବୋର୍ଡ ହିଁ ଦଳର ପ୍ରାର୍ଥୀ କିଏ ହେବ ସ୍ଥିର କରେ। ବିଜେଡିର ପୁରୁଣା ନେତାଙ୍କୁ ପଚାରିଲେ ପାଲ୍ୟାମେଣ୍ଟାରୀ ବୋର୍ଡର କିଏ ସଦସ୍ୟ ଅଛନ୍ତି ତାହା ତାଙ୍କୁ ଜଣାନାହିଁ। ତାଙ୍କର ବୈଠକ ହେଲା କି ନାହିଁ? ବୈଠକରେ କ'ଣ ନିଷ୍ପତି ହେଲା ତାହା ମଧ୍ୟ ବିଜେଡି ନେତାମାନେ ଅନଭିଜ୍ଞ। ଏପରିକି ପାଲ୍ୟାମେଣ୍ଟାରୀ ବୋର୍ଡ ନିଷ୍ପତି କାର୍ଯ୍ୟକାରି ହେଉଛି କି ନାହିଁ ତାହା ବି ଜାଣନ୍ତି ନାହିଁ। ଏହାଛଡା ଓଡିଶାର କ୍ୟାବିନେଟ୍ ବସୁଛି କି ନାହିଁ, ପୂର୍ବରୁ କ୍ୟାବିନେଟ୍ ମନ୍ତ୍ରୀଙ୍କ ପାଖରେ ଚିଠା ପହଞ୍ଚୁଛି କି ନାହିଁ, ସେମାନେ ଯୋଗ ଦେଉଛନ୍ତି କି ନାହିଁ ତାହା ବି ବିଜେଡି ନେତାଙ୍କୁ ଜଣାନାହିଁ। ବିଜେଡିର ଆଭିମୁଖ୍ୟ ଓ ଭାବାବେଗ, ଆବଶ୍ୟକତା ବାସ୍ତବରେ କେଉଁଠି ବନ୍ଧା ପଡିଛି ତାହା ସାରା ରାଜ୍ୟବାସୀଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି। ବିଜେଡି ଦଳରେ ମାତ୍ର ୨ଟି ଲୋକ ଦେଖାଯାଉଛନ୍ତି। ପ୍ରଶାସନର ଉପର ଠୁ ତଳ ପର୍ଯ୍ୟନ୍ତ ପିସି ଓ ଭ୍ରଷ୍ଟାଚାର ଚାଲିଛି। ଓଡିଶାରେ ମାଫିଆ ରାଜ୍ ଚାଲିଛି। ଏହାକୁ ବାହାରୁ ଆସୁଥିବା ଲୋକମାନେ ବି ଅନୁଭବ କରିପାରୁଛନ୍ତି। ଏନେଇ ବିଜେଡି କବଳରୁ ଓଡ଼ିଶାକୁ ମୁକୁଳାଇବାକୁ ଓଡ଼ିଶାର ଜନସାଧାରଣ ଓ ଭୋଟରମାନଙ୍କୁ ବିଜେପି ନିବେଦନ କରୁଛି। ଓଡ଼ିଶା ମୁକୁଳିଲେ ବିକଶିତ ଓଡ଼ିଶା ଗଠନ ସମ୍ଭବ ହେବ। ଏହା ହିଁ ମୋଦି ଗ୍ୟାରେଣ୍ଟି। ଯେଉଁଠି ଗଣତାନ୍ତ୍ରିକ ବ୍ୟବସ୍ଥାରେ ଓଡ଼ିଶାର ବିକାଶ ଅଟକିଯାଉଛି ତାକୁ ଗତିଶୀଳ କରିବା ମୋଦି ଗ୍ୟାରେଣ୍ଟି ବୋଲି ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଶର୍ମା କହିଛନ୍ତି ଯେ, ବିଜେଡି ସରକାର ବିଭିନ୍ନ



କ୍ଷେତ୍ରରେ ଲୋକଙ୍କୁ ବିଭ୍ରାନ୍ତ କରୁଛି। ବିଜେଡି ନେତାମାନେ ଅପପ୍ରଚାର କରୁଛନ୍ତି ଯେ, ବିଜେପି ସରକାରକୁ ଆସିଲେ ବିଏସ୍‌କେୱାଇ ବନ୍ଦ ହୋଇଯିବ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବନ୍ଦ ହୋଇଯିବ। ମାତ୍ର ଏସବୁ ଭ୍ରାନ୍ତ ଧାରଣାରୁ ଦୂରେଇ ରହିବାକୁ ଓଡ଼ିଶାବାସୀଙ୍କୁ ବିଜେପି ନିବେଦନ କରୁଛି। ବିଜେପି ସ୍ପଷ୍ଟ କରିବାକୁ ଚାହୁଁଛି ଯେ, ଆମ ଦଳ ସରକାର ଗଢ଼ିଲେ କୌଣସି ଯୋଜନା ବନ୍ଦ ହେବ ନାହିଁ ବରଂ ସମୃଦ୍ଧ ହେବ। ଅପରପକ୍ଷେ ଓଡ଼ିଶାର ଲୋକେ ଆୟୁଷ୍ମାନ ଭାରତର ଯୋଜନାର ଲାଭ ପାଇବେ, ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକର ଅଧିକ ଉନ୍ନତ ହେବ, ମହିଳାମାନେ ସ୍ୱାବଲମ୍ବୀ ହେବେ। ବିଜେପି ସର୍ବଦା ବିକାଶରେ ବିଶ୍ୱାସ କରେ। ବିଜେପି ସରକାର ତରଫରୁ ପିଏମ୍ ସୂର୍ଯ୍ୟଘର ଯୋଜନାରେ ଉପଭୋକ୍ତାମାନଙ୍କ ବିଜୁଳି ଛାଡ ହେବା ସହ ରୋଜଗାର ମଧ୍ୟ ବଢ଼ିବ। ସେମାନଙ୍କୁ ବିଲ୍ ଦେବାକୁ ପଡିବନି। ଗାଁ ରୁ ସହର ସମସ୍ତେ ସୂର୍ଯ୍ୟଘର ଯୋଜନାର ଲାଭ ପାଇପାରିବେ। ବିଦ୍ୟୁତ ବିଲ୍ ପାଇଁ ଟଙ୍କା ଖର୍ଚ୍ଚ ହେବନି ବରଂ ରୋଜଗାର ହେବ। ଏହି ସୂର୍ଯ୍ୟଘର ଯୋଜନାରେ ଏ ପର୍ଯ୍ୟନ୍ତ ୧କୋଟିରୁ ଅଧିକ ଲୋକ ପଞ୍ଜୀକରଣ କରିଛନ୍ତି। ବିଜେପିର ବିଭିନ୍ନ ଯୋଜନାକୁ ବିଜେଡି ପୂର୍ବରୁ କପି ପେଷ୍ଟ କରିଥିବାବେଳେ ଏବେ ସୂର୍ଯ୍ୟଘର ଯୋଜନାକୁ ମଧ୍ୟ କପି କରିଛି। ପିଏମ୍ ସୂର୍ଯ୍ୟଘର ଯୋଜନା ଆସିବା ପରେ ଦେଖି ବିଜେଡି ଜୁଲାଇ ମାସରୁ ମାଗଣା ବିଜୁଳି ଘୋଷଣା କରିଛି। ସେହିପରି ମା'ମାନଙ୍କୁ ସ୍ୱାବଲମ୍ବି କରିବା ପାଇଁ ବିଜେପି "ସୁଭଦ୍ରା ଯୋଜନା" ଘୋଷଣା କରିଛି। ଏହି ଯୋଜନାରେ ମା'ମାନେ ୨ବର୍ଷ ଭିତରେ ନିଜ ଇଛା ଅନୁସାରେ ୫୦ହଜାର ଟଙ୍କାର ଭାଉଚରକୁ ଖର୍ଚ୍ଚ କରିପାରିବେ। ବିଜେପି ସରକାରକୁ ଆସିଲେ ଚାଷୀଙ୍କ ଆୟ ଦିଗୁଣିତ କରିବା ସହ ଶୀତଳଭଣ୍ଡାର, ମଣ୍ଡିର ବ୍ୟବସ୍ଥା କରିବ। ଏଥିସହ ଚାଷୀଙ୍କ ଧାନର ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧ଶହ ଟଙ୍କା କରିବ। ଏହି ଟଙ୍କା ୨ଦିନରେ ଚାଷୀଙ୍କ ବ୍ୟାଙ୍କ ଆକାଉଂଟରେ ପହଞ୍ଚିବ। ଏଥିସହ ଯୁବକଙ୍କୁ ରୋଜଗାର ଦିଆଯିବ ବୋଲି ଶ୍ରୀ ଶର୍ମା କହିଛନ୍ତି। ଓଡ଼ିଶାରେ ପଛୁଆ ଶ୍ରେଣୀ ବା ଓବିସି ୫୪ପ୍ରତିଶତ ରହିଥିଲେ ମଧ୍ୟ ରାଜ୍ୟ ସରକାର ତାଙ୍କୁ ଅବହେଳା କରିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ଯେଉଁ ଆଇନ ପାରିତ ହୋଇଛି ସେ ଆଇନର ୨୭% ସଂରକ୍ଷଣ ଦିଆଯାଇଛି। ମାତ୍ର ସେଥିରୁ ରାଜ୍ୟ ସରକାର ଓଡିଶାବାସୀଙ୍କୁ ବଂଚିତ କରିଛନ୍ତି। କେନ୍ଦ୍ର ସରକାର ୨୦୧୯ରେ ଆର୍ଥିକ ଦୃଷ୍ଟିରୁ ଯେଉଁମାନେ ଦୁର୍ବଳ ଅଛନ୍ତି ଇଡବ୍ଲ୍ୟୁଏସ୍ ପାଇଁ ୧୦% ରିଜରଭେସନ ରଖିଛନ୍ତି। କିନ୍ତୁ ଓଡିଶା ସରକାର ନଦେଇ ବାଧା ହୋଇଛନ୍ତି। ଜନବିରୋଧୀ ସରକାର ଏବେ ମାଫିଆ ରାଜ୍‌ରେ ପରିଣତ ହୋଇଛି। ଓଡିଶାରୁ ବିଜେଡିକୁ ବିତାଡିତ କରିବାର ଆବଶ୍ୟକତା ଅଛି। ମୁଖ୍ୟମନ୍ତ୍ରୀଙ୍କ ଶାସନରେ ଓଡ଼ିଶାବାସୀ ପୀଡିତ ହୋଇଛନ୍ତି ତାହାର ଜବାବ ଭୋଟ ମାଧ୍ୟମରେ ବିଜେଡିକୁ ଦେବେ ବୋଲି ଶ୍ରୀ ଶର୍ମା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ଆର୍ଥିକ ଅନଗ୍ରସର ବର୍ଗର ରାଜ୍ୟ ସଂଯୋଜକ କୁଳମଣି ମିଶ୍ର, ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ବିବେକାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପାଣି ପାଇଁ ଡହଳ ବିକଳ ମଝିସାହି ଗ୍ରାମବାସୀ

**ଫୁଲବାଣୀ :** ଦିନକୁ ଦିନ ଖରା ବଢ଼ିବାରେ ଲାଗିଛି। କେଉଁଠି ଚୁଆ ପାଣି ଉପରେ ଲୋକେ ଭରସା କରୁଛନ୍ତି ତ କେଉଁଠି ନଦୀ ପାଣି ଉପରେ ଭରସା କରି ବର୍ଷ ତମାମ ଚଳୁଛନ୍ତି ଅନେକ ଗ୍ରାମବାସୀ। ଏମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଯେମିତି ସାତ ସପନ ପାଲଟିଥିବା ବେଳେ ଆଜି ପର୍ଯ୍ୟନ୍ତ ବିକୌଣସି ସୁବିଧା ପହଞ୍ଚି ପାରିନାହିଁ, ଯଦ୍ୱାରା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଖରାଦିନରେ ପାଣି ଟୋପାଏ ପାଇଁ ଡହଳ ବିକଳ ହେଉଛନ୍ତି। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ଗୋଛାପଡା ପଞ୍ଚାୟତ ୭ ନମ୍ବର ୱାର୍ଡ ଡେରାକୁମ୍ପା ଗାଁ ନିକଟ



ମଝି ସାହି ହରିଜନ ସାହିରେ। ଏହି ଗାଁ ଡେରାକୁମ୍ପା ଗାଁ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ଗାଁଠାରୁ ଦୂରରେ ରହିଛି। ଏହି ଗାଁରେ ୬ଟି ଦଳିତ ପରିବାର ବାସ କରନ୍ତି। ଗାଁରେ ପାଣି ପାଇଁ ସେଭଳି କିଛି ବ୍ୟବସ୍ଥା ନ ଥିବାରୁ ବର୍ଷ ତମାମ ଗାଁରୁ କିଛି ଦୂରରେ ଥିବା ପାଟିଙ୍ଗ ନାଳରୁ ପାଣି ପିଉଥିବା ବେଳେ ସୁନା ମୁଦି ନଦୀ ପାଣିରେ ସ୍ନାନ ଶୌଚ କରୁଥିବା କହିଛନ୍ତି ଗ୍ରାମବାସୀ। ଏବେ ନଦୀ ନାଳ ସୁଖି ଯାଇଥିବାବେଳେ ନଦୀ ପାଣି ମଧ୍ୟ ଗୋଳିଆ ହୋଇ ପଡିଛି, ଯାହାକୁ ନେଇ ପାଣି ପାଇଁ ସମସ୍ୟା ଉପୁଜିଛି। ପାଣି ପାଇଁ ଗ୍ରାମବାସୀ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟଠାରୁ ଫିରିଙ୍ଗିଆ ବିଡିଓ ଏବଂ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ସଫଳ ହୋଇ ପାରିନାହିଁ। ତୁରନ୍ତ ଗାଁରେ ଏକ ନୂତନ ନଳକୂପ କିମ୍ବା ପିଇବା ପାଣି ଯୋଗାଇ ଦେବାକୁ ସମିତା ଦିଗାଲ, ଜୁମେଲୀ ଦିଗାଲ, ସନ୍ୟାସୀ ଦିଗାଲ, ଗୁରୁବନ ଦିଗାଲ, କିଶୋର ଦିଗାଲ, ଡମ୍ବରୁ ଦିଗାଲ ଓ ଅନ୍ୟ ଗ୍ରାମବାସୀ ଦାବି କରିଛନ୍ତି।

## ୩୨୬ ନମ୍ବର ପାଲଟିଛି ମରଣଯନ୍ତା

**ଗଜପତି :** ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା। ମୁଖ୍ୟ ରାସ୍ତାରେ ଏବେ ଫୁଟେ ଉଚ୍ଚର ପାଣି ଜମା ହୋଇଛି। ଏ ଦୃଶ୍ୟ ହେଉଛି ଗଜପତି ଜିଲ୍ଲା ଅଡ଼ବା ବଜାର ନିକଟରେ। ବ୍ରହ୍ମପୁର ଠାରୁ ରାୟଗଡ଼ାକୁ ସଂଲଗ୍ନ କରୁଥିବା ଏହି ୩୨୬ ନଂ ଜାତୀୟ ରାଜପଥ ଉପରେ ଦୈନିକ ଶହ ଶହ ଯାନବାହନ ଯାତାୟାତ କରୁଥିବା ବେଳେ ଏବେ ଏହା ଜନସାଧାରଣଙ୍କ ପାଇଁ ମରଣଜନ୍ତା ପାଲଟିଛି। ରସ୍ତା ରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେବା ସହ ପାଣି ଜମା ହୋଇଛି। ଫଳରେ ଏଠି ଯାନବାହନ ଦୁର୍ଘଟଣା ଘଟିଛି। ସମସ୍ୟା ନେଇ ଗ୍ରାମବାସୀ ମାନେ ଜିଲ୍ଲା ପରିଷଦଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀ ଓ ବିଧାୟକଙ୍କୁ ମଧ୍ୟ ଅଭିଯୋଗ



କରିଥିଲେ ସୁଦ୍ଧା ଆଜି ଯାଏଁ ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନି ରାସ୍ତା ମରାମତି କରାଯାଇ ନାହିଁ। ବାଧହୋଇ ଗ୍ରାମବାସୀ ମାନେ ମିଳିତ ଭାବେ ରାସ୍ତାରେ ମାଟି ପକାଇ ମରାମତି କରିଥିଲେକ୍ଷ ହେଲେ ପୁଣି ଥରେ ଯେଉଁ ଅବସ୍ଥାକୁ ସେହି ଅବସ୍ଥା ହୋଇଯାଇଛି। ଏନେଇ ତୁରନ୍ତ ଏହି ରାସ୍ତାକୁ ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ପାରଳାଖେମୁଣ୍ଡି ଜାତୀୟରଜପଥ ବିଭାଗ ଯନ୍ତ୍ରୀଙ୍କୁ କହିଛନ୍ତି, ସମସ୍ୟା ସମ୍ପର୍କରେ ଲୋକଙ୍କ ଠାରୁ ସେ ଅଭିଯୋଗ ପାଇଛନ୍ତି। ନିର୍ବାଚନ ଶେଷ ହେବା ପରେ ରାସ୍ତା ମରାମତି ପାଇଁ ପଦକ୍ଷେପ ଗ୍ରହଣ କରାଯିବ।

## ବିସ୍ମୟ ପ୍ରତିଭା ଲାଶ୍ୟା

**ଭୁବନେଶ୍ୱର :** ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିବା ଅଲିଅଳୀ ଝିଅଟିଏ ହେଉଛି ଲାଶ୍ୟା। ପିଲାଟିଦିନୁ ଗରିବ ଓ ଦୁଃଖୀରଙ୍କିଙ୍କୁ ଦେଖିଲେ ତା'ର ମନ ବ୍ୟସ୍ତ ହୋଇଉଠେ। ତା' ବୟସକୁ ଚାହିଁ ଯାହାକୁ ଯାହା ସାହାଯ୍ୟ କରିବା କଥା କରିଥାଏ। ସ୍କୁଲ ଯିବା ବେଳେ କୌଣସି ଭିନ୍ନକ୍ଷମଙ୍କୁ ଦେଖିଲେ ସ୍କୁଲ ବ୍ୟାଗ୍‌ରୁ ପାଣି ଓ ଟିଫିନ୍ କାଢ଼ି ତାଙ୍କୁ ଦେଇ ଦେଇଥାଏ। ପାଠପଢ଼ା ପ୍ରତି ଯେତିକି ଧ୍ୟାନ ଦେବା କଥା ସେତିକି ନିଷ୍ଠାର ସହିତ ପାଠ ପଢ଼ିବା ପରେ ଯେତିକି ସମୟ ବଳେ ସେତିକି ସମୟ ନାଚଗୀତରେ ଲାଶ୍ୟାର ସମୟ ବିତିଥାଏ। ପ୍ରଦୂଷଣକୁ ନେଇ ସତେଯେମିତି ସେ ବ୍ୟସ୍ତ ହୋଇପଡେ। କିଭଳି ଜଙ୍ଗଲ ଅଧିକ ସୃଷ୍ଟି ହେବ ଏବଂ ଜଳବାୟୁ ଆଗପରି ରହିବ ତାକୁ ନେଇ ତା' ମନରେ ଅନେକ ଆଶଙ୍କା ରହିଛି। ତେଣୁ ପରିବେଶ ସୁରକ୍ଷା ଓ ଜଙ୍ଗଲ ରକ୍ଷା ପ୍ରତି ଲାଶ୍ୟାର ଅନେକ ଆଗ୍ରହ ରହିଛି। ବ୍ୟାଘ୍ର ସଂରକ୍ଷଣ



ପ୍ରକଳ୍ପର ଉନ୍ନତି ନିମନ୍ତେ ତା' ମନରେ ଅସୁମାରୀ ଆଗ୍ରହ ରହିଛି। ନୃତ୍ୟ, ସଙ୍ଗୀତ ଓ ସାହିତ୍ୟ ସହିତ ଭବିଷ୍ୟତରେ ଯୋଡି ହେବାର ନିଶା ଅଛି ଲାଶ୍ୟାର। ଭବିଷ୍ୟତରେ ସେ ଜଣେ ସମାଜସେବୀ ହେବେ ବୋଲି ଇଚ୍ଛା ରଖିଛନ୍ତି। ଲାଶ୍ୟାଙ୍କ ଚିନ୍ତାଧାରାକୁ ନେଇ ତାଙ୍କ ବାପା-ମା' ଓ ପରିବାର ଭିତରେ ଆଗ୍ରହ ଦେଖାଦେଇଛି। ଲାଶ୍ୟାଙ୍କ ଏଭଳି ପ୍ରତିଭା ଯୋଗୁ ସେ ବିଦ୍ୟାଳୟ ତଥା ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି।

## ଓଡ଼ିଶାର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଅବଦାନ ଅତୁଳନୀୟ: ଅନିଲ ବିଶ୍ୱାଳ

**ଭୁବନେଶ୍ୱର :** ବିଜୁ ଜନତା ଦଳରେ ନୂଆ ନୂଆ ସାମିଲ ହୋଇଥିବା ନେତାମାନଙ୍କୁ ଏବେ ତାଙ୍କ ଦଳର ଗୁମାସ୍ତାଙ୍କ ପ୍ରତି ସମର୍ପଣ ଭାବର ପରୀକ୍ଷା ଦେବାକୁ ପଡୁଛି। ସେଥିପାଇଁ ସେମାନେ ପ୍ରତିଦିନ ବିଜେଡିର ମିଛକୁ ଘୋଷିବା ପାଇଁ ବାଧ ହେଉଛନ୍ତି। ଯେଉଁ ବିଜେଡି ପ୍ରାର୍ଥୀ ନିଜେ ଲୋକସଭା ନିର୍ବାଚନରେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରୁ ବିପୁଳ ପରିମାଣର ଭୋଟରେ ହାରୁଛନ୍ତି, ସେ ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିଜୟକୁ ନେଇ ପ୍ରଶ୍ନ କରୁଥିବା ଦେଖି ନିଶ୍ଚିତଭାବରେ ସମ୍ବଲପୁର ସମେତ ସାରା ଓଡ଼ିଶାର ଲୋକ ହସୁଥିବେ। ବିଜୁ ଜନତା ଦଳରେ କିଏ ଭଲ କ୍ରୀତଦାସ ତାକୁ ନେଇ ଏକ ପ୍ରତିଯୋଗିତା ଚାଲିଛି। ସେହି କ୍ରୀତଦାସ ପ୍ରତିଯୋଗିତାରେ କିଛି ନୂଆ ବିଜେଡି ନେତା ଏବେ ପୁରୁଣା ବିଜେଡି ନେତାଙ୍କୁ ପଛରେ ପକାଇ ଦେବା ଭଳି ଲାଗୁଛି ବୋଲି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି। ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମନ୍ତ୍ରୀତ୍ୱ ସମୟରେ କେବଳ ସମ୍ବଲପୁର ନୁହେଁ ବରଂ ସାରା ଓଡ଼ିଶା ଲାଭାନ୍ୱିତ ହୋଇଛି। ସାରା ଓଡ଼ିଶା ପ୍ରତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବଦାନ ଅତୁଳନୀୟ। ସମ୍ବଲପୁରରେ ଆଇଆଇଏମ୍‌ର ପ୍ରତିଷ୍ଠା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ପାଇଁ ସମ୍ଭବ ହୋଇଛି। ଆଜି ସମ୍ବଲପୁରରେ ଆଇଆଇଏମ୍‌ର ଏକ ବିଶାଳ ଓ ଚିତାକର୍ଷକ ସ୍ଥାନୀୟ କ୍ୟାମ୍ପସ ଠିଆ ହୋଇଛି। ସେହିପରି କଳା ଓ ହସ୍ତଶିଳ୍ପର ବିକାଶ ଓ ସମୃଦ୍ଧି ପାଇଁ ସମ୍ବଲପୁରଠାରେ ଏସ୍‌ଆଇଡିବିଆଇ ଦ୍ୱାରା ୧୦୦କୋଟି ଟଙ୍କାର ଏକ ବିଶେଷ ଇନ୍‌କ୍ୟୁବେଟର କେନ୍ଦ୍ର ସ୍ଥାପନ ହୋଇଛି। ସମ୍ବଲପୁରରେ ଦେଶର ପ୍ରଥମ ଅତ୍ୟାଧୁନିକ ସ୍କିଲ



ଇଣ୍ଡିଆ ସେଣ୍ଟର ଉଦ୍‌ଘାଟିତ ହୋଇସାରିଛି। ୯୪୭କୋଟି ଟଙ୍କା ବ୍ୟୟରେ ସମ୍ବଲପୁର ଆଉଟ୍‌ର ରିଙ୍ଗ୍ ରୋଡ ନିର୍ମାଣ ହୋଇଛି। ସମ୍ବଲପୁର ଅଇଁଠାପାଲିଠାରେ ୩୭୪କୋଟି ଟଙ୍କା ବ୍ୟୟରେ ୬ଲେନ୍ ଫ୍ଲାଇଓଭର କାମ୍ ସ୍ୱୀକୃତ ହୋଇଛି। ଦେବଗଡ ଓ ସମ୍ବଲପୁରକୁ ମଧ୍ୟ ଓଡ଼ିଶାରୁ ଯାତାୟତକୁ ସୁଗମ କରିବା ପାଇଁ ୧୩୧୨କୋଟି ଟଙ୍କା ବ୍ୟୟରେ ୭୮କିମି ଲମ୍ବ ବିଞ୍ଜାବାହାଲ-ତିଳେଇବଣି ରାସ୍ତାକାମ ସମ୍ପୂର୍ଣ୍ଣ ହୋଇଛି। ସମ୍ବଲପୁର ରେଳଷ୍ଟେସନ ୩୪୮କୋଟି ଟଙ୍କା ବ୍ୟୟରେ ପୁନଃବିକାଶ କରାଯାଉଛି। ଯେଉଁ ମୁଖ୍ୟମନ୍ତ୍ରୀ ୨୫ବର୍ଷ ଶାସନରେ ରହିବା ପରେ ନିଜ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିରେ ଗୋଟିଏ ଶୀତଳ ଭଣ୍ଡାର ସ୍ଥାପନ କରିପାରିଲେ ନାହିଁ, ଗୋଟିଏ ଛୁଂଚି କାରଖାନା ହିଞ୍ଜିଳିରେ ସ୍ଥାପନା କରିପାରିଲେ ନାହିଁ, ନିଜ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିର ଦାଦନ ଶ୍ରମିକ ସମସ୍ୟା ସମାଧାନ କରିପାରିଲେ ନାହିଁ, ସେହି ଦଳ ଅନ୍ୟକୁ ପ୍ରଶ୍ନ କରିବା ବାହାପିଆଙ୍କ ବାରବାଟୀ ଚାଷ ସହିତ ସମାନ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।

## ପୂର୍ତ୍ତ ବିଭାଗର ସଂକୀର୍ଣ୍ଣ ଡ୍ରେନ୍ ନିର୍ମାଣ ଯୋଗୁଁ କୃତ୍ରିମ ବନ୍ୟା ଆଶଙ୍କା

**ଗୁଣୁପୁର :** ଗୁଣୁପୁର ସହର ମୁଖ୍ୟ ରାସ୍ତାର ଛକ ଗୁଡିକ ଓସାର ହେବା ସହ ମାଷ୍ଟର ଡ୍ରେନ କରି ଜଳ ନିଷ୍କାସନ ନିମନ୍ତେ କୋଟି କୋଟି ଟଙ୍କା ଅନୁଦାନ ଖର୍ଚ୍ଚ ହେଉଛି। ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଏହି କାମ ଏକ ଠିକା କମ୍ପାନୀ ଆରମ୍ଭ କରିଛି। ରାସ୍ତାର ଉଭୟ ପଟୁ ଗଛ କଟା ସରିଛି। ରାସ୍ତାର ଉଭୟ ପାର୍ଶ୍ୱରେ ସିମେଣ୍ଟ ୱାଲ ଗୁଡିକ ନିର୍ମାଣ ଚାଲିଛି। ଜଳ ନିଷ୍କାସନ ପାଇଁ ଡ୍ରେନ କାମ ଚାଲିଛି। ସଂକୀର୍ଣ୍ଣ ଡ୍ରେନ ନିର୍ମାଣ କାମକୁ ନେଇ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେବ ବୋଲି ଆଲୋଚନା ହେଉଛି। ପୂର୍ତ୍ତ ବିଭାଗ ସଂକୀର୍ଣ୍ଣ ଡ୍ରେନ୍ କରୁଥିବାବେଳେ ବେସରକାରୀ ଅନୁଷ୍ଠାନ ଓ ବିଭିନ୍ନ ବ୍ୟବସାୟିକ ଦୋକାନ ଗୁଡିକର ଜଳ ନିଷ୍କାସନ ନିମନ୍ତେ ସେମାନେ ନିଜେ ମାଷ୍ଟର



ଡ୍ରେନ ନିର୍ମାଣ କରିଛନ୍ତି। ଡ୍ରେନ ନିର୍ମାଣ କାମର ତାରତମ୍ୟକୁ ନେଇ ପୂର୍ତ୍ତବିଭାଗ ଉପରେ ସ୍ଥାନୀୟ ଜନସାଧାରଣଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିର୍ମାଣଧିନ ଡ୍ରେନରେ ଗୁଣୁପୁର ପୌରପରିଷଦର ବଳରାମ ନଗର, ବାବୁଲି ନଗର, ବୃନ୍ଦାବତୀ ନଗର, ଆଦର୍ଶନଗର, ମୁଡେଲୁ ନଗର, ଜଗନ୍ନାଥ ନଗର, ଆମ୍ରୁ ନଗର ଓ ମହିମା ନଗରଠାରେ ଥିବା ଲଣ୍ଡା ପାହାଡ, ଶେଫାଳି ପାହାଡରେ ବର୍ଷା ହେଲେ ପାଣି ଏହି ଡ୍ରେନ୍ ଦେଇ ପ୍ରବାହିତ କରିବ। ପୂର୍ତ୍ତବିଭାଗ କରୁଥିବା ଡ୍ରେନର ପ୍ରସ୍ଥ ସଂକୀର୍ଣ୍ଣ ରହିଥିବାରୁ ଏହି ଅଞ୍ଚଳ ଗୁଡିକର ଜଳ ନିଷ୍କାସନରେ ବାଧା ସୃଷ୍ଟି ହେବ। ଆଗକୁ ଡ୍ରେନ୍ ଜାମ୍ ହୋଇ କୃତ୍ରିମ ବନ୍ୟା ହେବାର ଆଶଙ୍କା ରହିଛି ବୋଲି ଆଲୋଚନା ହେଉଛି।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286


## ସହରରେ ନିର୍ମାଣ କାମ; ନାହିଁ ସୂଚନା ଫଳକ, ଅନ୍ଧାରରେ ଲୋକ

**ଭବାନୀପାଟଣା :** ସରକାରୀ କାର୍ଯ୍ୟର ସ୍ୱଚ୍ଛତା ପାଇଁ ସବୁ କାର୍ଯ୍ୟସ୍ଥଳୀରେ ସୂଚନା ଫଳକ ଲଗାଇବାକୁ ସରକାର ନିୟମ କରିଛନ୍ତି। କିନ୍ତୁ ସଂପ୍ରତି ସହର ମଧ୍ୟରେ ବିଭିନ୍ନ ବିଭାଗ ଏବଂ ନଗରପାଳିକା ପକ୍ଷରୁ ଅନେକ ନିର୍ମାଣ କାର୍ଯ୍ୟ ହେଉଛି। ଅଥଚ ଅଧିକାଂଶ ସ୍ଥାନରେ ସୂଚନା ଫଳକଟିଏ ନାହିଁ। ଫଳରେ ସରକାରୀ ନିୟମକୁ ବିଭାଗ ଗୁଡିକ ଗୁରୁତ୍ୱ ଦେଉନଥିବା ପରିଲକ୍ଷିତ ହେଉଛି। ଉଲ୍ଲେଖ ଯୋଗ୍ୟ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା, ଲୋକଙ୍କ ନିକଟରେ ସୂଚନା ପହଞ୍ଚାଇବା ଉଦ୍ଦେଶ୍ୟରେ ସମସ୍ତ କାର୍ଯ୍ୟସ୍ଥଳୀରେ ସୂଚନା ଫଳକ ବାଧ୍ୟତାମୂଳକ କରାଯାଇଛି। ଅଥଚ କଳାହାଣ୍ଡି ଜିଲ୍ଲା ମହକୁମାରେ ଏହାର ବ୍ୟତିକ୍ରମ





ଦେଖିବାକୁ ମିଳିଛି। ଗତ କିଛି ମାସ ଧରି ସହରର ବିଭିନ୍ନ ରାସ୍ତାରେ ପିଚୁ କାମ ହେଉଛି। ଅଥଚ ଅଧିକାଂଶ ରାସ୍ତାରେ ସୂଚନା ଫଳକଟିଏ ନାହିଁ। ସହରର ଇରିଗେଶନ କଲୋନୀ, ଷ୍ଟାଚୁ ଛକ, ଜେଲଖନା ଛକ, ପୁରୁଣା ପଡା ଗାୟତ୍ରୀ ମନ୍ଦିର ଛକରୁ ସ୍କୁଲ ଛକ, ସ୍କୁଲ୍ ଛକରୁ ଶମ୍ଭୁନଗର ତ୍ରିନାଥ ମନ୍ଦିର, ତ୍ରିନାଥ ମନ୍ଦିର ଠାରୁ ମାଲସୁ କିରାନା ଦୋକାନ ରାସ୍ତା, ନାଳି ଆଦି ବିନା ସୂଚନା ଫଳକରେ ଚାଲିଛି। ପୁଣି ପୁରୁଣା ପଡାର ଦୁଇଟି ପୋଖରୀ କାମ ମଧ୍ୟ ବିନା ସୂଚନା ଫଳକରେ ଚାଲିଛି। ସହରର ଆଶା ସାଗରର ସୌନ୍ଦର୍ଯ୍ୟ କରଣ ପାଇଁ ପୋଖରୀ ଖନନ ଚାଲିଛି। ଗତ ନଭେମ୍ବର ମାସରୁ ଏହି କାମ ଚାଲିଛି। ବିଶ୍ୱସ୍ତ ସୂତ୍ର ଅନୁଯାୟୀ ପ୍ରାୟ ୬ କୋଟି ୫୦ ଲକ୍ଷରୁ ଅଧିକ ଟଙ୍କାର କାମ ହେଉଛି। ପ୍ରାୟ ୭୫ ଏକର ଜାଗା ପରିମିତ ଜାଗାରେ ଆଶା ସାଗର ବ୍ୟାପିଛି। କିନ୍ତୁ ଅଳ୍ପ କିଛି ଜାଗାରେ କାମ ଚାଲିଛି। କାହାର ବ୍ୟକ୍ତି ଗତ ସ୍ୱାର୍ଥ ସାଧନ ପାଇଁ କାମ ଗୁଡ଼ିକ ହେଉଛି ବୋଲି ସାଧାରଣ ପ୍ରଶ୍ନ ସୃଷ୍ଟି ହେଉଛି।



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**